

କୋହଲିଙ୍କୁ ଭାରତରତ୍ନ ଦାବିକଲେ ରାଇନା

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 59 | ଭାଗ ୩୪ | ସଂଖ୍ୟା ୫୯ | Bhubaneswar | Thursday 22 May 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୨୨ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ପିଏମ୍ ଜନମନ୍ ଯୋଜନାର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଦୁର୍ଗମ ଅଂଚଳକୁ ଯିବେ ସଚିବ



**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ) :** ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଥିବା ପିଏମ ଜନମନ୍ ଯୋଜନାର ପ୍ରଗତି ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ସଚିବ ମାନଙ୍କୁ ରାଜ୍ୟର ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ପ୍ରତ୍ୟେକ ଦୁର୍ଗମ ଅଂଚଳକୁ ପରିଦର୍ଶନରେ ଯାଇ ସେଠାକାର ପରିସ୍ଥିତି ପରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ମାନେ ଓ ଜିଲ୍ଲା ସ୍ତରରେ କାର୍ଯ୍ୟକରୁଥିବା ବିଭାଗୀୟ ଅଧିକାରୀ ମାନେ ମଧ ଚିହ୍ନଟ ହୋଇଥିବା ପ୍ରତ୍ୟେକ ଗ୍ରାମ ଓ ଜନବସତିକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ମଧ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ନିର୍ଦ୍ଦେଶ ଦେଇ କହିଥିଲେ।

- ଜିଲ୍ଲାପାଳମାନେ ଦେବେ ରିପୋର୍ଟ
- ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ

ପିଏମ ଜନମନ୍ ଯୋଜନାରେ ଓଡ଼ିଶାର ୧୪ଟି ଜିଲ୍ଲାର ୫୫ଟି ବ୍ଲକ, ୧୭୫୧ ଟି ଗ୍ରାମ/ ଜନ ବସତି, ୨୮୯ଟି ଗ୍ରାମ ପଂଚାୟତ ଏବଂ ୨ ଟି ପୌର ପରିଷଦ ଅଂଚଳ ଅନ୍ତର୍ଭୁକ୍ତ ଥିବା ବେଳେ ସମୁଦାୟ ୬୮,୬୦୫ଟି ପରିବାରର ୩,୧୪,୫୧୪ ଲୋକ ଏହି ଯୋଜନାର ସୁଫଳ ପାଇବେ । ବୈଠକରୁ ଜଣାଯାଇଛି ଯେ, ୨୦୨୬ ବର୍ଷ ଶେଷ ସୁଦ୍ଧା ୪୫,୪୦୮ଟି ଘର , ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରୁ ପ୍ରାୟ ୨୧୦ କିଲୋମିଟରର ପକ୍କା ସଡକ, ୧୬୪୬ ଟି ଗ୍ରାମକୁ ଟ୍ୟାପ୍ ଯୋଗେ ଜଳ ଯୋଗାଣ, ୩୫୧ଟି ଅଂଚଳରେ ମୋବାଇଲ ଟାୱାର ସଂଯୋଗୀକରଣ, ୪୦୫ଟି ଅଂଚଳର ଛାତ୍ର ଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣ, ୭୪ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ୧୪ ଟି ଜିଲ୍ଲାର ଯେଉଁ ଜନ ବସତିର ୫ କିଲୋମିଟର ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ, ସେହିପରି ସମସ୍ତ ଅଂଚଳରେ ମୋବାଇଲ ମେଡିକାଲ ୟୁନିଟର ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହିପରି ➪ପୃଷ୍ଠା-୬

### ଏକା ସଙ୍ଗେ ପ୍ରକାଶ ପାଇଲା ବିଜ୍ଞାନ, କଳା ଓ ବାଣିଜ୍ୟ ରେଜଲ୍ଟ

## ପୁଣି ଚମକିଲେ ଝିଅ

**ଭୁବନେଶ୍ୱର , ୨୧।୫(ସଂଚାର ବ୍ୟୁରୋ):** ପ୍ରକାଶ ପାଇଛି ଯୁକ୍ତ ଦୁଇ ପରୀକ୍ଷା ଫଳ । ଏକା ସାଙ୍ଗରେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଆଜି ଅପରାହ୍ଣ ୪ ଟା ସମୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରିଛନ୍ତି ବିଦ୍ୟାଳୟ

**ମୋଟ୍ ପାସ୍ ହାର ୮୨.୭୭ ପ୍ରତିଶତ**

- ❑ବିଜ୍ଞାନ-୮୭.୪୯ %
- ❑କଳା-୮୦.୫୧ %
- ❑ବାଣିଜ୍ୟ-୮୩.୨ %
- ❑ଧନ୍ଦାମୂଳକ-୬୦.୫୭ %



ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଚଳିତ ବର୍ଷ ସମୁଦାୟ ପାସ୍ ହାର ୮୨.୭୭ ପ୍ରତିଶତ ରହିଛି। ଏଥିରେ ଛାତ୍ରଙ୍କ ପାସ୍ ହାର ୭୭.୮୮ ପ୍ରତିଶତ ଥିବା ବେଳେ ୮୭.୨୪ ପ୍ରତିଶତରେ ଆଗୁଆ ରହିଛନ୍ତି ଛାତ୍ରୀ। ସେହିପରି ବିଜ୍ଞାନରେ ପାସ୍ ହାର ୮୭.୪୯ ପ୍ରତିଶତ, କଳାରେ ପାସ୍ ହାର ୮୦.୫୧ ପ୍ରତିଶତ, ବାଣିଜ୍ୟରେ ପାସ୍ ହାର ୮୩.୨ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୬୦.୫୭ ପ୍ରତିଶତ ରହିଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷା ଫଳ https://results.odisha.gov.in ଏବଂ https://results.digilocker.gov.in ୱେବସାଇଟରେ ଜାଣିପାରିବେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଚଳିତ ବର୍ଷର ପରୀକ୍ଷା ଫଳ ସମ୍ପର୍କରେ ଖୁସି ବ୍ୟକ୍ତ କରିବା ସହ ପିଲାମାନଙ୍କର ସଫଳ ଭବିଷ୍ୟତର କାମନା କରିଛନ୍ତି। ଚଳିତ ବର୍ଷ ଉତ୍କୃଷ୍ଟ ପରୀକ୍ଷା ଫଳ ହୋଇଥିବା ସେ ମଧ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ବର୍ଗରେ ମୋଟ୍ ୩ ଲକ୍ଷ ୮୨ ହଜାର ୭୨୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୩ ଲକ୍ଷ ୧୬ ହଜାର ୭୮୭ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ୧ ଲକ୍ଷ ୪୨ ହଜାର ୫୧୨ ଜଣ ଛାତ୍ର ପାସ୍ ହୋଇଥିବା ବେଳେ ୧ ଲକ୍ଷ ୭୪ ହଜାର ୨୫୧ ଜଣ ଛାତ୍ରୀ ପାସ୍ ହୋଇଛନ୍ତି। ସେହିପରି ➪ପୃଷ୍ଠା-୬

### ୨୪ ଘଣ୍ଟା ପୂରିଲାନି

## ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ



**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ):** ସ୍ଥଗିତ ରହିଲା ପଞ୍ଚାୟତ ଉପନିର୍ବାଚନ। ସଅଳ ମୌସୁମୀ ଆସୁଥିବାରୁ ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ ରଖିଛନ୍ତି। ଜୁନ୍ ୨୩ ତାରିଖରେ ଉପନିର୍ବାଚନ ନେଇ ଆଜି ଘୋଷଣା ହୋଇଥିଲା। ୧୧୩୧ଟି ଖାଲି ପଦ ପାଇଁ ହୋଇଥାଆନ୍ତା ଉପନିର୍ବାଚନ। ମୌସୁମୀ ଶେଷ ହେଲେ ପୁଣିଥରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ସନ୍ତୋଷ କୁମାର ଦାସ। ➪ପୃଷ୍ଠା-୬

## ଅପରେସନ ବ୍ଲାକ୍ ଫରେଷ୍ଟ ୨୭ ମାଓବାଦୀ ନିପାତ





- ✪ମାଓ ଲିଡର ବାସବରାଜୁ ନିହତ
- ✪ମୁଣ୍ଡ ଉପରେ ଥିଲା ଦେଢ଼ କୋଟି
- ✪କମ୍ବିଂରେ ଜଣେ ଯବାନ ସହିଦ

**ରାୟପୁର, ୨୧।୫:** ବଡ଼ ମାଓ ବିରୋଧୀ ଅଭିଯାନକୁ ବଡ଼ ସଫଳତା। ଛତିଶଗଡ଼ରେ ଯବାନଙ୍କ ଗୁଳିରେ ବଡ଼ ମାଓନେତା ନମ୍ବାଲା କେଶବ ରାଓ ଓରଫ ବାସବ ରାଜୁଙ୍କ ସମେତ ୨୭ ନକ୍ସଲ ନିପାତ । ବାସବ ରାଜୁଙ୍କ ନାଁରେ ଦେଢ଼କୋଟି ଟଙ୍କାର ପୁରସ୍କାର ଥିଲା । ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଟ୍ୱିଟ୍ କରି ସୁରକ୍ଷାକର୍ମୀଙ୍କୁ ପ୍ରଶଂସା କରିଛନ୍ତି । ଗୁଇନ୍ଦା ଖବର ଥିଲା, ଛତିଶଗଡ଼ ଅବୁଝମାଡ଼ ଜଙ୍ଗଲ ଅନ୍ତର୍ଗତ ଜାଟଲୁର ଅଞ୍ଚଳରେ ବଡ଼ବଡ଼ ମାଓନେତା ଓ କମାଣ୍ଡର ଏକାଠି ହୋଇଛନ୍ତି । ଛତିଶଗଡ଼ର ନାରାୟଣପୁର ସମେତ ଦାନ୍ତେୱାଡ଼ା ଓ କୋଣ୍ଡାଗାଓଁର ଡିଆରଜି ଯବାନଙ୍କ ପକ୍ଷରୁ ପୂରା ଅଞ୍ଚଳକୁ ଘେରାବନ୍ଦୀ କରିଦିଆଗଲା । ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ଏନକାଉଣ୍ଟରରେ ମାଓ ସଂଗଠନର ବଡ଼ନେତା ନମ୍ବାଲା କେଶବ ରାଓ ଓରଫ ବାସବ ରାଜୁଙ୍କ ସମେତ ୨୭ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି । ସେମାନଙ୍କ ନିକଟରୁ ଏକେ-୪୭ ବନ୍ଧୁକ, ଏସଏଲଆର ଆଦି ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ନମ୍ବାଲା କେଶବ ରାଓ ଓରଫ ବାସବରାଜୁ ଓରଫ ଗଗନ୍ନା । ପ୍ରାୟ ୭୦ ବର୍ଷୀୟ ନମ୍ବାଲା କେଶବ ରାଓ ଗତ ୪ ଦଶନ୍ଧି ଧରି ଓଡ଼ିଶା, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ରେ ଲାଲ୍ ଆତଙ୍କ ଜାରି ରଖିଥିଲେ । ଗତ ୭ ବର୍ଷ ଧରି ସଂଗଠନର ମହାସଚିବ ଭାବେ ୭ଟି ରାଜ୍ୟରେ ସଂଗଠନ ସୁଦୃଢ଼ କରିବାକୁ ଉଦ୍ୟମ କରୁଥିଲେ। ତେବେ ଅବୁଝମାଡ଼ ଜଙ୍ଗଲରେ ଗୁଳିବିନିମୟରେ ବାସବରାଜୁ ଟଳିପଡ଼ି ଥିବା ବେଳେ ଜଣେ ଡିଆରଜି ଯବାନ ସହିଦ ଓ କିଛି ଯବାନ ଆହତ ହୋଇଛନ୍ତି । ଯବାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଟ୍ୱିଟ୍ କରି ପ୍ରଶଂସା କରିଛନ୍ତି। ବାସବ ରାଜୁର ମୃତ୍ୟୁରେ ମାଓ ସଂଗଠନର ମେରୁଦଣ୍ଡ ଭାଙ୍ଗି ଯାଇଛି । ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ପାଇଁ ଚାଲିଥିବା ଅଭିଯାନରେ ୨୦୨୪ ଠାରୁ ଆଜି ସୁଦ୍ଧା ୪୦୦ରୁ ଅଧିକ ମାଓବାଦୀ ନିପାତ ହୋଇଥିବା ବେଳେ ୧୪୦୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।

## ଶିଳ୍ପାୟନର ଆଉ ଏକ ମାଇଲଖୁଣ୍ଟ

### ଆଜି ୧୬ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ



**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ) :** ଆସନ୍ତାକାଲି ରାଜ୍ୟର ଶିଳ୍ପାୟନ କ୍ଷେତ୍ରରେ ଯୋଡ଼ିହେବ ନୂଆ ଅଧ୍ୟାୟ। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ କଳିଙ୍ଗନଗରରେ ଛିଡ଼ା ହେବ ଆଉ ଏକ ମାଇଲଖୁଣ୍ଟ। କେବଳ ଯୋଜନା କି ପ୍ରତିଶ୍ରୁତି ନୁହେଁ, ସଫଳ ହେବ ଓଡ଼ିଶାର ଶିଳ୍ପାୟନ ସ୍ୱପ୍ନ। ହଜାର ହଜାର ଯୁବକ ଯୁବତୀଙ୍କୁ ମିଳିବ ନିଯୁକ୍ତି ଆଉ ଦ୍ରୁତ ବେଗ ଆଗେଇବ ରାଜ୍ୟର ଅର୍ଥନୀତି।

ଆସନ୍ତାକାଲି ଯାଜପୁର ଜିଲ୍ଲା ସୁକିନ୍ଦା ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୧୨ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ପ୍ରକଳ୍ପ ଗୁଡ଼ିକ ପାଇଁ ମୋଟ ବ୍ୟୟ ଅଟକଳ ୧ ଲକ୍ଷ ୧୪ ହଜାର କୋଟି । ସୁକିନ୍ଦାଠାରେ ନୂତନ ଭାବେ ଗଢି ଉଠିଥିବା ଜଟିଆ ଷ୍ଟିଲ ପ୍ଲାଣ୍ଟ ସହ ମୋଟ ୪ଟି କମ୍ପାନୀର ଉଦଘାଟନ କରିବେ ସିଏମ୍ । ଏଥିସହ ଟାଟାର ୬୩ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିବେ । ଏସବୁ ପ୍ରକଳ୍ପ ଦ୍ୱାରା ୩୪ ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ ।

ଖଣିଜ ସମ୍ପଦ ଭରା ସୁକିନ୍ଦା ଅଞ୍ଚଳରେ ପ୍ରଚୁର ପରିମାଣରେ କ୍ରୋମାଇଟ୍ ରହିଛି । ଦେଶର ବଡ଼ ବଡ଼ ଷ୍ଟିଲ ଉତ୍ପାଦନକାରୀ କମ୍ପାନୀ କଳିଙ୍ଗନଗର ଶିଳ୍ପ କରିଡରକୁ ଅଧିକ କଞ୍ଚାମାଲ ସହ ଭଲ ଉତ୍ପାଦନ ➪ପୃଷ୍ଠା-୬

## ରଥଯାତ୍ରା ପାଇଁ ଚୂଡାନ୍ତ ହେଲା ନୀତି ନିର୍ଘଣ୍ଟ

● ମହାପ୍ରଭୁଙ୍କ ଯାତ୍ରାକୁ ଶୃଙ୍ଖଳିତ କରିବାକୁ ଗୁରୁତ୍ୱ



**ପୁରୀ, ୨୧।୫ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ରଥଯାତ୍ରା ଦିନ ସକାଳ ୬ଘଟିକା ଠାରୁ ମଙ୍ଗଳା ଆଳତି ନୀତି ଅନୁଷ୍ଠିତ ହେବା ସହ ସକାଳ ୯ଟା ସୁଦ୍ଧା ରଥ ପ୍ରତିଷ୍ଠା ନୀତି କରାଯାଇ ୯ଟା ୩୦ରେ ପହଣ୍ଡି ଆରମ୍ଭ କରାଯିବ ଏବଂ ଅପରାହ୍ନ ୪ଟାରେ ରଥ ଟଣା ନୀତି କରାଯିବାକୁ ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି । ସେହିପରି ଜୁନ ୧୧ତାରିଖ ଦିନ ପଡୁଥିବା ଦେବସ୍ନାନ ପୂର୍ଣ୍ଣିମାର ନୀତି ନିର୍ଘଣ୍ଟ ମଧ୍ୟ ସ୍ଥିରୀକୃତ ହୋଇଥିବାବେଳେ ଭୋର ୫ଟାରୁ ପହଣ୍ଡି ଆରମ୍ଭ କରାଯାଇ ଦିନ ୧୨ଟା ୨୦ରୁ ୧.୪୫ମଧ୍ୟରେ ଶ୍ରୀବିଗ୍ରହ ମାନଙ୍କ ଜଳବିଜେ, ପୂଜା ଓ ସ୍ନାନ ନୀତି କରାଯିବ । ଅପରାହ୍ନ ୪ଟା ୩୦ରେ ହାତି ବେଶ ଅନୁଷ୍ଠିତ ➪ପୃଷ୍ଠା-୬

### ସିଟିଟିସି ପରିଦର୍ଶନ କଲେ ଇସ୍ରୋ ଅଧ୍ୟକ୍ଷ

## ୨୦୨୭ରେ ସ୍ପେସକୁ ଯିବେ ମଣିଷ

**ଭୁବନେଶ୍ୱର, ୨୧।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ବା ସିଟିଟିସି ପରିଦର୍ଶନ କରିଛନ୍ତି ଇଣ୍ଡିଆନ ସ୍ପେସ ରିସର୍ଚ୍ଚ ଅର୍ଗାନାଇଜେସନ ବା ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ୍ । ଏହି ଅବସରରେ ସେ ଅପରେସନ ସିନ୍ଦୂରରେ ନିର୍ଦ୍ଦିଷ୍ଟ ଭାବେ ଇସ୍ରୋର ଭୂମିକା ଥିଲା ତାହା ଜଣାଇ ନଥିଲେ ମଧ ଏବେ ଇସ୍ରୋର ୫୬ ସାଟେଲାଇଟ କାର୍ଯ୍ୟକ୍ଷମ ଅଛି, ଯାହା ମଧ୍ୟରୁ ଅନେକ ଦେଶର ସୁରକ୍ଷା ପାଇଁ ବ୍ୟବହାର ହେଉଛି ବୋଲି କହିଛନ୍ତି ଇସ୍ରୋ ଅଧ୍ୟକ୍ଷ । ସେ କହିଛନ୍ତି, ଇସ୍ରୋ ଦେଶର ସୀମା ସୁରକ୍ଷା ସହ ଖାଦ୍ୟ ନିରାପତ୍ତା,



ଜଳ ନିରାପତ୍ତା, ଟେଲି ଏଜୁକେଶନ, ପାଣିପାଗଦିଗରେ ମଧ କାମ କରୁଛି । ଏବେ ଇସ୍ରୋ ଚନ୍ଦ୍ରାୟନ ୪ ଓ ଚନ୍ଦ୍ରାୟନ-୫ ଉପରେ କାମ କରୁଛି । ଚନ୍ଦ୍ରାୟନ ୪ ଏକ ସାମ୍ପୁଲ କଲେକ୍ସନ ମିଶନ ଭାବେ ➪ପୃଷ୍ଠା-୬

## ସମ୍ବେଦନହୀନ ବିଡିଏ, ଜିଏ ଅଧିକାରୀ

- ବଡ଼ ବଡ଼ିଆଙ୍କୁ ଡର, ଗରିବଙ୍କ ଉପରେ ଦାଦାଗିରି
- ଦୋଷ କଲା କିଏ, ଭୋଗୁଛି କିଏ ?
- ଖୋଲା ଆକାଶ ତଳେ ଏକାଧିକ ପରିବାର



**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ) :** ବିଡିଏ, ବିଏମସି ଓ ସାଧାରଣ ପ୍ରଶାସନ ବିଭାଗ ଗରିବଗୁରୁବାଙ୍କ ଉପରେ ଦାଦାଗିରୀ ଦେଖାଇ କଲର ଟେକି ବୁଲୁଛନ୍ତି। ସରକାରୀ କ୍ୱାଟର ଭଡାରେ ଦେବା କିମ୍ବା ବେଆଇନ ଭାବେ ଦଖଲରେ ରଖିବା ନିଶ୍ଚିତ ଭାବେ ଅପରାଧ। ତେଣୁ ଯିଏ ଭଡା ଦେଇ ଭଡା ଆଦାୟ କରୁଥିଲା ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି। କିନ୍ତୁ ଯେଉଁ ଗରିବଗୁରୁବା ଲୋକ ଭଡାରେ ରହୁଥିଲେ ସେମାନଙ୍କୁ ହଠାତ ରାସ୍ତାକୁ ଫୋପାଡି ଦେବା କି ନ୍ୟାୟ ବୋଲି ଏବେ ରାସ୍ତାରେ ଖୋଲା ଆକାଶ ତଳେ ରାତି ବିତାଉଥିବା ଏକାଧିକ ପରିବାର ପ୍ରଶ୍ନ କରୁଛନ୍ତି। ➪ପୃଷ୍ଠା-୬

### କୁଆପଥର ମାଡ଼ରେ ଭାଙ୍ଗିଲା ଇଣ୍ଡିଗୋ ବିମାନ

## ବର୍ତ୍ତିଲେ ୨୨୭ ଯାତ୍ରୀ



**ନୂଆଦିଲ୍ଲୀ, ୨୧।୫:** ଦିଲ୍ଲୀରୁ ଶ୍ରୀନଗର ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ ମଙ୍ଗଳବାର ସନ୍ଧ୍ୟାରେ ମଝି ଆକାଶରେ ପ୍ରବଳ ଝଡ଼ବର୍ଷାର ସମ୍ମୁଖୀନ ହୋଇଥିଲା। ଯାହାଫଳରେ ପାଇଲଟ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ନିକଟରେ ଜରୁରୀ ସ୍ଥିତି ଘୋଷଣା କରିଥିଲେ। ଶ୍ରୀନଗର ପାଖେଇବା ସମୟରେ ➪ପୃଷ୍ଠା-୬

## ଆନ୍ଦୋଳନକୁ ଓହ୍ଲାଇ ଭାଣ୍ଡିଆ ହେଲା ବିଜେଡି

**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ) :** ଦଳର ନବକଳେବର ପରେ ପ୍ରଥମଥର ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ବିଜେଡି ଆଜି ଏକ ପ୍ରକାର ଭାଣ୍ଡିଆ ହୋଇଯାଇଛି।

### ଆସିଲେନି ମୁଖିଆ

ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ଦାବିରେ ଦଳର କର୍ମକର୍ତ୍ତାମାନେ ରାସ୍ତାକୁ ଓହ୍ଲାଇଥିବାବେଳେ ପ୍ରସଙ୍ଗରେ ସେଭଳି କୌଣସି ଦମ୍ ନଥିବାରୁ ଖୋଦ୍ ଦଳପତି ବି ସଭାସ୍ଥଳକୁ ଆସିଲେ ନାହିଁ। ଆନ୍ଦୋଳନକୁ ଆସି ରାସ୍ତାଘାଟ ଜାମ୍ କରିଥିବା କର୍ମୀମାନେ ଏବେ ୨୫ବର୍ଷ କ୍ଷମତାରେ ଥିବାବେଳେ କାହିଁକି ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରିନଥିଲ ବୋଲି ଓଲଟା ପ୍ରଶ୍ନ କରିଛନ୍ତି ।



ନବୀନ ପଟ୍ଟନାୟକ ନବମଥର ପାଇଁ ଦଳର ମଙ୍ଗ ଧରିବାପରେ ବିଜେଡି ଆଜି ସଂରକ୍ଷଣ ପ୍ରସଙ୍ଗକୁ ଆୟୁଧ କରି ରାଜଭବନ ସାମ୍ନାରେ ପ୍ରତିବାଦ କରିଥିଲା। ମୁଖ୍ୟ ଦାବି ଥିଲା ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ । ତେବେ ବିଜେଡିର ଯେଉଁ ନେତାମାନେ ସଭାସ୍ଥଳରେ କଣ୍ଠ ଫଟାଇ ସରକାରଙ୍କୁ ସମାଲୋଚନା କରୁଥିଲେ ସେମାନେ ଭଲଭାବେ ଜାଣିଛନ୍ତି ଯେ ପଛୁଆବର୍ଗଙ୍କ ସଂରକ୍ଷଣ ସୀମା ୧୧.୨୫ ପ୍ରତିଶତରୁ ୨୭ ପ୍ରତିଶତକୁ ବୃଦ୍ଧି କରାଗଲେ ମୋଟ୍ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ଟପିବ। ଏହା ସୁପ୍ରିମକୋର୍ଟର ନିର୍ଦ୍ଦେଶକୁ ଅବମାନନା କରିବ। ଜବରଦସ୍ତି ନିୟମ ଲାଗୁ କଲେ ବି ତାହାକୁ ସୁପ୍ରିମକୋର୍ଟ ଖାରଜ କରିଦେବେ । ସବୁ ଜାଣିଥିଲେ ବି ଆନ୍ଦୋଳନ ପାଇଁ ବାହାନା ଖୋଜୁଥିବା ବିଜେଡି ନେତାମାନେ ଏହି ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇଥିଲେ । ଯେହେତୁ ଦଳପତି ଅସଲ କଥା ଜାଣିଛନ୍ତି ତେଣୁ ସିଏ ସଭାସ୍ଥଳକୁ ଆସିଲେ ନାହିଁ। ଏବେ କର୍ମୀମାନେ ପ୍ରଶ୍ନ କରୁଛନ୍ତି ଯେ ➪ପୃଷ୍ଠା-୬

## ହିସାବ କିତାବ୍ ଠିକ୍ ଆଛେ, ଛେଲେ ଡୁବଛେ କ୍ୟାନୋ



ରାଜାଙ୍କ ତେରଛା ବାଣ
ଦଳରେ ହଲରବଲର ଚଳିବନି

ଆଜି ବିଜେଡି ନେତାମାନେ ଝାଳ ନାଳ ହୋଇ ସଂରକ୍ଷଣ ପ୍ରସଙ୍ଗକୁ ନେଇ ରାଜଭବନ ସାମ୍ନାରେ ପ୍ରତିବାଦ କରୁଥିବାବେଳେ ସେମାନଙ୍କ ସଭାରେ କିନ୍ତୁ ଷଣ୍ଢ ପୂରାଇ ଦେଇଛନ୍ତି ପଛୁଆବର୍ଗଙ୍କ ସପକ୍ଷରେ ଦୀର୍ଘଦିନରୁ ଓକିଲାତି କରି ଆସୁଥିବା ବରିଷ୍ଠ ବିଧାୟକ ରାଜା ସ୍ୱାଇଁ । ରାଜା ସ୍ୱାଇଁ ସଭାସ୍ଥଳରେ କେବଳ ବିଜେଡି ନେତାମାନଙ୍କୁ କଟୁ ସମାଲୋଚନା କରିନାହାନ୍ତି, ଓବିସିଙ୍କୁ ଅଣଦେଖା ପାଇଁ କିଭଳି କ୍ଷମତାରୁ ଯିବାକୁ ପଡିଲା ତାହା ଗୋଟି ଗୋଟି କରି କହିଛନ୍ତି । ସଭାସ୍ଥଳରେ ରାଜା ସ୍ୱାଇଁ ହାଜର ହେବାପରେ ସମସ୍ତେ ଭାବିଥିଲେ ରାଜା ସରକାରଙ୍କୁ ଧୋଇଦେବେ। ହେଲେ ରାଜା ବିଜେପିକୁ ଧୋଇବା ସହ ନିଜ ➪ପୃଷ୍ଠା-୬



## ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା

**ମହାକାଳପଡ଼ା, ୨୧।୫ (ସଂଚାର ବ୍ୟୁରୋ):** ଭାରତୀୟ ଜବାନଙ୍କ ମନୋବଳ ଦୃଢ଼ କରିବାକୁ ରାଷ୍ଟ୍ରୀୟ ନାଗରିକ ସମାଜ ତରଫରୁ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଡ଼ରୋମିତ ଠାରୁ ପୁରୁଣୋଗପୁର ପର୍ଯ୍ୟନ୍ତ ଏକ "ପରାକ୍ରମ ଶୋଭାଯାତ୍ରା" ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେପି ଦଳର ବହୁ କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଜନସାଧାରଣଙ୍କ ଶୋଭାଯାତ୍ରାରେ ସାମିଲ ହୋଇ ଭାରତୀୟ ବୀର ଯବାନଙ୍କ ପରାକ୍ରମ ସମର୍ଥନରେ ନାରା ଦେଇଥିଲେ । 'ଅପରେସନ ସିନ୍ଦୂର' ଜରିଆରେ ଭାରତ ପରାକ୍ରମକୁ ସାରା ବିଶ୍ୱ ଦେଖିଛି । ଭାରତର ଯବାନମାନେ ନିଜର ପରାକାଷ୍ଠା ଦେଖାଇବା ସହ ନିପୁଣତା ସହକାରେ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ପାକିସ୍ତାନୀ ତତ୍ତ୍ୱ ମାନଙ୍କୁ ଉଚିତ୍ ଜବାବ୍ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଭ୍ୟ କୁମର କାନ୍ତ ମହାନ୍ତି , ପ୍ରଶାନ୍ତ ସେଠୀ, ମଣ୍ଡଳ ସଭାପତି ପ୍ରତାପ ବେହେରା , ବୈରାଗୀ ଗଞ୍ଜନ ସ୍ୱାଇଁ, ଶଶିକାନ୍ତ ମହାନ୍ତି, ଦେବିକା ସାହାଣୀ, ଅୟସ କାନ୍ତ ଦାସ, ସତୀଶ ରାଉତ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମାହାଙ୍ଗା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



**ନିଶ୍ଚିନ୍ତକୋଇଲି, ୨୧।୫ (ସଂଚାର ବ୍ୟୁରୋ):** ଆତଙ୍କବାଦ ବିରୋଧ ଲଢ଼େଇ ସେନା ବାହିନୀ ଦ୍ୱାରା 'ଅପରେସନ ସିନ୍ଦୂର'ର ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମ ଭାରତ ବର୍ଷର ପ୍ରତିଟି ନାଗରିକଙ୍କୁ ଗର୍ବିତ କରିଛି। ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ସମଗ୍ର ରାଜ୍ୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପ୍ରରଠୁଁ ଆରମ୍ଭ କରି ପଂଚାୟତ ସ୍ତରରେ "ତ୍ରିରଙ୍ଗା ଶୋଭାଯାତ୍ରା" ଅନୁଷ୍ଠିତ ହେଉଥିବା ବେଳେ ଆଜି ଅପରାହ୍ନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଶାଳ 'ତ୍ରିରଙ୍ଗା ଶୋଭାଯାତ୍ରା' କାର୍ଯ୍ୟକ୍ରମ ମାନ୍ୟବର ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ବିଧାୟକଙ୍କ କୁଳିଆସ୍ଥ ବାସଭବନ ଠାରୁ ନିଶ୍ଚିନ୍ତକୋଇଲି ବଜାର ମୁଖ୍ୟ ବଉଳକବାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଏବଂ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ ସେତେବେଳେ ବିଶ୍ୱର କୌଣସି ଦୁଷ୍ଟ ଶକ୍ତି ଆମକୁ ପ୍ରତିହତ କରିପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମେତ ବହୁ ପଞ୍ଚାୟତ ଜନପ୍ରତିନିଧିମାନେ ଯୋଗଦେଇ ଉକ୍ତ ତ୍ରିରଙ୍ଗା ଶୋଭାଯାତ୍ରାକୁ ଶାଫଲ୍ୟମଣ୍ଡିତ କରିଥିଲେ।

## ରାଜୀବ ଗାନ୍ଧିଙ୍କ ତିରୋଧାନ ଦିବସରେ ରକ୍ତଦାନ ଶିବିର



**ଆଳି, ୨୧।୫ (ସଂଚାର ବ୍ୟୁରୋ):** ଆଳି ବ୍ଲକ ନିଆଳ ଭାରତୀ ମଣ୍ଡପ ପରିସରରେ ଜିଲ୍ଲା ଯୁବ କଂଗ୍ରେସ ଆନୁକୂଲ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତ ଦାନ ଶିବିରକୁ ପୂର୍ବତନ ସେନାଧିକାରୀ ତଥା ବରୁଣାହିକ ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି ଫିତା କାଟି ରକ୍ତଦାନ ଶିବିର ଉଦଘାଟନ କରିବା ପରେ ରକ୍ତଦାତା ରକ୍ତଦାନ କରିଥିଲେ। ରକ୍ତଦାନ ଜୀବନ ଦାନ । ବିନ୍ଦୁଏ ରକ୍ତରେ ବଞ୍ଚେ ଗୋଟେ ଅମୂଲ୍ୟ ଜୀବନ। ରକ୍ତ ପାଇଁ କାହାର ଜୀବନ ଟିଏ ଚାଲିନଯାଉ ଏଭଳି ମହାନ ପ୍ରୟାସରେ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟ ପଟେ ନବ ନିଯୁକ୍ତି ଛାତ୍ର କଂଗ୍ରେସ ସଭାପତି ଓ ଜିଲ୍ଲା ଯୁବ ସଭାପତି ଦିବ୍ୟ ରଞ୍ଜନ ରାଉତ ଯୋଗ ଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟପଟେ ଯୋଗଦେଇ ରକ୍ତଦାନ ଶିବିରରେ କଂଗ୍ରେସର ଛାମୁଆ ନେତାମାନେ ରବିନାରାୟଣ ବେହେରା, ମଙ୍ଗୁଳି ଚରଣ ବେହେରା , ଲକ୍ଷ୍ମୀ ପ୍ରିୟା ନାୟକ ,ଅମିତ ନାୟକ, ଅଶ୍ୱିନୀ ବେହେରା ଶରତ ରାଉତ ,ଅମରଜିତ ଦାଶ ,ପ୍ରମୁଖ ରକ୍ତଦାନ ଶିବିର ପରିଚାଳନା କରିଥିଲେ।

# ବରଅଠା-କୁଆଁପାଳ ସଡ଼କର ଉନ୍ନତିକରଣ ପାଇଁ ଶିଳାନ୍ୟାସ



**ମାହାଙ୍ଗା, ୨୧।୫ (ସଂଚାର ବ୍ୟୁରୋ):** ମାହାଙ୍ଗା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀକୁ ସଂଯୋଗ କରୁଥିବା ବରଅଠା କୁଆଁପାଳ ସଡ଼କର ନବୀକରଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଶିଳାନ୍ୟାସ କରିଛନ୍ତି । ୬ କୋଟି ପଚାଶ ଲକ୍ଷ ଟଙ୍କା ଅନୁଦାନରେ ୭ କିଲୋମିଟର ବ୍ୟାପୀ ଏହି ରାସ୍ତା ନିର୍ମାଣ ହେଲେ ବିରୂପା ଗେଙ୍ଗୁଟି ଦ୍ୱିପାଞ୍ଚଳର ହଜାର ହଜାର ସାଧାରଣ ଲୋକେ ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଶିଳାନ୍ୟାସ ଉତ୍ସବରେ ସାମ୍ମାନିକ ଅତିଥି ଭାବେ ଅଖିଳେଶ ପଦ ମହାନ୍ତ, ନିରଞ୍ଜନ ମୁଦୁଲି, କୁହୁଣ୍ଡା ପଞ୍ଚାୟତ ସମିତି ସଭ୍ୟା ସୁପ୍ରଭା ସାମଲ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥି, ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ପନ୍ନଗ ଭୂଷଣ ଦାସ, ସମିତି ସଭ୍ୟ ଧ୍ରୁବ ଚରଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିରୂପା ସେତୁ ଠାରୁ କଲ୍ୟାଣପୁର ଗାନ୍ଧୀ ଛକ ପର୍ଯ୍ୟନ୍ତ ଶତାଧିକ କର୍ମୀ ବାଇକ ଶୋଭାଯାତ୍ରାରେ ଆସି କଲ୍ୟାଣପୁର ଶିଳାନ୍ୟାସ ସ୍ଥଳରେ ପହଂଚି ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ବେହେରା, ରବୀନ୍ଦ୍ର ପୃଷ୍ଟି, ରବିକାନ୍ତ ପୃଷ୍ଟି, ରାମଚନ୍ଦ୍ର ମହାପାତ୍ର, ଜଗନ୍ନାଥ ପଣ୍ଡା, ସୂର୍ଯ୍ୟମଣି ଧଳ, ପ୍ରଭାତ କୁମାର ଘଡ଼ାଇ, କ୍ଷୀରୋଦ ଦାସ, ପ୍ରସନ୍ନ ପରିଡ଼ା, ପ୍ରକାଶ ବେହେରା, କେଦାରନାଥ ପୁରୋହିତ, ଗଣେଶ୍ୱର ବେହେରା, ଅବଦୁଲ ହମିଦ, ସୁଶାନ୍ତ ଦାସ, ସନ୍ତୋଷ ଜେନା, ରାକେଶ ବେହେରା, ଜୟଦେବ ମହାନ୍ତି ରାଜେଶ ବେହେରାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଏହି ସଡ଼କ ନିର୍ମାଣ ହେଲେ କୁହୁଣ୍ଡା, କୁଣ୍ଡି, ମଧୁପୁର, ମୂଳବସନ୍ତ, ବାସୁଦେବପୁର, କୋଳିଅଠା ଆଦି ବିଭିନ୍ନ ଗ୍ରାମ ପଂଚାୟତର ହଜାର ହଜାର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ ମତପୋଷଣ କରିଥିଲେ ।



## କେନାଲ ରାସ୍ତା ନିର୍ମାଣ ଓ ଉନ୍ନତିକରଣର ଶିଳାନ୍ୟାସ କଲେ ପଞ୍ଚାୟତିରାଜ ମନ୍ତ୍ରୀ

**ନିଶ୍ଚିନ୍ତକୋଇଲି, ୨୧।୫ (ସଂଚାର ବ୍ୟୁରୋ):** କଟକ ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ଜହ୍ନିଆ ଛକ ଠାରେ ୮(କ) କେନାଲ ରାସ୍ତାର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ ଉତ୍ସବ ମାନ୍ୟବର ଓଡ଼ିଶା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ କରକମଳରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ବହୁ ଜନପ୍ରତିନିଧିଙ୍କ ସମେତ ହଜାର ହଜାର ବିଧାୟକଙ୍କ ସମର୍ଥକ ମନ୍ତ୍ରୀ ଶ୍ରୀଯୁକ୍ତ ନାୟକଙ୍କୁ ଉତ୍ସବ ସ୍ଥଳିକୁ ପାଛୋଟି ଆଣିଥିଲେ। ମନ୍ତ୍ରୀ ଶ୍ରୀଯୁକ୍ତ ନାୟକ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ଜହ୍ନିଆ ଠାରୁ ନହଙ୍ଗ ଭାୟା ଝାରପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଲେଫ୍ଟ ବ୍ୟାକ୍ ଅଫ୍ ୮(କ) କେନାଲ ରାସ୍ତାର ନିର୍ମାଣ ଓ ଉନ୍ନତି କରଣ କାର୍ଯ୍ୟ ପାଇଁ ୩କୋଟି ୮୫ହଜାର ଟଙ୍କା ବ୍ୟୟରେ ୫କି.ମି ପର୍ଯ୍ୟନ୍ତ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରି ଦୁଇଟି ବ୍ଲକର ପ୍ରାୟ ୧୫ଗୋଟି ଗ୍ରାମପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ଜିଗ୍ନିପୂର ପଞ୍ଚାୟତ ସମିତି ସଭ୍ୟ ଅଶୋକ କୁମାର ଓଝା,ବ୍ଲକ୍ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଯତୀନ୍ଦ୍ରନାଥ ଜେନାଙ୍କ ସମେତ ସାଧାରଣ ଜନତା ଯୋଗଦେଇଥିଲେ।

## ଜଙ୍ଗଲୀ ବାରହା ଆକ୍ରମଣରେ ଜଣେ ମୃତ, ଦୁଇ ଗୁରୁତର

**ମହାକାଳପଡ଼ା, ୨୧।୫ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧିନ ଜମ୍ବୁ ବନ୍ୟାଞ୍ଚଳ ଅନ୍ତର୍ଗତ ଜମ୍ବୁ ଗ୍ରାମରେ ଜଙ୍ଗଲୀ ବାରହା ଆକ୍ରମଣରେ ଦୁଇ ଯୁବକ ଗୁରୁତର ହୋଇଥିବା ବେଳେ ଜଣେ ଯୁବକର ମୃତ୍ୟୁ ହୋଇଛି। ଆଜି ସକାଳୁ ଗ୍ରାମର ସିଦ୍ଧାର୍ଥ ମିର୍ଦ୍ଧା ତାଙ୍କ କୁକୁଡ଼ା ଶବ୍ଦ କରିବାରୁ ସେ ବାହାରକୁ ଗଲା ସମୟରେ ଏକ ଜଙ୍ଗଲୀ ବାରହା ତାଙ୍କୁ ଆକ୍ରମଣ କରିଥିଲା। ସେ ତଳେ ପଡିଯିବାରୁ ବାରହା ତାଙ୍କ ବେକକୁ ଗଭୀର ଭାବରେ କାମୁଡି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ଚିକିତ୍ସା କରିବା ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ସିଦ୍ଧାର୍ଥଙ୍କ ମୃତ୍ୟୁ ହୋଇଛି। ସେହିପରି ଗ୍ରାମର ରବିନ୍ ମିର୍ଦ୍ଧା ମଧ ବାରହା ଆକ୍ରମଣରେ ଗୁରୁତର ହୋଇ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଜଣେ ମହିଳା ବାରହା ଆକ୍ରମଣର ଶୀକାର ହୋଇଛନ୍ତି। ମହାକାଳପଡ଼ା ବିଧାୟକ ବାରହା ଆକ୍ରମଣରେ ମୃତ୍ୟୁ ହୋଇଥିବା ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଉତ୍ତମ ଚିକିତ୍ସା ପାଇଁ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

# ଜିଲ୍ଲାରେ ଚାଲିଛି ଅବାଧ ଜୁଆ ଖେଳ

### ଖୁଲମ ଖୋଲା ଚାଲିଛି ଚୋରା ମଦ ବ୍ୟବସାୟ

### ଲିଖିତ ରିପୋର୍ଟ ଦେଲେ ହେବ ଚଢ଼ାଉ

### କେନ୍ଦ୍ରାପଡ଼ା ପୁଲିସର ଅଜବନୀତି

**କେନ୍ଦ୍ରାପଡ଼ା, ୨୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ବେଧଡକ ଜୁଆ ଖେଳ ଏବଂ ଚୋରା ମଦ ବ୍ୟବସାୟ ପାଇଁ ପୁଲିସର କାର୍ଯ୍ୟାନୁଷ୍ଠାନ ପାଇଁ ଦରକାର ହେଉଛି ରିପୋର୍ଟ । ରିପୋର୍ଟ ନଦେଲେ କାର୍ଯ୍ୟାନୁଷ୍ଠାନ ନାହିଁ କହୁଛନ୍ତି ଥାନା ଅଧିକାରୀ ।

କେନ୍ଦ୍ରାପଡ଼ା ବ୍ଲକ ସଦର ଥାନା ଅଧିନସ୍ଥ ସିଂହ ଛକରେ ଚାଲିଛି ଧଉଳି ଅପେରାର ଯାତ୍ରା। ସେଠାରେ ଖୁଲମ ଖୋଲା ଭାବେ ଜୁଆ ଏବଂ ମଦ କାରବାର ହେଉଥିବାର ସୂଚନା ମିଳିଛି । ସୂଚନା ମୁତାବକ ଏଠାରେ ତିନିଦିନ ଧରି ଯାତ୍ରା ହେବାକୁ ଥିବା ବେଳେ, ଜୁଆ ଏବଂ ମଦ ବିକ୍ରି ପାଇଁ ହୋଇଥିଲା ନିଲାମ ଡକା ଏବଂ ଏହି ନିଲାମରେ ଦୁଇ ଗୋଷ୍ଠୀ ଜୁଆ ଏବଂ ମଦ କାରବାର ପାଇଁ ଲଗାଇଥିଲେ ବାଜି ବୋଲି ଚର୍ଚ୍ଚା ଜୋର ଧରିଛି। କିନ୍ତୁ ଗୋଟେ ଗୋଷ୍ଠୀ ନିଲାମ ପାଇଲା ପରେ ଅନ୍ୟ ଗୋଷ୍ଠୀଟି ସମ୍ପୂର୍ଣ୍ଣ ବିରୋଧରେ ଥିବାରୁ ସେଠାରେ ଆଇନ ଶୃଙ୍ଖଳା ବାତାବରଣ ଉପୁଜି ପାରେ ବୋଲି ସନ୍ଦେହ କରାଯାଉଛି । ଅନ୍ୟ ପଟରେ ପୁଲିସ ଗାଡ଼ି ସାମ୍ନାରେ ଖୁଲମ ଖୋଲା ଜୁଆ(ତୀର) ଖେଳ ହେବା ସାଧାରଣରେ ପୁଲିସର ଭାଗକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ମୁତାବକ ସଦର ଥାନା ଅଧିକାରୀଙ୍କୁ ଏ ବିଷୟରେ ଜଣାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ ବୋଲି ଦେଖିବାକୁ ମିଳିଛି । ଅନ୍ୟପଟେ କିଛି ପୁଲିସ କର୍ମଚାରୀ ଜୁଆ ବେପାରୀଙ୍କ କାନରେ କହି ସେଠାରୁ ପଠାଇ ଦେଇଥିବା ଦେଖିବାକୁ ମିଳିଛି । ଏହିପରି ସୂଚନା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ହେଲେ ଥାନାକୁ ଯାଇ ରିପୋର୍ଟ କରିବାକୁ ସିଧା ସିଧା କହୁଛନ୍ତି ଥାନା ଅଧିକାରୀ।

କିଛି ଦିନ ହେବ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହିପରି ଭାବରେ ବଢ଼ି ଯାଇଛି ଚୋରା ବାଲି, ଚୋରା ମଦ ଚାଲାଣ ସହ ଜୁଆ ଆଡ୍ଡା କିନ୍ତୁ ଏ ବିଷୟରେ କେହି ସୂଚନା ଦେଲେ ସଦର ପୁଲିସର କାର୍ଯ୍ୟାନୁଷ୍ଠାନ ପାଇଁ ରିପୋର୍ଟ ଆବଶ୍ୟକ କହି ଏଡାଇ ଦେବା କେଉଁଠି ନା କେଉଁଠି ପୁଲିସର କାର୍ଯ୍ୟାନୁଷ୍ଠାନ ନେବା ଉପରେ ସନ୍ଦେହ ସୃଷ୍ଟି କରୁଛି । ଏନେଇ କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରାଯିବା ପରେ ଏବଂ ସଦର ଥାନାରେ ଏହିପରି ସୂଚନା ଗୁଡ଼ିକ ଉପରେ "ରିପୋର୍ଟ କମ୍ପୋଲ୍ସାରୀ" ଫର୍ମୁଲା ବିଷୟରେ ପଚାରିବାରୁ ସେ ବିଭାଗୀୟ ପଚରା ଉଚରା କରି କହିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଶାନ୍ତଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା



**ସାଲେପୁର, ୨୧।୫ (ସଂଚାର ବ୍ୟୁରୋ):** ଆଜି ସାଲେପୁର ହାଇସ୍କୁଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ପାନୀୟଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏହି ସମାରୋହରେ ଅନୁପସ୍ଥିତ ଥିବା ନେଇ ସାଧାରଣରେ ବିଭିନ୍ନ କଥା ଶୁଣିବାକୁ ମିଳୁଥିବା ବେଳେ ଏହି ଘଟଣା ରାଜନୀତିକୁ ସରଗରମ କରିଛି।

କିଛି ଦିନ ତଳେ ଗତ ଏପ୍ରିଲ ମାସ ୧ତାରିଖରେ ଉତ୍କଳ ଦିବସ ସମାରୋହରେ ସରକାରୀ ସ୍ତରରେ ସତ୍ୟଭାମାପୁରଠାରେ ଓଡ଼ିଶା ଦିବସ ପାଳନ କରାଯାଇଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେଇଥିବା ବେଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଅଭିଭାଷଣ ରଖିଥିଲେ। ସେହିପରି ସାଲେପୁର ଖେଳପଡ଼ିଆରେ ସରକାରୀ ସ୍ତରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସାଲେପୁର ବିଧାୟକ ଅନୁପସ୍ଥିତ ରହିଥିଲେ। ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ବିଧାୟକ କାଳେ ଏହି ସଭାରେ ଯୋଗଦେଲେ ବିଜେଡି ସଂଗଠନରେ ଥିବା ତାଙ୍କର ରାଜନୈତିକ ଦବଦବା କମିଯିବ ବୋଲି ସେଥିପାଇଁ ସେ ଯୋଗଦେଇନଥିବା କେତେକ କହୁଥିବା ବେଳେ ଅନ୍ୟ କେତେକଙ୍କ ଠାରୁ ଶୁଣିବାକୁ ମିଳୁଛି ଯେ ସେ ବିଜେପି ନେତୃମଣ୍ଡଳୀ ସାଙ୍ଗରେ ଭିତିରି ସମ୍ପର୍କ ରଖିଥିବାରୁ ତାଙ୍କର ନିର୍ମଳ ଭାବମୂର୍ତ୍ତି ପଦାରେ ପଡ଼ିଯିବ, ସେଥିପାଇଁ ସେ ଯୋଗଦେଇ ନଥିବା କେତେକ କହୁଛନ୍ତି।

ଅପର ପକ୍ଷରେ ଏ ସମ୍ପର୍କରେ ଆମ ପ୍ରତିନିଧି ସାଲେପୁର ବିଧାୟକ ଶ୍ରୀ ବେହେରାଙ୍କୁ ପଚାରିବାରେ ଆଜି ସାଲେପୁରଠାରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଏକ ରାଜନୈତିକ ଚାଲ୍। ଆଜି ମନ୍ତ୍ରୀ ଯେଉଁ ସବୁ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ସେହି କାର୍ଯ୍ୟ ଆରମ୍ଭ ହୋଇ ଶତକଡ଼ା ୨୦ଭାଗ କାର୍ଯ୍ୟ ହୋଇସାରିଲାଣି। ତେଣୁ ରାଜନୈତିକ ଫାଇଦା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଥିବାରୁ ମୁଁ ସେଥିରେ ଯୋଗଦେଇନାହିଁ ବୋଲି ସେ ପ୍ରକାଶ କରିଥିଲେ।

# ୨୨୭ ହିତାଧିକାରୀ ୯ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ



### ଅଯୋଗ୍ୟଙ୍କ ପାଇଁ ବଳି ପଡିଛନ୍ତି ଯୋଗ୍ୟ

### ସମସ୍ୟାର ସମାଧାନ ନହେଲେ ହାଇକୋର୍ଟ ଯିବାକୁ ଚେତାବନୀ

**ଆଳି, ୨୧।୫ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଅର୍ଗଳ ପଞ୍ଚାୟତ ୨୨୭ ଭତ୍ତା ହିତାଧିକାରୀ ୯ ମାସହେବ ଭତ୍ତା ପାଇବାରୁ ବଞ୍ଚିତ।ପୂର୍ବ ବିଜେଡି ସରକାର ସମୟରେ ଭୋଟକୁ ଆଖିଆଗରେ ରଖି ୩୦୩ ଜଣଙ୍କୁ ନୂଆ ଭତ୍ତା କରାଯାଇ ୭ ମାସ ଭତା ଦିଆଯାଇଥିଲା। ଯାହାକି ଭେଣ୍ଡିଆ ଭତ୍ତା ହାତେଇ ଥିବା ଗୁମର ଖୋଲି ସାମ୍ବାଦିକ ସମ୍ମିଳନୀ କରି ବିଜେପି ବିଜେଡି ବିରୁଦ୍ଧରେ ଗୁରୁତର ଆରୋପ ଲଗାଇବା ସହ ଏହାର ତଦନ୍ତ କରିବାକୁ ପ୍ରଶାସନକୁ ନିବେଦନ କରିଥିଲା । ଏହାକୁ ଗୁରୁତର ସହ ଜିଲ୍ଲା ପ୍ରଶାସନ ନେଇ ସମସ୍ତଙ୍କ ଭତ୍ତା ବନ୍ଦ କରି ତଦନ୍ତ ଆରମ୍ଭ କରିଥିଲା । ଘନ ଘନ ତଦନ୍ତ ପରେ ୬୫ ଜଣ ଅଯୋଗ୍ୟ ବୋଲି ଜାଣିବାକୁ ପାଇଥିଲା ପ୍ରଶାସନ।ଯାହା ଫଳରେ ୬୫ ଅଯୋଗ୍ୟ ପାଇ ୨୨୭ ଯୋଗ୍ୟ ଏବେ ୯ ମାସ ଧରି ହନ୍ତସନ୍ତ। ଏ ନେଇ ଆଳି ଥାନରେ ତତ୍କାଳୀନ ବିଡ଼ିଓ ମିନତି ଜଗଦେବ ଏତଲା ଦେବା ସହ ୯ ମାସର ଭତ୍ତା ଫେରସ୍ତ କରିବାକୁ କହିଥିଲେ। କିନ୍ତୁ ପରେ ତତ୍ ମଧ୍ୟରୁ ୧୧ ଜଣଙ୍କୁ ଭତ୍ତା ଦିଆଗଲା ୨୨୭ ଜଣ ଆଜି ପର୍ଯ୍ୟନ୍ତ ଭତ୍ତା ପାଇବାରୁ ବଞ୍ଚିତ ଥିବା ବେଳେ ତାଙ୍କ ମଧ୍ୟରୁ କିଛି ବିଧବା ଓ ଦିବ୍ୟାଙ୍ଗ ରହିଛନ୍ତି ବୋଲି ଅଭିଯୋଗ ହୋଇଛି। ଏଠି ପ୍ରଶ୍ନ ଉଠେ ଯଦି ୬୫ ଅଯୋଗ୍ୟ ତାହେଲେ କାହିଁକି ୨୨୭ ଜଣ ଙ୍କୁ ଭତ୍ତା ଦେବା ରେ ଅସୁବିଧା କୋଉଠି। କାହିଁକି ଅଯୋଗ୍ୟ ଭତ୍ତା ହିତାଧିକାରୀ ପାଇଁ ଯୋଗ୍ୟ ଭୋଗିବେ।ନା ତଦନ୍ତ ନାମରେ ଏ ମାନଙ୍କୁ ପୁରା ଭୁଲି ଯାଇଛନ୍ତି ପ୍ରଶାସନ। ଅନ୍ୟ ପଟେ ଶୀଘ୍ର ଯଦି ସମସ୍ୟାର ସମାଧାନ ନହୁଏ ହାଇକୋର୍ଟ ଯିବାକୁ କଡ଼ା ଚେତାବନୀ ଦେଇଛନ୍ତି ଭତ୍ତା ହିତାଧିକାରୀ। ସେପଟେ ଏହି ମାସ ଶେଷ ସୁଦ୍ଧା ସମସ୍ତଙ୍କୁ ଭତ୍ତା ଦିଆଯିବ ବୋଲି ବିଡ଼ିଓ ଅଭିନାସ ବିଶ୍ୱଜିତ ସେଠି କହିଛନ୍ତି।

## ବିଭିନ୍ନ ଡକାୟତି ମାମଲାରେ ସମ୍ପୃକ୍ତ ଅପରାଧୀ ଗିରଫ

**ସାଲେପୁର, ୨୧।୫ (ସଂଚାର ବ୍ୟୁରୋ):** ସାଲେପୁର ପୁଲିସକୁ ପୁଣି ସଫଳତା ମିଳିଥିବା ଜଣାଯାଇଛି। ମହନାପୁର ଗ୍ରାମରେ ହୋଇଥିବା ଡକାୟତି ଘଟଣାରେ ସାଲେପୁର ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ସାଲେପୁର ଆଇ.ଆଇ.ସି. ଅନିତା ସାହୁଙ୍କ ଉଦ୍ୟମରେ ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତକୁ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗୋଟିଏ ସପ୍ତାହ ତଳେ ସାଲେପୁର ପୁଲିସ ଦୁର୍ଦ୍ଧାନ୍ତ ୬ଜଣ ଡକାୟତ ଏବଂ ଡକାୟତଙ୍କୁ ସହଯୋଗ କରିଥିବା ୩ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ପୁଣି ଆଜି ଫେରାର ଥିବା ସେହି ଡକାୟତ ଗ୍ରୁପ୍‌ର ଅନ୍ୟତମ ଆସାମୀ ତୋଫାନ୍ ଓରଫ୍ ସରୋଜ କୁମାର ଲେଙ୍କାଙ୍କୁ ଗିରଫ କରାଯାଇଛି। ସରୋଜ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ଜଣାଯାଇଛି। ସାଲେପୁର ଆଇ.ଆଇ.ସି. ଅନୀତା ସାହୁଙ୍କ ନେତୃତ୍ୱରେ ସରୋଜକୁ ଗିରଫ ପାଇଁ ଜାଲା ବିଛାଯାଇଥିଲା। ଶେଷରେ ସରୋଜ ପୁଲିସ ହାବୁଡ଼ରେ ପଡ଼ି ଗିରଫ ହୋଇଛି।

## କେନ୍ଦ୍ରାପଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପାସହାର ୯୪ପ୍ରତିଶତ

**କେନ୍ଦ୍ରାପଡ଼ା, ୨୧।୫ (ସଂଚାର ବ୍ୟୁରୋ):** ଯୁକ୍ତ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । କେନ୍ଦ୍ରାପଡା ଉଚ୍ଚ ମାଧମିକ ବିଦ୍ୟାଳୟର ସାମଗ୍ରିକ ଭାବେ ଯୁକ୍ତ୨ ପାସ ହାର ୯୪ପ୍ରତିଶତ ରହିଛି । ବିଦ୍ୟାଳୟର ଯୁକ୍ତ୨ କଳାରେ ମୋଟ ୩୮୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୮୧ଜଣ, ଦ୍ୱିତୀୟ ଶ୍ରେଣୀରେ ୭୮ଜଣ ଓ ତୃତୀୟ ଶ୍ରେଣୀରେ ୯୩ଜଣ ପାସ କରିଛନ୍ତି । ୨୬ଜଣ ଫେଲ ହୋଇଥିବା ବେଳେ ମୋଟ ୩୫୨ଜଣ ପାସ କରିଛନ୍ତି । ବିଦ୍ୟାଳୟର କଳାରେ ପାସ ହାର ୯୨.୬୩ପ୍ରତିଶତ ହୋଇଛି । ଯୁକ୍ତ୨ ବିଜ୍ଞାନରେ ବିଦ୍ୟାଳୟର ମୋଟ ୫୧୦ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୮୫ଜଣ, ଦ୍ୱିତୀୟ ଶ୍ରେଣୀରେ ୭୮ଜଣ ଓ ତୃତୀୟ ଶ୍ରେଣୀରେ ୧୬ଜଣ ପାସ କରିଥିବା ବେଳେ ମୋଟ ୪୭୯ଜଣ ପାସ କରିଛନ୍ତି । ୨୬ଜଣ ପିଲା ଫେଲ ହୋଇଥିବା ବେଳେ ବିଦ୍ୟାଳୟର ବିଜ୍ଞାନ ପାସହାର ୯୩.୯୨ପ୍ରତିଶତ ହୋଇଛି । ସେହିଭଳି ଯୁକ୍ତ୨ ବାଣିଜ୍ୟରେ ମୋଟ ୩୫୩ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୨୩ଜଣ, ଦ୍ୱିତୀୟ ଶ୍ରେଣୀରେ ୫୦ଜଣ ଓ ତୃତୀୟ ଶ୍ରେଣୀରେ ୬୩ଜଣ ପାସ କରିଥିବା ବେଳେ ମୋଟ ୩୩୬ଜଣ ପାସ କରିଛନ୍ତି । ୧୭ଜଣ ଫେଲ ହୋଇଥିବା ବେଳେ ବାଣିଜ୍ୟ ପାସହାର ୯୫.୧୮ପ୍ରତିଶତ ହୋଇଛି । ବିଦ୍ୟାଳୟର କଳାରେ ଲିପ୍ସା ମିଶ୍ର ମୋଟ ୫୫୦ମାର୍କ ଅର୍ଥାତ ୯୧.୬୬ପ୍ରତିଶତ ମାର୍କ ରଖି ପ୍ରଥମ ହୋଇଥିବା ବେଳେ ସୋଫିଆ ଫିରଦୋସ ମୋଟ ୫୪୬ମାର୍କ ଅର୍ଥାତ ୯୧ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ସ୍ୱପ୍ନାରାଣୀ ନାୟକ ୫୪୩ ଅର୍ଥାତ ୯୦.୫ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି । ବିଜ୍ଞାନରେ ମନୀଷ ଲେଙ୍କା ୫୬୪ ଅର୍ଥାତ ୯୪ପ୍ରତିଶତ ମାର୍କ ରଖି ପ୍ରଥମ ହୋଇଥିବା ବେଳେ ସ୍ୱତନ୍ତ୍ର ସଂଗ୍ରାମ ସ୍ୱାଇଁ ୫୬୩ ଅର୍ଥାତ ୯୩.୮୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ଆଫ୍ରିନ ସୁଲତାନା ୫୫୫ ଅର୍ଥାତ ୯୨.୫ପ୍ରତିଶତ ମାର୍କ ରଖି ତୃତୀୟ ହୋଇଛନ୍ତି । ସେହିଭଳି ବାଣିଜ୍ୟରେ ନିଲକମଳ ଦାସ ୫୬୭ ଅର୍ଥାତ ୯୪.୫ପ୍ରତିଶତ ମାର୍କ ରଖି ପ୍ରଥମ ହୋଇଥିବା ବେଳେ ଆଦିତ୍ୟ ବେହେରା ୫୬୦ ଅର୍ଥାତ ୯୩.୩୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ବିକ୍ରମ ମଲ୍ଲିକ ଏବଂ ରଶ୍ମିରଞ୍ଜନ ମହାନ୍ତି ମୋଟ ୫୫୪ ଅର୍ଥାତ ୯୨.୩୩ ପ୍ରତିଶତ ମାର୍କ ରଖି ଯୁଗ୍ମ ତୃତୀୟ ହୋଇଛନ୍ତି ।

## ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ପରୀକ୍ଷାଫଳ

**କେନ୍ଦ୍ରାପଡ଼ା, ୨୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ର ଯୁକ୍ତ -୨ ପରୀକ୍ଷା ଫଳ ପ୍ରକାଶ ପାଇଛି । କଳାରେ ଲିପ୍ସା ମିଶ୍ର ୫୫୦ ନଂ ରଖି ଟପର ହୋଇଥିବା ବେଳେ ସୋଫିଆ ଫିରଦୋସ ୫୪୬ ନଂ ରଖି ଦ୍ୱିତୀୟ ଓ ସ୍ୱପ୍ନାରାଣୀ ନାୟକ ୫୪୩ ନଂ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବିଜ୍ଞାନରେ ମନିଷ ଲେଙ୍କା ୫୬୪ ନଂ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱତନ୍ତ୍ର ସଂଗ୍ରାମ ସ୍ୱାଇଁ ୫୬୩ ନଂ ରଖି ଦ୍ୱିତୀୟ ଓ ଆଫରିନ ସୁଲତାନା ୫୫୫ ନଂ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବାଣିଜ୍ୟରେ ନୀଳକମଲ ଦାସ ୫୬୭ ନଂ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଦିତ୍ୟ ବେହେରା ୫୬୦ ନଂ ରଖି ଦ୍ୱିତୀୟ ସ୍ଥାନ, ବିକ୍ରମ ମଲିକ ଓ ରଶ୍ମି ରଂଜନ ମହାନ୍ତି ୫୫୪ ନଂ ରଖି ଉଭୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତେବେ କଲେଜର କଳା ବିଭାଗରେ ମୋଟ୍ ୩୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮୧ ଜଣ ପ୍ରଥମ ଶ୍ରେଣୀ, ୭୮ ଜଣ ଦି୍ୱତୀୟ ଶ୍ରେଣୀ ଓ ୯୩ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ସେହିଭଳି ବିଜ୍ଞାନରେ ୫୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୮୫ ଜଣ ପ୍ରଥମ ଶ୍ରେଣୀ, ୭୮ ଜଣ ଦି୍ୱତୀୟ ଶ୍ରେଣୀ ଓ ୧୬ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଣିଜ୍ୟ ମୋଟ୍ ୩୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨୩ ଜଣ ପ୍ରଥମ ଶ୍ରେଣୀ, ୫୦ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୩ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା କଲେଜ ସୂତ୍ରରୁ ଜଣାପଡିଛି ।

## ଭାଗବତ ଜ୍ଞାନଯଜ୍ଞ ଓ ପ୍ରବଚନ ସଭା

**ରାଜନଗର, ୨୧।୫ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଜରିମୂଳସ୍ଥିତ ହାଟ ପଡ଼ିଆରେ ସପ୍ତାହ ବ୍ୟାପୀ ଭାଗବତ ଜ୍ଞାନ ଯଜ୍ଞ ଓ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି। ସନ୍ୟାସୀ ବାବାଜୀ ଅମୃତାନନ୍ଦ ସରସ୍ୱତୀ ସାତଦିନ ସନ୍ଧ୍ୟାରେ ଭାଗବତର ୧୨ଟି ସ୍କନ୍ଧ ଆଲୋଚନା କରି ଅବକ୍ଷୟ ମୁଖୀ ମାନବ ସମାଜକୁ ସଠିକ ମାର୍ଗରେ ପରିଚାଳିତ ହୋଇ ଆମ ଦେଶର ସଂସ୍କୃତି ଓ ପରମ୍ପରା ସୁରକ୍ଷିତ ରଖିବା ସହିତ ବିପଦ ମୁଖୀ ସନାତନ ଧର୍ମକୁ ଉଗ୍ର ପାଶ୍ଚତ ଚାଲିଚଳନକୁ ରକ୍ଷା କରିବା ପାଇଁ ମା ଓ ବାପାମାନେ ସଚେତନ ହେବାକୁ କହିଥିଲେ। କମିଟିର ସଭାପତି ମହେଶ୍ୱର ରାଉତଙ୍କ ସଂଯୋଜନାରେ ଉଦଯାପିତ ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ଭଗବତୀ ପ୍ରେମୀ ଭାବେ ନିଜକୁ ଗଢିତୋଳି ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ଭାଗବତ ପଠନ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ସାହୁ ସ୍ୱାମୀ ଶ୍ରୀ ଦାସ ମହାରାଜଙ୍କୁ ଉପଢ଼ୌକନ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତି ସଭ୍ୟ ସସ୍ମିତା ସ୍ୱାଇଁ, ରତ୍ନାକର ବିଶ୍ୱାଳ, ଅଜାମ୍ବର ଭୁଂୟା, ପୁରସ୍ତମ ରାଉତ, ଅନାଦି ଚରଣ ଜେନା, ଅକ୍ଷୟ କୁମାର ମିଶ୍ର, ସର୍ବେଶ୍ୱର ଲେଙ୍କା, କୈଳାସ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ରାଉତ, ପବିତ୍ର ବ୍ରହ୍ମପୁତ୍ର ନାୟକ, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରାକ୍ତନ ନାଏବ ସରପଞ୍ଚଙ୍କ ସର୍ପାଘାତରେ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୨୧।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ପଞ୍ଚାୟତର ପ୍ରାକ୍ତନ ନାଏବ ସରପଞ୍ଚ ରଶ୍ମିତା ନାୟକଙ୍କର ସର୍ପାଘାତରେ ଅକାଳ ବିୟୋଗ ଘଟିଛି। ନିଜ ଘରେ ଶୋଇ ଥିବା ବେଳେ କୌଣସି ବିଷଧର ସର୍ପ ତାଙ୍କ କାଣୀ ଆଙ୍ଗୁଳିକୁ କାମୁଡି ଦେଇଥିଲା। ଏଥିରେ ରଶ୍ମିତା ଉଠିପଡ଼ିବା ସହିତ ଏ ସମ୍ପର୍କରେ ସ୍ୱାମୀଙ୍କୁ ଅବଗତ କରିଥିଲେ। କିନ୍ତୁ କଣ କାମୁଡ଼ିଲା ଜାଣି ନପାରି ରଶ୍ମିତା ପୁଣି ଶୋଇ ପଡ଼ିଥିଲେ। ମାତ୍ର ସକାଳ ହେବା ପରେ ରଶ୍ମିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା। ଏହା ପରେ ତତ୍କାଳ ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କେନ୍ଦ୍ରାପଡ଼ାରେ ଶବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପଥୁରିଆଡିଆ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ପୂର୍ବତନ ନାୟବ ସରପଞ୍ଚ ରଶ୍ମିତାଙ୍କ ଅକାଳ ବିୟୋଗରେ ଅଣ୍ଡରା ସମେତ ସମଗ୍ର ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆସୁଛି ବଡ଼ ଲଘୁଚାପ: ଆଗାମୀ ୧୨ ଘଣ୍ଟା ମଧ୍ୟରେ ଅବପାତ



**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ) :** ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଲଘୁଚାପ । ଆରବ ସାଗରରେ ସୃଷ୍ଟି ହେବ ଲଘୁଚାପ । ପୂର୍ବକେନ୍ଦ୍ରୀୟ ଆରବ ସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର କର୍ଣ୍ଣାଟକ ଓ ଗୋଆ ଉପକୂଳ ଅଞ୍ଚଳରେ ବାୟୁମଣ୍ଡଳର ମଧ୍ୟଭାଗ ଯାଏଁ ସକ୍ରିୟ ରହିଛିଛ ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ଆସନ୍ତା ୧୨ ଘଣ୍ଟା ଭିତରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି । ପରବର୍ତ୍ତୀ ସମୟରେ ଏହି ଲଘୁଚାପ କ୍ଷେତ୍ର ଉତ୍ତର ଦିଗରେ ଗତି କରିବ । ଆହୁରି ଘନୀଭୂତ ହେବା ସହ ଏହା ପରବର୍ତ୍ତୀ ୩୬ ଘଣ୍ଟା ମଧ୍ୟରେ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି । ଅନ୍ୟପଟେ ମେ ୨୭ ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ତଥା ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେଇପାରେ। ପରବର୍ତ୍ତୀ ସମୟରେ ଏହାର ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜାରି ରହିଛି । ଆଉ ତିନି ଦିନ କାଳବୈଶାଖୀ ବର୍ଷା ସମ୍ଭାବନା ଥିବା ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଆଜି ବିଜୁଳି, ଘଡ଼ଘଡ଼ି ପାଇଁ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ସେହିପରି ତାତି ଓ ଆର୍ଦ୍ରତା ପାଇଁ ୧୧ ଜିଲ୍ଲାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ ।

# କନ୍ୟା ବିବାହ ଯୋଜନାରେ ସାମିଲ ହେବେ ବିଧବା ଝିଅ

**ଭୁବନେଶ୍ୱର, ୨୧।୫(ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ କାର୍ଯ୍ୟକାରୀ ହେଉଥିବା 'ଆମେ ପଢିବା ଆମ ଭାଷାରେ' ଏବଂ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ସମ୍ପର୍କରେ ଲୋକସେବା ଭବନ ଠାରେ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବର୍ତ୍ତମାନ ରାଜ୍ୟର ୧୫ଟି ଜିଲ୍ଲାର ୧୦,୬୨୯ଟି ଅଙ୍ଗନବାଡି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି। ଏହି ସବୁ ଭାଷା ଗୁଡିକ ହେଲା ଦେଶୀଆ, ଭୂମିଜ, ବିଂଝାଲ, ଗୋଣ୍ଡି, ହୋ, ସାଦ୍ରି, ଖଡିଆ, ବଣ୍ଡା, ମୁଣ୍ଡା, କୋୟା, କୁଭି, କୁଇ, ସଉରା, ସାନ୍ତାଳୀ, ଓରାମ୍, କିଶାନ୍ ଏବଂ ଜୁଆଙ୍ଗ। ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ଏହି ମାତୃଭାଷା ଭିତ୍ତିକ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଓଡିଶା ଦେଶରେ ପ୍ରଥମ। ଜାତୀୟ ଶିକ୍ଷାନୀତି ୨୦୨୦ ରେ ମଧ୍ୟ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଫାଉଣ୍ଡେସନ୍ ଷ୍ଟେଜ୍‌ରେ ନିଜ ମାତୃଭାଷାରେ ପିଲାକୁ ଶିକ୍ଷା ପ୍ରଦାନ କଲେ ତାର ଆତ୍ମ ବିଶ୍ୱାସ ବଢିବ ଏବଂ ଆଗାମୀ ଦିନରେ ପାଠ ପ୍ରତି ତାର ଆଗ୍ରହ ବଢିବା ସହିତ ସହଜ ମଧ୍ୟ ହେବ। ପିଲା ମାନଙ୍କୁ ତାଙ୍କ ନିଜ ପରିବେଶରେ ସେ ଦେଖୁଥିବା ବସ୍ତୁ, ପ୍ରାଣୀ, କିମ୍ବା ବ୍ୟବହୃତ ସାମଗ୍ରୀ ସମ୍ପର୍କିତ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ସଚିତ୍ର ପୁସ୍ତକ ପ୍ରକାଶନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ୨୦୧୪ରୁ ଏହା ଆରମ୍ଭ ହୋଇଛି, କିନ୍ତୁ ଏହାକୁ ଅଧିକ ଫଳପ୍ରଦ କରିବା ପାଇଁ ଅଧିକ ମାନବ ସମ୍ବଳ ସୃଷ୍ଟି ସହିତ ଅଙ୍ଗନବାଡି କର୍ମୀ ମାନଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।



ସେହିପରି ଗରିବ ବାପା, ମା'ଙ୍କ ଉପରୁ ଝିଅ ବାହାଘରର ବୋଝ ହାଲକା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ କାର୍ଯ୍ୟକାରୀ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଆମ ରାଜ୍ୟରେ ପୂର୍ବରୁ ଏ କ୍ଷେତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ବିବାହ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଇଣ୍ଟରକାଷ୍ଟ ମ୍ୟାରେଜ୍ କ୍ଷେତ୍ରରେ ଏବଂ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ ସହାୟତା କାର୍ଯ୍ୟକ୍ରମରେ କନ୍ୟା ବିବାହ ପାଇଁ ସହାୟତା ପ୍ରଦାନ କରାଯାଉଛି। କାର୍ଯ୍ୟକାରୀ ହେବାକୁ ଥିବା ଏହି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଗରିବ, ଅସହାୟ ଏବଂ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନଥିବା ପରିବାରଙ୍କୁ ତାଙ୍କର କନ୍ୟା ବିବାହ ପାଇଁ ଅଶେଷ ସହାୟକ ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଯୋଜନାରେ ବିଧବା ଝିଅ ମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ସରକାରୀ ସ୍ତରରେ ଝିଅ ପାଇଁ ଉପହାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବିବାହକୁ ସାମୂହିକ ସ୍ତରରେ ଆୟୋଜନ କରିବା ପାଇଁ ମଧ୍ୟ ସେ କହିଥିଲେ। ଚଳିତ ବର୍ଷ ଏହି ଯୋଜନାରେ ୧୨ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ କୁମାର ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ପଛୁଆବର୍ଗଙ୍କ ସ୍ୱାର୍ଥ ପାଇଁ ଲଢ଼େଇ

# ରାଜରାସ୍ତାକୁ ଓହ୍ଲାଇଲା ବିଜେଡ଼ି

**ଭୁବନେଶ୍ୱର, ୨୧।୫(ସଂଚାର ବ୍ୟୁରୋ):** ରାଜ୍ୟର ଏସଇବିସି/ଓବିସି ବର୍ଗ ପାଇଁ ୨୭% ସଂରକ୍ଷଣ ଓ ଏସସି, ଏସଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫% ସଂରକ୍ଷଣ ଦାବିରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ବିଶାଳ ଜନଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର କର୍ମୀଙ୍କ ଉପସ୍ଥିତିରେ ଦଳର ବରିଷ୍ଠ ନେତାମାନେ ଏହି ନ୍ୟାଯ୍ୟ




## ରାଜ୍ୟପାଳଙ୍କୁ ଦିଆଗଲା ସ୍ମାରକପତ୍ର

ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଦଳର ଏହି ଦାବି ସମ୍ବନ୍ଧରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ବିଧାୟକ ତଥା ବିଜେଡି ଓବିସି ସେଲର ଆବାହକ ଡ଼ ଅରୁଣ ସାହୁ, ଦଳର ଏସଟି ସେଲର ଆବାହକ ମଙ୍ଗଳା କିସାନ ଓ ଦଳର ଏସସି ସେଲର ଆବାହକ ମହେଶ ସାହୁଙ୍କ ଆବାହକତ୍ୱରେ ଆଜିର ଏହି ଜନଆନ୍ଦୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦଳ ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକ ପତ୍ରରେ ନିକଟରେ ଓବିସିବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଦାନ କରାଯାଇଥିବା ୧୧.୨୫ ପ୍ରତିଶତ ସଂରକ୍ଷଣ ଏକ ପ୍ରବଞ୍ଚନା ବୋଲି କୁହାଯାଇଛି। ବିଶେଷକରି ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗ ପାଇଁ କୌଣସି ସଂରକ୍ଷଣ ପ୍ରଦାନ କରାଯାଇ ନଥିବାକୁ ଦଳ ତରଫରୁ ନାପସନ୍ଦ କରାଯାଇଛି । ଯେଉଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକାଂଶ ଆସନ ଗୁଡିକ ଖାଲି ପଡୁଛି, ସେ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରାଯିବା ଓବିସିବର୍ଗ ପାଇଁ ଏକ ପ୍ରତାରଣା ଛଡା ଆଉ କିଛି ନୁହେଁ। ତେଣୁ ତୁରନ୍ତ ରାଜ୍ୟର ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡ଼ିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରାଯାଇଛି । ସ୍ମାରକପତ୍ରରେ ଆହୁରି କୁହାଯାଇଛି, କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଗୁଡିକରେ ଓ ଅନେକ ରାଜ୍ୟରେ ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ୨୭ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ରାଜ୍ୟର ଏସସି ଓ ଏସଟି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଚ୍ଚଶିକ୍ଷାରେ ୩୮.୭୫% ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ୨୦% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ତେଣୁ ଏସସି, ଏସଟି ଛାତ୍ରଛାତ୍ରୀମାନଙ୍କ ପାଇଁ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ % ସଂରକ୍ଷଣ ପ୍ରଦାନ ପାଇଁ ବିଜୁ ଜନତା ଦଳ ତରଫରୁ ଦାବି କରାଯାଇଛି ।

ଦଳର ବରିଷ୍ଠ ନେତାମାନେ ନିଜ ବକ୍ତବ୍ୟରେ କହିଥିଲେ, ରାଜ୍ୟର ଏସସି ଓ ଏସଟି ଓ ଓବିସିବର୍ଗର ଲୋକଙ୍କ ସ୍ୱାର୍ଥ ରକ୍ଷା ପ୍ରଦାନ ପାଇଁ ବିଜୁ ଜନତା ଦଳ ବିଭିନ୍ନ ପଦକ୍ଷେପ ନେବା ସହିତ ପ୍ରତିଶ୍ରୁତିବଦ୍ଧ ରହିଛି। ଓବିସିମାନଙ୍କୁ ସଂଖ୍ୟା ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟରେ ଓବିସି ବର୍ଗର ଜନସଂଖ୍ୟା ସର୍ଭେ ନବୀନ ସରକାରଙ୍କ ଦ୍ୱାରା ୨୦୨୩ ମସିହାରେ କରାଯାଇଥିଲା । ପୂର୍ବରୁ ଓବିସି ତାଲିକାରେ ନଥିବା୨୦ଟି ବର୍ଗରଲୋକଙ୍କୁ ୨୦୨୩ ମସିହାରେ ନବୀନ ସରକାର ଓବିସି ବର୍ଗରେ ସାମିଲକରି ଐତିହାସିକ ପଦକ୍ଷେପ ଗ୍ରହଣକରିଥିଲା। ସର୍ବାଧିକ ୫୦% ସଂରକ୍ଷଣ ବ୍ୟବସ୍ଥା ହଟାଇବା ପାଇଁ ନବୀନ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ।

# କଟକ ଜିଲ୍ଲା ତ୍ରିରଙ୍ଗା ଯାତ୍ରାରେ ମନ୍ତ୍ରୀ ରବି ନାରାୟଣ ନାଏକ

- ୪ଟି ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ
- ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ

**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି କଟକ ଜିଲ୍ଲା ସାଲେପୁର ଓ ମାହାଙ୍ଗାରେ ତ୍ରିରଙ୍ଗା ଯାତ୍ରାରେ ଯୋଗଦାନ କରିବା ସହ ୪ଟି ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ ଏବଂ ୧୯ଟି ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ଉକ୍ତ ଅଞ୍ଚଳର ଲୋକଙ୍କ



ସମସ୍ୟାର ସମାଧାନ କରିବା ସହ ସମଗ୍ର ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ମନ୍ତ୍ରୀ ଶ୍ରୀ ନାଏକଙ୍କ ଦ୍ୱାରା ଆଜି କଟକ ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ମନ୍ତ୍ରୀ ସାଲେପୁର ବିଧାନସଭା କ୍ଷେତ୍ରରେ ପ୍ରାୟ ୩୫ କୋଟି ଟଙ୍କା ବ୍ୟୟ ଅଟକଳର ୪ଟି ପାନୀୟଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୧୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରେ ବିଭିନ୍ନ ବିଧାନସଭା କ୍ଷେତ୍ର ଅଧୀନରେ ଯଥା: ମାହାଙ୍ଗା- ୨ଟି, କଟକ ସଦର- ୩ଟି, ନିଆଳି- ୨ଟି, ସାଲେପୁର- ୫ଟି, ଆଠଗଡ- ୨ଟି, ବଡ଼ମ୍ବା- ୩ଟି, ବାଙ୍କୀରେ ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ସାଲେପୁର ଓ ମାହାଙ୍ଗାଠାରେ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇ ଦେଶର ତିନି ସେନାବାହିନୀର ଅପୂର୍ବ ବଳ, ପରାକ୍ରମ, ଯଶ ଓ କୀର୍ତ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଅପରେସନ ସିନ୍ଦୂରରେ ସେମାନେ ଯେଭଳି ସମଗ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି ସେଥି ପାଇଁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ । ଏହା ସହ ଦେଶପ୍ରେମର ବହ୍ନିରେ ଉଦବୁଦ୍ଧ ହୋଇ ରାଷ୍ଟ୍ର ପ୍ରତି ସମର୍ପିତ କାର୍ଯ୍ୟ କରିବା ପାଇଁ ସେ ସଭିଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ଗ୍ରାମ୍ୟ ଉନ୍ନୟନ ମଣ୍ଡଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆରଡବ୍ଲ୍ୟୁଏସ୍‌ଏସ୍‌ର ମୁଖ୍ୟଯନ୍ତ୍ରୀ, କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସିଡ଼ିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସରେ ଉପମୁଖ୍ୟମନ୍ତ୍ରୀ

- ଏହି ସମ୍ମିଳନୀ ସୀମାପାର ସହଯୋଗକୁ ସୁଦୃଢ଼ କରିବ



**ଭୁବନେଶ୍ୱର, ୨୧।୫(ସଂଚାର ବ୍ୟୁରୋ):** ଭୁଟାନ ରାଜସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଠିତ ଟାସ୍କଫୋର୍ସର ଚେୟାରମ୍ୟାନ କନକବର୍ଦ୍ଧନ ସିଂହଦେଓ ଅଂଶଗ୍ରହଣ କରିଛନ୍ତି । ବିଶ୍ୱବ୍ୟାଙ୍କ ସମେତ ଦକ୍ଷିଣ ଏସିଆର ପ୍ରମୁଖ ଅର୍ଥନୈତିଜ୍ଞମାନେ ଏହି ସମ୍ମିଳନୀରେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମିଳନୀରେ ଯୋଗଦେବା ଅବସରରେ ଉପମୁଖ୍ୟମନ୍ତ୍ରୀ ଭୁଟାନର ପ୍ରଧାନମନ୍ତ୍ରୀ ଲିୟନଚୟେନ ସେରିଙ୍ଗ ଟୋବଗେଙ୍କ ସହିତ ଦୁଇ ଦେଶ ସହଭାଗୀତାର ସହ ସମସ୍ତ କାର୍ଯ୍ୟ କରିବା ପାଇଁ ଆଲୋଚନା କରିଥିଲେ । ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ମଧ୍ୟରେ ସ୍ଥାନାନ୍ତର ବା ମାଇଗ୍ରେସନ ଏକ ବହୁମୁଖୀ ବାସ୍ତବତା ଯାହା ଜୀବନର ଗୁଣବତ୍ତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ବହୁମାତ୍ରାରେ ପ୍ରଭାବିତ କରେ। ଭାରତରେ ପ୍ରାୟ ୧୦ କୋଟି ପ୍ରବାସୀ ଶ୍ରମିକ ପ୍ରତିବର୍ଷ ସାଧାରଣତଃ ଏକରୁ ଛଅ ମାସ ନିମନ୍ତେ କାମ ପାଇଁ ସ୍ଥାନାନ୍ତରିତ ହୁଅନ୍ତି । ଜନଗଣନା ତଥ୍ୟ ଅନୁଯାୟୀ ପ୍ରାୟ ୧୩ କୋଟି ୯୦ ଲକ୍ଷ ଭାରତ ଭିତରେ ହିଁ ସ୍ଥାନାନ୍ତର ହୋଇଛନ୍ତି । ପ୍ରବାସ କାରଣରୁ ଅଧିକାଂଶ ନିଜ ଅଞ୍ଚଳର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଏବଂ ପ୍ରବାସ ସ୍ଥାନରେ ମଧ୍ୟ ସମ୍ମୁଖୀନ ହେଉଥିବା ଅସୁବିଧାର ନିରାକରଣ ନିମନ୍ତେ ୧୯୭୯ ମସିହାରୁ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ ତିଆରି ହୋଇ କାର୍ଯ୍ୟକାରୀ ହେଉଛି । ୨୦୧୧ ଜନଗଣନା ଅନୁସାରେ ଓଡିଶାର ଜନସଂଖ୍ୟା ୪ କୋଟି ୨୦ ଲକ୍ଷ । ତନ୍ମଧ୍ୟରୁ ୧୪ ଟି ଜିଲ୍ଲାକୁ ବିଶେଷ ଭାବରେ ପ୍ରବାସୀ-ପ୍ରବଣ ଭାବରେ ଚିହ୍ନଟ କରି ଓଡିଶା ସରକାରଙ୍କ ଦ୍ୱାରା କିଛି ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟରେ ପ୍ରବାସୀ ଶ୍ରମିକ ସହାୟତା ଡେସ୍କ, ୧୫ ଲକ୍ଷ ଟଙ୍କାର ଜିଲ୍ଲା ସ୍ତରୀୟ ଜରୁରୀକାଳୀନ ପାଣ୍ଠିର ବ୍ୟବସ୍ଥା ଇତ୍ୟାଦି ଉପରେ ଆଲୋକପାତ କରି ବିଶ୍ୱ ସମୁଦାୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରବାସୀ ଶ୍ରମିକ ପଞ୍ଜିକରଣ ସମେତ PAReSHRAM ପୋର୍ଟାଲ୍ ମାଧ୍ୟମରେ ୬୭ ଟି ଅନଲାଇନ୍ ସେବା ପ୍ରଦାନ କରାଯାଉଛି। ଏହି ସମ୍ମିଳନୀ ସୀମାପାର ସହଯୋଗକୁ ସୁଦୃଢ଼ କରିବ ଏବଂ ପ୍ରବାସୀ ଶ୍ରମିକଙ୍କୁ ସଶକ୍ତ କରିବାରେ ସହାୟକ ହେବ। ଏଥିସହିତ, ନୂତନ ନୀତି ପ୍ରଣୟନ ଏବଂ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ବିଶ୍ୱବ୍ୟାଙ୍କର ଆନ୍ନା ଜୋର୍ଦେ, ପ୍ରମୁଖ ଅର୍ଥନୀତିଜ୍ଞ ରୋବର୍ଟ ଗଡି, ଲିଜୁ ଜର୍ଜ, ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ, ମାଳଦ୍ୱୀପ, କାନାଡ଼ା, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଫିଲିପାଇନ୍ସ, ଜାମାଇକା, ଆରବ ଦେଶ, ମଧ୍ୟପ୍ରାଚ୍ୟ ପ୍ରମୁଖ ଦେଶରୁ ପ୍ରତିନିଧି ମାନେ ଯୋଗଦେଇ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କୁ ୨ ବର୍ଷ କାରାଦଣ୍ଡାଦେଶ

**ବରଗଡ଼, ୨୧।୫ (ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଅମ୍ବାଭୋନା ତହସିଲ ଅନ୍ତର୍ଗତ ଲଖନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ହେମସାଗର ମହାପାତ୍ରଙ୍କୁ ୨ବର୍ଷ କାରାଦଣ୍ଡାଦେଶ ହୋଇଛି। ସେ ଏହି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ମୋ କଡ଼ିଆ ଯୋଜନାରେ ଜଣେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡିଥିଲେ। ତାଙ୍କ ବିରୋଧରେ ଏକ ଭିଜିଲାନ୍ସ ମାମଲା ଚାଲିଥିଲା। ବୁଧବାର ବରଗଡ଼ ଭିଜିଲାନ୍ସ କୋର୍ଟରେ ଏହାର ଶୁଣାଣି ହୋଇଥିଲା। ବରଗ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ମାମଲା ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି।

## ପଦ୍ମପୁରରେ ଜବରଦଖଲ ଉଚ୍ଛେଦ

**ପଦ୍ମପୁର, ୨୧।୫ (ସଂଚାର ବ୍ୟୁରୋ) :** ବହୁଚର୍ଚ୍ଚିତ ପଦ୍ମପୁର ଭେଉଁରିଆ ଛକରୁ ରାଜବାଟୀ ରାସ୍ତା ଜବରଦଖଲ ଉଚ୍ଛେଦ ଅଭିଯାନ ପୁଣି ବୁଧବାର ଆରମ୍ଭ ହୋଇଛି। ଏ ନେଇ ଏନଏସି ତରଫରୁ ଆଗୁଆ ନୋଟିସ ଜାରି କରାଯାଇଥିଲା । ଆଗରୁ ଏହି ରାସ୍ତାରେ ମାପଚୁପ ଆରମ୍ଭ କରାଯାଇଥିଲା। ମାପଚୁପରେ ରାସ୍ତାର ଜବରଦଖଲ ଅଂଶ ଚିହ୍ନଟ କରାଯାଇଥିଲା। ରାଜସ୍ୱ ପ୍ରଶାସନର ଉପସ୍ଥିତିରେ ସହକାରୀ ତହସିଲଦାର ତପସ୍ୱୀନି କୁଡୁକା, ମାମି ମହାନନ୍ଦ ରାଜସ୍ୱ ନିରୀକ୍ଷକ ଭେଙ୍କୁଲାଲ ପଧାନ, ଜତିକୃଷ ଶତପଥୀ ଏନଏସି କର୍ମଚାରୀ ଦୀନବନ୍ଧୁ ପଧାନ ସମେତ ବିଭାଗିୟ କର୍ମଚାରୀମାନେ ପୋଲିସ ପ୍ରଶାସନ ସାମିଲ ଅଛନ୍ତି। ଆଗରୁ ପ୍ରଶାସନିକ ଅଧିକାରୀମାନେ ରାସ୍ତା ଜବରଦଖଲରେ ଆଖି ବୁଜି ଦେଇଥିଲେ। ଫଳରେ ଉକ୍ତ ରାସ୍ତା ସଂକୁଚିତ ହୋଇପଡ଼ିବା ସହିତ ଏଠାରେ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଥିଲା । ଏହି ଦୃଷ୍ଟିରୁ ଉକ୍ତ ରାସ୍ତାରେ ଜବରଦଖଲ ହଟାଇବା ସହିତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା ।

## ଅଜଣାଗାଡ଼ି ଧକ୍କାରେ ୩ଜଣ ଯୁବକଙ୍କ ମୃତ୍ୟୁ

**ପଦ୍ମପୁର, ୨୧।୫ (ସଂଚାର ବ୍ୟୁରୋ) :** ରାୟଗଡ଼ା ଜିଲା ପଦ୍ମପୁର ପାଖ ଗୁମୁଡ଼ା ବ୍ରିଜ୍ ଉପରେ ଅଜଣାଗାଡ଼ି ଧକ୍କାରେ ୩ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଦୁଇ ଜଣ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁଣପୁର ମେଡିକାଲରେ ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନାନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଗୁମୁଡ଼ା ପଟରୁ ପାଖ କାରେଣୀ ଗାଁକୁ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ଏକ ବାଇକ୍ ଯୋଗେ କଇଠପଦର ଗ୍ରାମର ବୁଲୁ ଶବର(୧୯), ସୁବ୍ରତ ଶବର(୧୭)ଓ ଆରକା ବାଲକ୍ରିଷ୍ଣା(୧୮) ଗୁମୁଡ଼ାରୁ କାରେଣୀ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ଏକ ବାଇକ୍‌ରେ ଆସୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହେଇଥିବା ବେଳେ ଅନ୍ୟ ଅତି ଗୁରୁତର ଅବସ୍ଥାରେ ୩ଜଣଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଲେ ବୁଲୁ ଶବର ଓ ସୁବ୍ରତ ଶବରଙ୍କ ପଦ୍ମପୁର ମେଡିକାଲ ଡାକ୍ତର କରୁଣାକର ସାହୁ ମୃତ ଘୋଷଣା କରିଥିଲେ ଏବଂ ଅତି ଗୁରୁତର ଥିବା ଆରକା ବାଲକିଷ୍ଟାଙ୍କୁ ଗୁଣପୁର ମେଡିକାଲକୁ ପଠାଇ ଥିବାବେଳେ ତାଙ୍କର ମଧ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଖବର ପାଇ ଗୁମୁଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଗୁଣୁପୁର ପଠାଇ ଘଟଣାର ତଦନ୍ତ କରୁଛନ୍ତି।

### ବେଦାନ୍ତର ସଙ୍ଗମ ଜଳବିଭାଜିକା

# ୪୧ ଗ୍ରାମକୁ ବର୍ଷସାରା ମିଳିବ ଜଳ ସୁରକ୍ଷା

**ଭୁବନେଶ୍ୱର, ୨୧।୫(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ଜଳ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି, ଯାହା ପୂର୍ବରୁ ମରୁଡ଼ି ଏବଂ ଦୁର୍ଭିକ୍ଷ ଦ୍ୱାରା ପୀଡିତ ଥିଲା। ପ୍ରଯୁକ୍ତିବିଦ୍ୟା-ସମର୍ଥିତ ପଦକ୍ଷେପ ଏବଂ ଏକ ସହଭାଗୀ ପଦ୍ଧତି ବ୍ୟବହାର କରି ବେଦାନ୍ତର 'ସଙ୍ଗମ ଜଳବିଭାଜିକା ପ୍ରକଳ୍ପ' କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଆଖପାଖର ୪୧ଟି ଗ୍ରାମରେ ସ୍ଥାୟୀ ଜଳ ବ୍ୟବସ୍ଥା ସହିତ ପାନୀୟ ଏବଂ କୃଷି ଉଭୟ ପାଇଁ ବର୍ଷସାରା ଜଳ ଉପଲବ୍ଧତା ସୁନିଶ୍ଚିତ କରୁଛି।



ସଙ୍ଗମ ଜଳବିଭାଜିକା ପ୍ରକଳ୍ପ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ୩୫୦୦ ଏକରରୁ ଅଧିକ ଚାଷ ଜମିକୁ ଜଳସେଚନ ପାଇଁ ଜଳ ଯୋଗାଉଛି, ଜଳ ସଂରକ୍ଷଣ କ୍ଷମତା ଏବଂ ଭୂତଳ ଜଳ ରିଚାର୍ଜ ହାରକୁ ବୃଦ୍ଧି କରୁଛି। ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ଏହି ପଦକ୍ଷେପ ପ୍ରତିବର୍ଷ ୨୨,୦୦୦ ରୁ ଅଧିକ ଲୋକଙ୍କୁ ସିଧାସଳଖ ଲାଭ ଦେବ। କେବଳ ଗତ ଆର୍ଥିକ ବର୍ଷରେ ୨୫୦୦ରୁ ଅଧିକ ବ୍ୟକ୍ତି ଗୋଷ୍ଠି ଭିତ୍ତିକ ଏବଂ ଚାଷ ପୋଖରୀ ବିକାଶରୁ ସିଧାସଳଖ ଲାଭ ପାଇଛନ୍ତି, ଯାହା ସାମୂହିକ ଭାବରେ ୨.୮୨ ଲକ୍ଷ ଘନ ମିଟର ରିଚାର୍ଜ କ୍ଷମତାକୁ ବୃଦ୍ଧି କରିଛି। ନିରନ୍ତର କୃଷି ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ଭାବରେ ବେଦାନ୍ତର ସଙ୍ଗମ ଜଳବିଭାଜିକା ପ୍ରକଳ୍ପ ବଳଭଦ୍ରପୁର ଗ୍ରାମରେ କୃଷି ଉତ୍ପାଦକତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି, ଆଖୁ ଉତ୍ପାଦନରେ ୨୫% ବୃଦ୍ଧି ହୋଇଥିବା ଚାଷୀମାନେ ରିପୋର୍ଟ କରିଛନ୍ତି। ଜାଲି ମାଧ୍ୟମରେ ପନିପରିବା ଚାଷ ଏବଂ ଷ୍ଟ୍ରବେରୀ ଚାଷ ଭଳି ସ୍ମାର୍ଟ କୃଷି ପଦ୍ଧତିର ପ୍ରୋତ୍ସାହନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ଏନଏଡିଇପି କମ୍ପୋଷ୍ଟିଂ ମାଧ୍ୟମରେ ୭୨ ଏକର ଜମିରେ ଜୈବିକ କୃଷିକୁ ମଧ୍ୟ ସମର୍ଥନ କରେ ଏବଂ ଯାନ୍ତ୍ରିକ କୃଷିକୁ ଆଗକୁ ବଢ଼ାଇବା ପାଇଁ ପାଞ୍ଚଟି କିଷାନ ସେବା କେନ୍ଦ୍ର ସ୍ଥାପନ କରିଛି ବୋଲି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି। ଏହି ପ୍ରକଳ୍ପ ବ୍ୟତୀତ ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ସାମାଜିକ ଭିତ୍ତିଭୂମିରେ ବଡ ଧରଣର ନିବେଶ କରିଛି। ଲାଞ୍ଜିଗଡ଼ରେ ଏହାର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀ ମାଧ୍ୟମରେ କମ୍ପାନୀ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦରେ ପ୍ରାୟ ୩% ଅବଦାନ ରଖିଛି। ଏହା ୨୧ଟି ସ୍କୁଲରେ ଭିତ୍ତିଭୂମିକୁ ସମର୍ଥନ କରି ଏବଂ ଡିଏଭି-ବେଦାନ୍ତ ସ୍କୁଲ ପ୍ରତିଷ୍ଠା କରି ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିଛି, ଶିକ୍ଷାଗତ ସୁବିଧା ବୃଦ୍ଧି କରିଛି, ଏବଂ ଉତ୍ସର୍ଗୀକୃତ ହସ୍ପିଟାଲ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସେବାକୁ ଉନ୍ନତ କରିଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଧର୍ମଶାଳା, ୨୧।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜୀରା ପଞ୍ଚାୟତର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ବାପା ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନା ଅଧିକାରୀ ନିରୂପମା ଜେନା କହିଛନ୍ତି। ଅଭିଯୋଗ ମୁତାବକ ଯୁବକ ଜଣଙ୍କ ସେଠାରେ ଥିବା ବିଜେଡି କାର୍ଯ୍ୟାଳୟ ପାଖରେ ଗତକାଲି ଭୋଜି କରି ସେଠାରେ ରାତିରେ ଶୋଇଥିଲେ କିନ୍ତୁ ସକାଳୁ ନ ଉଠିବାରୁ ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଉକ୍ତ ଯୁବକ ଜଣଙ୍କୁ ବଡ଼ଚଣା ମେଡିକାଲ ନେଇ ଯିବା ପରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଯୁବକଙ୍କ ମୃତୁ କିପରି ହେଲା ଓ କିଏ କିଏ ଭୋଜିରେ ସାମିଲ ଥିଲେ ତାକୁ ନେଇ ପୋଲିସ ତଦନ୍ତ ଚଳାଇଛି। ଅପରପକ୍ଷରେ ଦଳୀୟ କାର୍ଯ୍ୟାଳୟକୁ ନେଇ ସୋସିଆଲ ମିଡିଆରେ ନାନା ଆଲୋଚନା ଦେଖିବାକୁ ମିଳୁଛି।

# ଇକୋ-ଟୁରିଜିମକୁ ଅମିତାଭ କାନ୍ତଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୧।୫:** ନୀତି ଆୟୋଗର ପୂର୍ବତନ ମୁଖ୍ୟ ଅମିତାଭ କାନ୍ତ ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିଦର୍ଶନ କରି ଏହାର ଇକୋଟୁରିଜିମକୁ ଭାରତର ସର୍ବୋତ୍ତମ ଇକୋଟୁରିଜିମ ଭାବରେ ପ୍ରଶଂସା କରିଛନ୍ତି । ସେ ଦେବ୍ରିଗଡ଼ ଇକୋଟୁରିଜିମ ଗୋଷ୍ଠିର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ ଏବଂ ଦେବ୍ରିଗଡ଼ ଅଭୟାରଣ୍ୟରେ କାର୍ଯ୍ୟ କରୁଥିବା ଗୋଷ୍ଠି ଇକୋଟୁରିଜିମ ମଡେଲକୁ ପ୍ରଶଂସା କରିଥିଲେ ଯେଉଁଠାରେ ଜଙ୍ଗଲ ଉପରେ ନିର୍ଭରଶୀଳ ୮୫ ଟି ପରିବାର ବିଭିନ୍ନ ଇକୋଟୁରିଜିମ କାର୍ଯ୍ୟକଳାପରୁ ସେମାନଙ୍କର ଜୀବିକା ଅର୍ଜନ କରୁଛନ୍ତି ।




ପର୍ଯ୍ୟଟକଙ୍କ ପାଇଁ ଜଙ୍ଗଲ ସଫାରୀ, ହୀରାକୁଦ କ୍ରୁଜ୍, ଟ୍ରେକିଂ, ହାଇକିଂ, କାୟାକିଂ, ବନ୍ୟପ୍ରାଣୀ ଉପରେ କାହାଣୀ କହିବା, ପକ୍ଷୀ ଦେଖିବା ଇତ୍ୟାଦି ଅଧିବେଶନ ଏହି ସମ୍ପ୍ରଦାୟ ସଦସ୍ୟମାନେ କରନ୍ତି । ଦେବ୍ରିଗଡ଼ରେ ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ ୨୦ ଟି କଟେଜ ଉପଲବ୍ଧ, ଯେଉଁଥିରେ କାଚ ଛାତ ସହିତ ୬ ଟି ଷ୍ଟାରଗେଜିଂ ରୁମ ଅନ୍ତର୍ଭୁକ୍ତ ।

ଦେବ୍ରିଗଡ଼ରେ କାର୍ଯ୍ୟରତ ପ୍ରତ୍ୟେକ ଗୋଷ୍ଠିର ସଦସ୍ୟ ପ୍ରତି ମାସରେ ୧୩ ରୁ ୧୫ ହଜାର ଟଙ୍କା ରୋଜଗାର କରିପାରିବେ । ମହିଳା ସଫାରୀ ଡ୍ରାଇଭର ଏବଂ ଇକୋଗାଇଡ୍ ସହିତ ୪୦% ମହିଳା ଇକୋଟୁରିଜିମରେ ମଧ ନିଯୁକ୍ତି ପାଇଛନ୍ତି । ଦେବ୍ରିଗଡ଼ ଅଭୟାରଣ୍ୟରେ ସମସ୍ତ ଗ୍ରାମକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଅଭୟାରଣ୍ୟ ଭିତରେ ବର୍ତ୍ତମାନ କୌଣସି ମଣିଷ-ପଶୁ ସଂଘର୍ଷ ନାହିଁ ।

ବୈଜ୍ଞାନିକ ଆବାସ ପରିଚାଳନା କାର୍ଯ୍ୟ ବନ୍ୟପ୍ରାଣୀ ସଂଖ୍ୟାକୁ ସୁଦୃଢ଼ କରିଛି, ସମ୍ବର, ହରିଣ, ଭାଲୁ ଇତ୍ୟାଦିଙ୍କ ସହିତ ପ୍ରତିଦିନ ପର୍ଯ୍ୟଟକମାନେ ଭାରତୀୟ ଗୟଳର ବଡ଼ ବଡ଼ ପଲ ଦେଖୁଛନ୍ତି । ହୀରାକୁଦରେ ୧୮ଟି କ୍ରୁଜ୍ ଡଙ୍ଗା ମଧ କାର୍ଯ୍ୟକ୍ଷମ ଅଛି ଯାହା ବାଉଁଶ ଏବଂ ତାଳ ଗଛରେ ତିଆରି ଏକ ଗୋଷ୍ଠି ପରିଚାଳିତ ଆଇଲ୍ୟାଣ୍ଡ କାଫେ ସହିତ କାର୍ଯ୍ୟ କରୁଛି । ଏହା ବ୍ୟତୀତ, ଗୋବିନ୍ଦପୁର ପକ୍ଷୀ ଗ୍ରାମ, ଧୋଡ୍ରୋକୁସୁମ ସବୁଜ ଗ୍ରାମ, ବୀର ସୁରେନ୍ଦ୍ର ସାଏ ସ୍ମାରକୀ ଇତ୍ୟାଦି ମଧ ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ । କିଛି ଶିକାରୀ ଏଠାରେ ଇକୋଗାଇଡ୍ ଭାବରେ ନିଯୁକ୍ତ ଅଛନ୍ତି ।

୨୦୨୪-୨୫ ବର୍ଷ ମଧରେ, ଦେବ୍ରିଗଡ଼ ଇକୋଟୁରିଜିମ୍ ସର୍ବାଧିକ ୫.୧୧ କୋଟି ଟଙ୍କା ରାଜସ୍ୱ ଅର୍ଜନ କରିଛି । ଇକୋଟୁରିଜିମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ଥାନୀୟ ସମ୍ପ୍ରଦାୟ ମଧରେ ସେମାନଙ୍କ ମଜୁରୀ ଭାବରେ ୩୫% ବାଣ୍ଟି ଦିଆଯାଏ, ୨୫% ପୁନରାବୃତ୍ତି ଖର୍ଚ୍ଚ ପାଇଁ, ୧୦% ଭିତ୍ତିଭୂମି ବିକାଶ ପାଇଁ, ୧୦% ଗ୍ରାମ ବିକାଶ ପାଇଁ, ୨୦% ସମ୍ପ୍ରଦାୟ ସଦସ୍ୟଙ୍କ ତାଲିମ ଏବଂ କ୍ଷମତା ନିର୍ମାଣ ପାଇଁ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ କର୍ପସ୍ ପାଣ୍ଠିକୁ ଦିଆଯାଏ । ଏଥିରୁ ୧୦୦% ରାଜସ୍ୱ ସମ୍ପ୍ରଦାୟକୁ ଫେରିଯାଏ । ଏହା ସ୍ଥାନୀୟ ସମ୍ପ୍ରଦାୟକୁ ଇକୋଟୁରିଜିମରେ ପ୍ରମୁଖ ଅଂଶୀଦାର କରିଥାଏ ଯାହା ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣକୁ ସୁଦୃଢ଼ କରିଥାଏ ।

ଇକୋଟୁରିଜିମରେ ଗୋଷ୍ଠିର ନିୟୋଜିତତା ବନ୍ୟପ୍ରାଣୀ ସଂରକ୍ଷଣକୁ ସୁଦୃଢ଼ କରିଛି । ସ୍ଥାନୀୟ ସମ୍ପ୍ରଦାୟ ଅଭୟାରଣ୍ୟ ଏବଂ ଏହାର ସୁରକ୍ଷାର ମାଲିକାନା ନେଇଛନ୍ତି । ସମ୍ପ୍ରଦାୟ ଇକୋଟୁରିଜିମ୍ ଜଙ୍ଗଲ ଉପରେ ନିର୍ଭରଶୀଳ ଅନେକଙ୍କୁ ଆର୍ଥିକ ଲାଭ ଦେଇ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିଛି । (ତଥ୍ୟ)

## ନୂଆ ଚାଲ୍ ଆରମ୍ଭ କରୁଛି ଚୀନ

# ଆଫଗାନିସ୍ତାନ ଯାଏ ବଢ଼ିବ ସିପିଇସି

**ନୂଆଦିଲ୍ଲୀ,୨୧।୫:** ତାଲିବାନ ସହ ଭାରତର ବଢ଼ୁଥିବା ସମ୍ପର୍କ ଦେଖି ନୂଆ ଚାଲ୍ ଆରମ୍ଭ କରିଛି ଚୀନ । ପାକିସ୍ତାନ ଓ ଆଫଗାନିସ୍ତାନ ବିଦେଶ ମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ଚୀନ ଏକ ବଡ଼ ଘୋଷଣା କରିଛି। ଏହା ଅନୁସାରେ ଏବେ ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର ସିପିଇସିକୁ ଆଫଗାନିସ୍ତାନ ଯାଏ ବଢ଼ାଯିବ । ଅନୁମାନ କରାଯାଉଛି ଯେ ପାକିସ୍ତାନ ସହ ଆଫଗାନିସ୍ତାନର ସମ୍ପର୍କରେ ସୁଧାର ଆଣିବା ପାଇଁ ଚୀନ ଏହି ରଣନୀତି କରିଛି। ଆଫଗାନିସ୍ତାନରେ ତାଲିବାନ ଶାସନ ସ୍ଥାପନ ହେବା ପରେ ପାକିସ୍ତାନ ନିଜ ପତିଆରା ବଢ଼ାଇବ ବୋଲି ଆଶା କରିଥିଲା, କିନ୍ତୁ ତାଲିବାନ ସେପରି କରାଇ ଦେଲାନି । ତେଣୁ ଚୀନ ଏବେ ଏଥିରେ ନିଜ ମୁଣ୍ଡ ଖେଳାଇବା ଆରମ୍ଭ କରିଛି । ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇଶାକ ଡାର, ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୱିଙ୍କ ସହ ଆଫଗାନିସ୍ତାନ ସମକକ୍ଷ ଆମିର ଖାନ ମୁତ୍ତାକି ବୈଠକ କରିଛନ୍ତି। ଏହା ବୈଠକରେ ସିପିଇସିକୁ ଆଫଗାନିସ୍ତାନ ଯାଏ ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ବ୍ୟତୀତ ଏବେ ତିନି ଦେଶର ପରବର୍ତ୍ତୀ ବୈଠକ ଆଫଗାନିସ୍ତାନରେ ହେବା ନେଇ ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ଇଶାକ ଡାର ଚୀନ ଓ ଆଫଗାନିସ୍ତାନ ବିଦେଶ ମନ୍ତ୍ରୀଙ୍କ ସହ ଏକ ଫଟୋ ସେୟାର କରିଛନ୍ତି । ଏଥିରେ ସେ ଲେଖିଛନ୍ତି ଚୀନ, ଆଫଗାନିସ୍ତାନ ଓ ପାକିସ୍ତାନ କ୍ଷେତ୍ରୀୟ ଶାନ୍ତି, ସ୍ଥିରତା ଓ ବିକାଶ ସହ ଅଛନ୍ତି। ଅନୁମାନ କରାଯାଉଛି ଯେ ସିପିଇସି ବିସ୍ତାର ପଛରେ ଅନ୍ୟ ଏକ କାରଣ ହେଉଛି ଚାହବାର ପୋର୍ଟକୁ ନେଇ ଆଫଗାନିସ୍ତାନ ଅଧିକ ଆଗ୍ରହ ଦେଖାଉଥିଲା । ଉଲ୍ଲେଖଯୋଗ୍ୟ ଯେ ଏହି ବନ୍ଦରକୁ ଭାରତ ଓ ଇରାନ ମିଳିତ ଭାବେ ବିକଶିତ କରିଛନ୍ତି। ତେଣୁ ଭାରତ ସହ ଆଫଗାନିସ୍ତାନର ବଢ଼ୁଥିବା ଘନିଷ୍ଠତାକୁ ରୋକିବା ପାଇଁ ଚୀନ ନୂଆ ଚାଲ୍ ଚଲାଇଛି। ଉଲ୍ଲେଖଯୋଗ୍ୟ ଯେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ମାନ୍ୟତା ଦେଇଥିବା ଦେଶ ମଧ୍ୟରେ ଚୀନ ପ୍ରଥମ ଥିଲା । କିନ୍ତୁ ପରେ ଭାରତ ସହ ତାଲିବାନର ସମ୍ପର୍କରେ ସୁଧାର ଆସିବା ଦେଖି ଚୀନ ନିଜ ସମ୍ପର୍କକୁ ମଜଭୁତ କରୁଛି। ସିପିଇସିର ଗୋଟିଏ ଅଂଶ ପାକିସ୍ତାନ ଅଧିକୃତ କାଶ୍ମୀର ଦେଇ ଯିବ, ଯାହାକୁ ନେଇ ଭାରତ ପୂର୍ବରୁ ଆପତ୍ତି ଉଠାଇ ସାରିଛି । ଏହି କାରଣରୁ ଭାରତ ଚୀନର ବେଲ୍ଟ ରୋଡ୍ ଇନିସିଏଟିଭରେ ସାମିଲ ହେବାକୁ ମନା କରିଥିଲା। ଚୀନର ବିଆରଆଇ ଯୋଜନାର ଗୋଟିଏ ଅଂଶ ହେଉଛି ସିପିଇସି ।



# ଭାରତର ଆମ୍ବ ଫେରାଇଦେଲା ଆମେରିକା

● ୪ କୋଟି ୨୮ ଲକ୍ଷ ଟଙ୍କା କ୍ଷତି



**ୱାଶିଂଟନ,୨୧।୫:** ଆମେରିକାରେ ଭାରତୀୟ ରପ୍ତାନୀକାରୀଙ୍କୁ ଝଟକା। ଭାରତରୁ ଲସଏଞ୍ଜେଲ୍ସ, ସାନ ଫ୍ରାନସିସ୍କୋ ଓ ଆଟ୍‌ଲାଣ୍ଟା ବିମାନବନ୍ଦରରେ ଭାରତର ୧୫ କଣ୍ଟେନର ଆମ୍ବକୁ ଫେରାଇଦେଇଛି ଆମେରିକା। କାଗଜପତ୍ରରେ ତ୍ରୁଟି ଥିବା ଦର୍ଶାଇ ଆମେରିକୀୟ କର୍ତ୍ତୃପକ୍ଷ ଭାରତୀୟ ଆମ୍ବକୁ ପ୍ରତ୍ୟାଖାନ କରିଛନ୍ତି । ଏଥିପାଇଁ ଭାରତୀୟ ବ୍ୟବସାୟୀଙ୍କୁ ୫ ଲକ୍ଷ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୪ କୋଟି ୨୮ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡିଛି । ବର୍ତ୍ତମାନ ଏହି ଆମ୍ବ ଭାରତକୁ ଫେରାଇ ଆଣିବା କିମ୍ବା ସେହିଠାରେ ନଷ୍ଟ କରିବାର ବିକଳ୍ପ ବାକି ରହିଛି । ତେବେ ଏହି ଆମ୍ବ ଭାରତକୁ ଫେରାଇ ଆଣିବା ବ୍ୟୟସାପେକ୍ଷ ହୋଇଥିବାରୁ ଏହାକୁ ସେହିଠାରେ ନଷ୍ଟ କରିବାକୁ ନିଷ୍ପତ୍ତି ନିଆ ଯାଇଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭାରତରୁ ଏୟାର କାର୍ଗୋ ଜରିଆରେ ୧୫ ସିପ୍‌ମେଣ୍ଟ୍‌ରେ ଆମ୍ବ ପଠାଯାଇଥିଲା । ମୁମ୍ବାଇରୁ ରପ୍ତାନୀ ପୂର୍ବରୁ ମେ' ୮ ଓ ୯ ତାରିଖରେ ନଭି ମୁମ୍ବାଇରେ ଥିବା ୟୁନାଇଟେଡ୍ ଷ୍ଟେଟ୍ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍ଚର୍ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ଆମ୍ବଗୁଡ଼ିକୁ ରେଡିଏସନ୍ ଟ୍ରିଟ୍‌ମେଣ୍ଟ ପ୍ରକ୍ରିୟାରେ ଯାଞ୍ଚ କରାଯାଇଥିଲା। ପିପିକ୍ୟୁ ୨୦୩ ଫର୍ମର ଆବଶ୍ୟକତା ଅନୁସାରେ ଉକ୍ତ ପ୍ରକ୍ରିୟାରେ ଆମ୍ବକୁ କୀଟାଣୁ ନାଶକ କରି ଏହାକୁ ଅଧିକ ସମୟ ସତେଜ ରଖିବା ପାଇଁ ବିକିରଣ ନିୟନ୍ତ୍ରଣ ଡୋଜ୍ ଦିଆଯାଏ। ଆମେରିକାକୁ କୌଣସି ଫଳ ରପ୍ତାନୀ କରିବା ପାଇଁ ଏହି ପ୍ରକ୍ରିୟା ଆପଣାଇବା ବାଧ୍ୟତାମୂଳକ କରାଯାଇଛି। ଏହା କରିବା ସତ୍ତ୍ୱେ ଆମେରିକା ଅଧିକାରୀମାନେ ଏଥିରେ ତ୍ରୁଟି ଥିବା ଦର୍ଶାଇ ଆମ୍ବକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ଭାରତୀୟ ଆମ୍ବର ପ୍ରମୁଖ ଆମଦାନୀକାରୀ ହେଉଛି ଆମେରିକା। ତେବେ ଆମେରିକା ଆମ୍ବ ନେବାକୁ ମନା କରିବା ପରେ ଏବେ ଭାରତୀୟ ରପ୍ତାନୀକାରୀଙ୍କ ଉପରେ ଏହା ନକାରତ୍ମକ ପ୍ରଭାବ ପକାଇବ। ଏହି ଘଟଣା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିସହ ଅନ୍ତର୍ଜାତୀୟ ବଜାରର ମାନକ ପୂରଣ ଦିଗରେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ବାର୍ତ୍ତା ଦେଇଛି । ବିଶ୍ୱ ବଜାରରେ ଭାରତୀୟ ଆମ୍ବର ଚାହିଦା ରହିଥିବା ବେଳେ ଆମେରିକାର ଏଭଳି ପ୍ରତ୍ୟାଖାନ ବ୍ୟବସାୟୀଙ୍କୁ ଝଟକା ଦେଇଛି । ଅନ୍ୟପଟରେ ଏହି ଘଟଣା ଭବିଷ୍ୟତରେ ଆମେରିକା ସହ ଆମ୍ବ ବ୍ୟବସାୟ ଉପରେ ପ୍ରଭାବ ପକାଇପାରେ ବୋଲି ଆଶଙ୍କା କରାଯାଉଛି ।

# କୋଲକାତା ଆକାଶରେ ଉଡିଲା ସନ୍ଦିଗ୍ଧ ଡ୍ରୋନ

**କୋଲକାତା,୨୧।୫:** କୋଲକାତା ଓ ଏହାର ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଯେଉଁଠି ଗତ ସୋମବାର ରାତିରେ ଏକାଧିକ ଅନଧିକୃତ ଡ୍ରୋନ ଭଳି ବସ୍ତୁ ମୁକ୍ତାକାଶରେ ଦୃଶ୍ୟମାନ ହୋଇଥିଲା। କୋଲକାତା ପୋଲିସ ବୁଧବାର ଏନେଇ ଚିନ୍ତାବ୍ୟକ୍ତ କରିବା ସହ ଘଟଣାର ଛାନଭିନ ଜାରି ରଖିଛି। ଏହି ସନ୍ଦିଗ୍ଧ ବସ୍ତୁର ଉଡାଣ ପଛରେ କାହାର ହାତ ରହିଛି ଓ ଏହା ପଛର କାରଣ କଣ ସେନେଇ ତଦନ୍ତ ଜାରି ରହିଛି। ମିଳିଥିବା ସୂଚନା ମୁତାବକ, ଗତ ସୋମବାର ମଧ୍ୟରାତ୍ରରେ ୮ରୁ ୧୦ଟି ସନ୍ଦିଗ୍ଧ ବସ୍ତୁ କୋଲକାତାର ହସଟିଙ୍ଗ, ବିଦ୍ୟାସାଗର ସେତୁ ଓ ମଇଦାନ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଏହାକୁ ନେଇ କୋଲକାତାରେ ଥିବା ପ୍ରତିରକ୍ଷା ମୁଖପାତ୍ର ସହରର ବିଭିନ୍ନ ସ୍ଥାନରେ ଏହିଭଳି ଅଜଣା ବସ୍ତୁ ଉଡାଣ ଭରୁଛନ୍ତି ବୋଲି ରିପୋର୍ଟ କରିଥିଲେ। ଏହି ଖବର ମିଳିବା ପରେ ଭାରତର ଅନେକ ଏଜେନ୍ସି ଏହା ପଛର କାରଣ ଖୋଜିବାକୁ ଖୋଳତାଡ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ଆଦେଶ ଦିଆଯାଇଛି ବୋଲି ପ୍ରଶାସନିକ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହାସହ ଜଣେ ପ୍ରତିରକ୍ଷା ଅଧିକାରୀ ଏନେଇ ମନ୍ତବ୍ୟ ଦେଇ କହିଛନ୍ତି ଯେ "କୋଲକାତା ଆକାଶରେ ଅନେକ ସନ୍ଦିଗ୍ଧ ବସ୍ତୁ ନଜରକୁ ଆସିଛନ୍ତି। ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଛି।" ହସଟିଙ୍ଗ ପୋଲିସ ଥାନା ପକ୍ଷରୁ ଆକାଶରେ ଡ୍ରୋନ ଭଳି ଦେଖାଯାଉଥିବା ଅଜଣା ସନ୍ଦିଗ୍ଧ ବସ୍ତୁ ଉଡୁଥିବା ନେଇ ରିପୋର୍ଟ କରାଯାଇଥିଲା।



## ସୁଟକେସରୁ ମହିଳାଙ୍କ ମିଳିଲା ମୃତଦେହ, ହତ୍ୟା କରି ଟ୍ରେନରୁ ଫିଙ୍ଗି ଦେଲେ!



**ବେଙ୍ଗାଲୁରୁ,୨୧।୫:** ବୁଧବାର ବେଙ୍ଗାଲୁରୁରେ ଏକ ରେଳ ପୋଲ ନିକଟରେ ଏକ ଛିଣ୍ଡା ନୀଳ ରଙ୍ଗର ସୁଟକେସ ମିଳିଥିଲା ଏବଂ ଏହାର ଭିତରେ ଯାହା ଥିଲା ତାହା ସମସ୍ତଙ୍କୁ ଡରାଇ ଦେଇଥିଲା। ଏହା ଭିତରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା, ଯାହାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସୁଟକେସଟି ବେଙ୍ଗାଲୁରୁର ଚନ୍ଦାପୁରା ପୁରୁଣା ରେଳ ପୋଲ ନିକଟରେ ସ୍ଥାନୀୟ ଲୋକ ଠାବ କରିଥିଲେ, ଏବଂ ପୋଲିସ ସନ୍ଦେହ କରୁଛି ଯେ ଏହା ଏକ ଚଳନ୍ତା ଟ୍ରେନରୁ ଫିଙ୍ଗି ଦିଆଯାଇଥିଲା। "ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମହିଳାଙ୍କୁ ଅନ୍ୟ କୌଣସି ସ୍ଥାନରେ ହତ୍ୟା କରାଯାଇଥିଲା ଏବଂ ମୃତଦେହକୁ ସୁଟକେସରେ ଭର୍ତ୍ତି କରି ଚଳନ୍ତା ଟ୍ରେନରୁ ଫିଙ୍ଗି ଦିଆଯାଇଥିଲା। ମୃତଦେହ ପାଖରେ କୌଣସି ପରିଚୟ ପତ୍ର ମିଳିନାହିଁ ଏବଂ ଆମେ ମହିଳାଙ୍କ ବିଷୟରେ ତଥ୍ୟ ଜାଣିବାକୁ ଚେଷ୍ଟା କରୁଛୁ, ଯେପରି ତାଙ୍କ ନାମ, ବୟସ ଏବଂ ସେ କେଉଁଠାରୁ ଆସିଥିଲେ," ଜଣେ ଅଧିକାରୀ କହିଛନ୍ତି। ବେଙ୍ଗାଲୁରୁ ପୋଲିସ ଏକ (ଏଫଆଇଆର) ମାମଲା ରୁଜୁ କରିଛି ଏବଂ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ମାର୍ଚ୍ଚ ମାସରେ ଏକ ସମାନ ଘଟଣାରେ, ବେଙ୍ଗାଲୁରୁର ହୁଲିମାଭୁରେ ଏକ ଘରେ ୩୨ ବର୍ଷୀୟ ମହିଳା ଗୌରୀ ଅନିଲ ସାମ୍ବେକରଙ୍କ ମୃତଦେହ ସୁଟକେସରେ ଭର୍ତ୍ତି ଅବସ୍ଥାରେ ମିଳିଥିଲା। ତାଙ୍କ ସ୍ୱାମୀ ରାକେଶ ସାମ୍ବେକରଙ୍କୁ ପୁଣେରୁ ଗିରଫ କରାଯାଇଥିଲା ଏବଂ ସେ ନାକି ଗୌରୀଙ୍କ ପରିବାରକୁ ଫୋନ କରି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହି ଦମ୍ପତି, ଯେଉଁମାନେ ମହାରାଷ୍ଟ୍ରରୁ ଥିଲେ, ଦୁଇ ବର୍ଷ ପୂର୍ବେ ବିବାହ କରିଥିଲେ ଏବଂ ଜାନୁଆରୀରେ ବେଙ୍ଗାଲୁରୁକୁ ଚାଲି ଆସିଥିଲେ। ରାକେଶ ଏକ ଆଇଟି କମ୍ପାନୀରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାମ କରୁଥିବା ବେଳେ, ଗୌରୀ ଏକ ଚାକିରି ଖୋଜୁଥିଲେ।

● ପାଣି ପାଇଁ ପାକିସ୍ତାନରେ ନିଆଁ

## ସିନ୍ଧପ୍ରଦେଶ ଗୃହମନ୍ତ୍ରୀଙ୍କ ଘର ଜାଳିଦେଲେ



**ଇସଲାମବାଦ,୨୧।୫:** ପୁଣିଥରେ ପାକିସ୍ତାନର ପରିସ୍ଥିତି ଖରାପ ହେବାକୁ ବସିଛି। ଦେଶରେ ପାଣିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପାଣିକୁ ନେଇ ସିନ୍ଧ ଏବଂ ପଞ୍ଜାବ ମଧ୍ୟରେ ବିବାଦ ଚାଲିଛି। ଏହି ମାମଲା ଏତେ ବଢ଼ିଯାଇଛି ଯେ ଲୋକମାନେ ପ୍ରତିବାଦ କରିବାକୁ ରାସ୍ତାକୁ ଓହ୍ଲାଇ ଆସିଛନ୍ତି। ସିନ୍ଧ ପ୍ରଦେଶର ଗୃହମନ୍ତ୍ରୀ ଜିଆଉଲ ହାସନ ଲଞ୍ଜାରଙ୍କ ଘର ଉପରେ ବିକ୍ଷୋଭକାରୀମାନେ ଆକ୍ରମଣ କରିଛନ୍ତି। ଏହି ସମୟରେ ପ୍ରତିବାଦକାରୀମାନେ ଘରକୁ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ଗୃହମନ୍ତ୍ରୀଙ୍କ ଘର ଉପରେ ଆକ୍ରମଣ କରିଥିବା ପ୍ରଦର୍ଶନକାରୀମାନେ ବନ୍ଧୁକ ଧରି ଆସିଥିଲେ। ସମଗ୍ର ଅଞ୍ଚଳରେ ଉତ୍ତେଜନାର ବାତାବରଣ ରହିଛି। ଗରମ ବଢ଼ିବା ସହିତ ପାଣି ସମସ୍ୟା ମଧ୍ୟ ବଢ଼ିଛି। ପାଣିକୁ ନେଇ ଚାଲିଥିବା ବିବାଦ ଏବେ ବହୁତ ବଢ଼ିଯାଇଛି। ନୌସାହରୋ ଫିରୋଜ ଜିଲ୍ଲାର ମୋରୋ ତାଲୁକାରେ ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଏକ ଭୟଙ୍କର ସଂଘର୍ଷ ଘଟିଛି। ଅତି କମରେ ଦୁଇ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ଏହି ପ୍ରତିବାଦ ଛଅଟି କେନାଲ ଏବଂ କର୍ପୋରେଟ ଫାର୍ମିଂ ପ୍ରକଳ୍ପ ବିରୋଧରେ ଡାକରା ଦିଆଯାଇଥିଲା।

## ଆଉ ଜଣେ ପାକ ହାଇକମିଶନ ସଦସ୍ୟ ତଡ଼ାଖାଇଲେ

**ନୂଆଦିଲ୍ଲୀ, ୨୧।୫:** ଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିଶନରେ କାର୍ଯ୍ୟରତ ଆଉ ଜଣେ ପାକିସ୍ତାନୀ ଅଧିକାରୀଙ୍କୁ ପର୍ସୋନା ନନ୍ ଗ୍ରାଟା ଘୋଷଣା କରିଛନ୍ତି ଭାରତ ସରକାର। ସରକାର କହିଛନ୍ତି ଯେ ଅଧିକାରୀ ଜଣକ ଏପରି କିଛି କାର୍ଯ୍ୟକଳାପରେ ଜଡ଼ିତ ଥିଲେ ଯାହା ତାଙ୍କ ପଦବୀ ଅନୁଯାୟୀ ଠିକ୍ ନଥିଲା। ପାକିସ୍ତାନୀ ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୁଧବାର ପାକିସ୍ତାନ ହାଇ କମିଶନର ଚାର୍ଜ ଡି' ଆଫେୟାର୍ସଙ୍କୁ ଏ ସମ୍ପର୍କରେ ଏକ 'demarche' ଜାରି କରାଯାଇଛି । ଏହାର ଅର୍ଥ ହେଉଛି ସରକାର ଏହି ବିଷୟରେ ପାକିସ୍ତାନକୁ ଆନୁଷ୍ଠାନିକ ଭାବରେ ପ୍ରତିବାଦ କରିଛନ୍ତି । ଏହି କାର୍ଯ୍ୟଗୁଡ଼ିକୁ ସହ୍ୟ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ପର୍ସୋନା ନନ୍ ଗ୍ରାଟା ଏକ କୂଟନୈତିକ ଶବ୍ଦ, ଯାହାର ଅର୍ଥ କୌଣସି ବିଦେଶ କୂଟନୀତିଜ୍ଞଙ୍କୁ ଗୋଟିଏ ଦେଶ ଦ୍ୱାରା ଅଯୋଗ୍ୟ ଘୋଷଣା କରାଯିବ ।

# ପୂଜା ଖେଡକରଙ୍କୁ ସୁପ୍ରିମକୋର୍ଟଙ୍କ ଜାମିନ

## ନକଲି ସାର୍ଟିଫିକେଟ ମାମଲାରେ ହରାଇଥିଲେ ଚାକିରି



**ନୂଆଦିଲ୍ଲୀ ୨୧।୫:** ନକଲି ସାର୍ଟିଫିକେଟ ମାମଲାରେ ଚାକିରିରୁ ବରଖାସ୍ତ ଟ୍ରେନି ଆଇଏଏସ ଅଫିସର ପୂଜା ଖେଡକରଙ୍କୁ ସୁପ୍ରିମକୋର୍ଟରୁ ବୁଧବାର ଅଗ୍ରୀମ ଜାମିନ ମିଳିଯାଇଛି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ବି.ଭି ନାଗରତ୍ନା ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ତାଙ୍କ ଅଗ୍ରୀମ ଜାମିନ ନିବେଦନ ଶୁଣାଣି କରିଛନ୍ତି। ଏହା ପୂର୍ବରୁ ଜାନୁୟାରି ମାସରେ ନ୍ୟାୟାଳୟ ତାଙ୍କୁ ଅନ୍ତରୀଣ ସଂରକ୍ଷଣ ପ୍ରଦାନ କରିଥିଲା। ତେବେ ତାଙ୍କୁ ମିଳିଥିବା ଅନ୍ତରୀଣ ଜାମିନକୁ କୋର୍ଟ ଏକ ପୂର୍ଣ୍ଣ ଜାମିନରେ ରୂପାନ୍ତରିତ କରିଛନ୍ତି। କୋର୍ଟ କହିଛନ୍ତି ଯେ ତାଙ୍କ ବିରୋଧରେ ରୁଜୁ ଅପରାଧର ପ୍ରକୃତିକୁ ଧ୍ୟାନରେ ରଖି ଓ ମାମଲାର ତଥ୍ୟ ଓ ପରିସ୍ଥିତି ଦୃଷ୍ଟିରୁ ଏହା ଏକ ଉପଯୁକ୍ତ ମାମଲା, ଏଣୁ ହାଇକୋର୍ଟ ଆବେଦନକାରୀଙ୍କୁ ଅଗ୍ରୀମ ଜାମିନର ଆଶ୍ୱସ୍ତି ଦେବାର ଥିଲା । ସେ ଆଗାମୀ ଯାଞ୍ଚରେ ପୂରା ସହଯୋଗ କରିବେ ଓ ତାଙ୍କ ସ୍ୱାଧୀନତାର ଦୁରୂପଯୋଗ କରିବେ ନାହିଁ। ସେହିପରି ମାମଲାରେ ସାକ୍ଷୀଙ୍କୁ ସେ କୌଣସି ପ୍ରକାର ପ୍ରଭାବିତ କରିବେ ନାହିଁ କି ରେକର୍ଡରେ ମହଜୁଦ ସାମଗ୍ରୀ ସହ କୌଣସି ପ୍ରକାରର ହେରଫେର କରିବେ ନାହିଁ। ଯଦି ଉପରୋକ୍ତ ସର୍ତ୍ତର ସେ କୌଣସି ପ୍ରକାରର ଉଲ୍ଲଂଘନ କରନ୍ତି ତେବେ ପ୍ରତିବାଦୀ ତାଙ୍କ ଅଗ୍ରୀମ ଜାମିନ ରଦ୍ଦ ଦାବି କରିବାକୁ ସ୍ୱାଧୀନ ବୋଲି କହିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଓକିଲ ସିଦ୍ଧାର୍ଥ ଲୁଥେରା କୋର୍ଟରେ ତର୍କ ରଖିଥିବା ବେଳେ ସରକାରୀ ଓକିଲ ଅଭିଯୁକ୍ତ ତଦନ୍ତରେ ସହଯୋଗ କରୁନଥିବାର ଅଭିଯୋଗ କରିଥିଲେ। ତେବେ ଏହା ପୂର୍ବରୁ ମାର୍ଚ୍ଚ ୧୮ ତାରିଖରେ କୋର୍ଟ ଖେଡକରଙ୍କ ଅନ୍ତରୀଣ ସୁରକ୍ଷା ବଢ଼ାଇ ଦେଇଥିଲେ ଏହା ସହ ୟୁପିଏସସି ପ୍ରାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ନକଲି ଡକ୍ୟୁମେଣ୍ଟ ଦୁର୍ନୀତିର ଯାଞ୍ଚ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରା ଉଚରା କରିବା ପାଇଁ ଦିଲ୍ଲୀ ପୁଲିସର ନିବେଦନକୁ ମଧ୍ୟ କୋର୍ଟ ଖାରଜ କରିଦେଇଥିଲେ। ତେବେ ଗତ ଡିସେମ୍ବରରେ ଦିଲ୍ଲୀ ହାଇକୋର୍ଟ ଖେଡକରଙ୍କ ଅଗ୍ରୀମ ଜାମିନ ନିବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। କୋର୍ଟ କହିଥିଲେ ଯେ ଖେଡକରଙ୍କ ପଦକ୍ଷେପ ବ୍ୟବସ୍ଥାରେ ହେରଫେର ପାଇଁ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ଥିଲା। ଏଥିରେ ତାଙ୍କୁ ଯଦି ଅଗ୍ରୀମ ଜାମିନ ମଞ୍ଜୁର କରାଯାଏ ତେବେ ଯାଞ୍ଚ ପ୍ରଭାବିତ ହେବାର ଅନେକ ସମ୍ଭାବନା ରହୁଛି ବୋଲି କୋର୍ଟ କହିଥିଲେ।

# ଭାରତରେ ପୁଣି ବଢୁଛି କୋଭିଡ ସଂକ୍ରମଣ

**ନୂଆଦିଲ୍ଲୀ,୨୧।୫:** ଭାରତରେ ପୁଣି ଥରେ କୋଭିଡ-୧୯ ମାମଲା ବଢ଼ିବା ଆରମ୍ଭ ହୋଇଛି। କେତେକ ରାଜ୍ୟର ଗ୍ରାଫ ଏବେ ଉପରମୁହାଁ ହେଲାଣି। ବିଭିନ୍ନ ଏସିୟ ଦେଶ ସମେତ ହଂକଂ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଓ ଚୀନ ଭଳି ଦେଶର ସହରାଞ୍ଚଳରେ ସଂକ୍ରମଣ ବଢ଼ିବା ପରେ ଭାରତରେ ସଂକ୍ରମଣ ହୋଇଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟଙ୍କ ଅନୁସାରେ କେରଳ, ମହାରାଷ୍ଟ୍ର ଓ ତାମିଲନାଡୁରେ ସବୁଠୁ ଅଧିକ ସକ୍ରିୟ ମାମଲା ସାମ୍ନାକୁ ଆସିଛି। ଉଲ୍ଲେଖଯୋଗ୍ୟ ଯେ ଏବେ ସାରା ଦେଶରେ ମୋଟ ୨୫୭ଟି ସକ୍ରିୟ ମାମଲା ରହିଛି। ତେବେ କେରଳରେ ସଂକ୍ରମିତଙ୍କ ସଂଖ୍ୟା ସବୁଠୁ ଅଧିକ ୯୫ ବୋଲି କୁହାଯାଇଛି। ଏଥି ମଧ୍ୟରେ ମହାରାଷ୍ଟ୍ରରେ ୫୬ ଓ ତାମିଲନାଡୁରେ ୬୬ଟି ମାମଲା ରେକର୍ଡ କରାଯାଇଛି। ଏହା ଛଡା ପୁଡୁଚେରୀ, ଦିଲ୍ଲୀ, ଗୁଜୁରାଟ, ରାଜସ୍ଥାନ, ସିକ୍କିମ, ହରିୟାଣା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ମଧ୍ୟ କୋଭିଡ ସଂକ୍ରମଣର ସୂଚନା ମିଳିଛି। ତେବେ ହେଉଥିବା ସଂକ୍ରମଣ ଖୁବ୍ ହାଲୁକା ଓ ଏଥିଯୋଗୁ ଏପର୍ଯ୍ୟନ୍ତ କୌଣସିଠାରେ ମୃତ୍ୟୁ ଅଭିଯୋଗ ହୋଇ ନାହିଁ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟଙ୍କ କୋଭିଡ-୧୯ ଡ୍ୟାସବୋର୍ଡ ଅନୁସାରେ ୧୨ ମେରୁ ସାରା ଭାରତରେ ୧୬୪ଟି କୋଭିଡ ମାମଲା ରେକର୍ଡ ହୋଇଛି। ଏଣୁ ସ୍ୱାସ୍ଥ୍ୟ ଅଧିକାରୀମାନେ ବୟସ୍କ ଲୋକ, ଗର୍ଭବତୀ ମହିଳା ଓ ପୂର୍ବରୁ କୌଣସି ରୋଗରେ ଆକ୍ରାନ୍ତ ଥିଲେ ଲୋକଙ୍କୁ ମାସ୍କ ପିନ୍ଧିବା ଲାଗି ପରାମର୍ଶ ଦେଇଛନ୍ତି।

# ଅଶୋକା ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କୁ ମିଳିଲା ଜାମିନ

● ତଦନ୍ତ ପାଇଁ ଗଠନ ହେଲା ଏସଆଇଟି



**ନୂଆଦିଲ୍ଲୀ ୨୧।୫:** ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅଲ୍ଲୀ ଖାନ ମହମୁଦାବାଦଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ଅନ୍ତରୀଣ ଜାମିନ। ତାଙ୍କ ଗିରଫଦାରୀ ବିରୋଧରେ ଦାୟର ଆବେଦନ ଉପରେ କୋର୍ଟ ପ୍ରଫେସରଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ହରିୟାଣା ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଏହା ବ୍ୟତୀତ ବୟାନର ତଦନ୍ତ ପାଇଁ ଏକ ଏସଆଇଟି ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନ ଉପରେ ରାୟ ଦେବା ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଆମେ ସିଜେଏମ ସୋନିପତଙ୍କ ସନ୍ତୁଷ୍ଟି ଅନୁଯାୟୀ ଜାମିନ ବଣ୍ଡ ଦାଖଲ କରିବା ସର୍ତ୍ତରେ ଆବେଦନକାରୀଙ୍କୁ ଅନ୍ତରୀଣ ଜାମିନ ଲାଗି ନିର୍ଦ୍ଦେଶ ଦେଉଛୁ । ଉଭୟ ଏଫଆଇଆର ପାଇଁ କେବଳ ଗୋଟିଏ ସେଟ୍ ଜାମିନ ବଣ୍ଡ ରହିବ । ଏହା ବ୍ୟତୀତ ଆମେ ଏହା ମଧ୍ୟ ନିର୍ଦ୍ଦେଶ ଦେଉଛୁ ଯେ ଏହି ମାମଲା ସହ ଜଡିତ ପ୍ରସଙ୍ଗ ଉପରେ କୌଣସି ଲେଖା କିମ୍ବା ଅନଲାଇନ୍ ପୋଷ୍ଟ କରିବେନି କି ବିବାଦୀୟ ଭାଷଣ ଦେବେନି। ଏହା ସହିତ ଯାହା ଭାରତୀୟ ମାଟିରେ ଆତଙ୍କବାଦୀ ଆକ୍ରମଣ କିମ୍ବା ଆମ ଦେଶ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟା ଉପରେ କୌଣସି ମନ୍ତବ୍ୟ ଦେବାରୁ ସେମାନଙ୍କୁ ବାରଣ କରାଯାଇଛି । ଏହା ବ୍ୟତୀତ ଆବେଦନକାରୀଙ୍କୁ ତାଙ୍କର ପାସପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ହରିୟାଣା ସରକାରଙ୍କୁ ନୋଟିସ ଜାରି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଦୁଇଟି ଆପତ୍ତିଜନକ ଅନଲାଇନ୍ ପୋଷ୍ଟର ବିଷୟବସ୍ତୁକୁ ଦେଖି ଆବେଦନକାରୀଙ୍କ ବିରୋଦ୍ଧରେ ଏଫଆଇଆର ରୁଜୁ ହୋଇଥିଲା । ଆମେ ସନ୍ତୁଷ୍ଟ ଯେ ତଦନ୍ତ ସ୍ଥଗିତ ରଖିବା ପାଇଁ କୌଣସି ମାମଲା ନାହିଁ। କୋର୍ଟ କହିଛନ୍ତି, ଆମେ ହରିୟାଣାର ଡିଜିପିଙ୍କୁ ୩ ଜଣ ଆଇପିଏସ ଅଧିକାରୀଙ୍କ ଏକ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଉଛୁ। ଯେଉଁମାନେ ହରିୟାଣା କିମ୍ବା ଦିଲ୍ଲୀର ନୁହଁନ୍ତି । ଏସଆଇଟି ଟିମ୍ ନେତୃତ୍ୱ ପୁଲିସ ମହାନିରୀକ୍ଷକ ନେବେ । ସଦସ୍ୟଙ୍କ ମଧ୍ୟରୁ ଜଣେ ମହିଳା ଅଧିକାରୀ ରହିବେ । କୋର୍ଟ ଏଥିପାଇଁ ୨୪ ଘଣ୍ଟା ସମୟ ଦେଇଛନ୍ତି । ସେହି ୨୪ ଘଣ୍ଟା ମଧ୍ୟରେ ଏସଆଇଟ ଟିମ୍ ଗଠନ କରାଯିବ ବୋଲି ଦୁଇଜଣ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଏନ କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ଆତଙ୍କବାଦୀ ଟାର୍ଗେଟରୁ ବର୍ତ୍ତି ପାରିଲାନି ସ୍କୁଲ ବସ

**ଖୁଜଦାର,୨୧।୫:** ପାକିସ୍ତାନରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥର ଆତଙ୍କବାଦୀମାନେ ଏକ ସ୍କୁଲ ବସକୁ ଟାର୍ଗେଟ କରିଛନ୍ତି। ବେଲୁଚିସ୍ତାନର ଖୁଜଦାରରେ ହୋଇଥିବା ଏହି ଆକ୍ରମଣରେ ଚାରି ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩୮ ଜଣ ଆହତ ହୋଇଛନ୍ତି। ସରକାରୀ ସୂଚନା ଅନୁଯାୟୀ, ଜଣେ ଆତ୍ମଘାତୀ କାର ବୋମା ବିସ୍ଫୋରଣକାରୀ ଏକ ସ୍କୁଲ ବସକୁ ଟାର୍ଗେଟ କରିଛନ୍ତି।
ପାକିସ୍ତାନୀ ନ୍ୟୁଜ ୱେବସାଇଟ ଡନ ଅନୁଯାୟୀ, ସ୍କୁଲ ବସଟି ଜିରୋ ପଏଣ୍ଟ ନିକଟରେ ଥିଲା। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତମାନଙ୍କୁ କ୍ୱେଟା ଏବଂ କରାଚୀର ହସ୍ପିଟାଲକୁ ପଠାଯାଇଛି। ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭି ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ସେ କହିଛନ୍ତି, 'ପିଲାମାନଙ୍କୁ ଟାର୍ଗେଟ କରୁଥିବା ଆକ୍ରମଣକାରୀମାନଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ।' ପାକିସ୍ତାନର ଗୃହ ମନ୍ତ୍ରଣାଳୟ ଏକ୍ସରେ ଏକ ପୋଷ୍ଟ ଶେୟାର କରିଛି। ଏଥିରେ ମୋହସିନ ନକଭି ଆକ୍ରମଣରେ ମୃତ ପିଲାମାନଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରି କହିଛନ୍ତି, 'ଶତ୍ରୁମାନେ ନିର୍ଦ୍ଦୋଷ ପିଲାମାନଙ୍କୁ ନିଜର ଶିକାର କରିଛନ୍ତି। ଏହି ଆକ୍ରମଣ ଦେଶରେ ଅସ୍ଥିରତା ସୃଷ୍ଟି କରିବାର ଏକ ଘୃଣ୍ୟ ଷଡ଼ଯନ୍ତ୍ର। ଦେଶର ଏକତା ଯୋଗୁଁ ପ୍ରତ୍ୟେକ ଷଡ଼ଯନ୍ତ୍ର ବିଫଳ ହେବ।'
ପାକିସ୍ତାନରେ ବେଲୁଚିସ୍ତାନକୁ ନେଇ ଖୁବ ଉତ୍ତେଜନା ରହିଛି। ସେ ପାକିସ୍ତାନରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶ ହେବାକୁ ଚାହାଁନ୍ତି। ବେଲୁଚିସ୍ତାନରେ ବହୁତ ଦିନ ଧରି ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ଚାଲିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ସମୟରେ, ବେଲୁଚିସ୍ତାନ ଲଢୁଆମାନେ ମଧ୍ୟ ପାକିସ୍ତାନୀ ସେନାକୁ ଟାର୍ଗେଟ କରିଥିଲେ। ପାକିସ୍ତାନ ଆତଙ୍କବାଦର ଗଡ଼ ହୋଇଆସିଛି ଏବଂ ଏହାକୁ ଭାରତ ବିରୁଦ୍ଧରେ ବ୍ୟବହାର କରିଆସୁଛି। ପାକିସ୍ତାନ ଦ୍ୱାରା ପଠାଯାଇଥିବା ଆତଙ୍କବାଦୀମାନେ ନିକଟରେ ଜମ୍ମୁ-କଶ୍ମୀରର ପହଲଗାମରେ ଆକ୍ରମଣ କରିଥିଲେ। ଏଥିରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ଏବେ ପାକିସ୍ତାନ ନିଜେ ଆତଙ୍କବାଦର ଶିକାର ହେବାକୁ ଯାଉଛି। ଏହି ବର୍ଷ ପାକିସ୍ତାନରେ ଅନେକ ଆତଙ୍କବାଦୀ ଆକ୍ରମଣ ହୋଇଛି।

୪ ଶିଶୁ ମୃତ, ୩୮ ଆହତ



# ଶିଖର ଛୁଇଁବା ସନ୍ଧାନରେ ସୂର୍ଯ୍ୟବଂଶୀ



**ନୂଆଦିଲ୍ଲୀ,୨୧।୫:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୫ ସିଜିନରେ, ଅନେକ ଯୁବ ଖେଳାଳି ନିଜ ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କ ହୃଦୟ ଜିତିଛନ୍ତି, କିନ୍ତୁ ଜଣେ ଖେଳାଳି ଯାହାଙ୍କ ବିଷୟରେ ସବୁଠାରୁ ଅଧିକ ଚର୍ଚ୍ଚା ହୁଏ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ଚଳିତ ଆଇପିଏଲ୍‌ରେ ଡେବ୍ୟୁ କରିଥିବା ସର୍ବ କନିଷ୍ଠ ନବାଗତ ଖେଳାଳୀ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଏବେ ହେଡ୍‌ଲାଇନ୍ସରେ। ବୈଭବଙ୍କୁ ମୋଟ ୭ଟି ମ୍ୟାଚ୍ ଖେଳିବାର ସୁଯୋଗ ମିଳିଥିଲା ଯେଉଁଥିରେ ସେ ୩୬ ହାରରେ ୨୫୨ ରନ୍ କରିଛନ୍ତି। ତମାମ ରନ୍‌ରେ ବୈଭବଙ୍କ ବ୍ୟାଟ୍‌ରୁ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକୀୟ ଇନିଂସ ମଧ୍ୟ ବାହାରିଥିଲା। ବୈଭବ ତାଙ୍କ ଡେବ୍ୟୁ ସିଜିନରେ ହିଁ ୫ଟି ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି ଯାହାକୁ ଆଗାମୀ ସିଜିନରେ ଭାଙ୍ଗିବା ସହଜ ହେବ ନାହିଁ।

### ବୈଭବ ସୂର୍ଯ୍ୟବଂଶୀଙ୍କ ୫ଟି ଅଦ୍ଭୁତ ରେକର୍ଡ

- ଆଇପିଏଲ୍‌ରେ ସବୁଠାରୁ କମ ବୟସରେ ଡେବ୍ୟୁ କରିବାର ରେକର୍ଡ ଏବେ ବୈଭବ ସୂର୍ଯ୍ୟବଂଶୀଙ୍କ ନାଁରେ ପଞ୍ଜିକୃତ ହୋଇଛି। ବୈଭବ ୧୪ ବର୍ଷ ୨୩ ଦିନ ବୟସରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ।
- ଆଇପିଏଲରେ ସବୁଠାରୁ କମ୍ ବଲ୍‌ରେ ଶତକ ହାସଲ କରିଥିବା ଭାରତୀୟ ଖେଳାଳିଙ୍କ ରେକର୍ଡ ଏବେ ବୈଭବ ସୂର୍ଯ୍ୟବଂଶୀଙ୍କ ନାଁରେ ଅଛି। ଯିଏକି ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରିଥିଲେ।
- ଟି-୨୦ କ୍ରିକେଟରେ ସବୁଠାରୁ କମ ବୟସରେ ଶତକ ହାସଲ କରିଥିବା ଖେଳାଳି ଭାବରେ ଏହି ରେକର୍ଡ ଏବେ ବୈଭବଙ୍କ ନାଁରେ ପଞ୍ଜିକୃତ ହୋଇଛି। ବୈଭବ ୧୪ ବର୍ଷ ୩୨ ଦିନ ବୟସରେ ଟି-୨୦ କ୍ରିକେଟରେ ଶତକ ମାରିଥିଲେ।
- ଆଇପିଏଲ୍ ଇତିହାସରେ ସବୁଠାରୁ କମ ବୟସର ଶତକ ମାରିବାର ରେକର୍ଡ ଏବେ ବୈଭବ ସୂର୍ଯ୍ୟବଂଶୀଙ୍କ ନାଁରେ ପଞ୍ଜିକୃତ ହୋଇଛି।
- ଆଇପିଏଲ୍ ଇନିଂସରେ ସର୍ବାଧିକ ଛକା ମାରିଥିବା ଅନକ୍ୟାପ୍ ଖେଳାଳି ହେବାର ରେକର୍ଡ ମଧ୍ୟ ଏବେ ବୈଭବ ସୂର୍ଯ୍ୟବଂଶୀଙ୍କ ନାଁରେ ପଞ୍ଜିକୃତ ହୋଇଛି। ଗୁଜୁରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ବୈଭବ ତାଙ୍କର ଶତକୀୟ ଇନିଂସରେ ମୋଟ ୧୧ଟି ଛକା ମାରିଥିଲେ, ଯେଉଁଥିରେ ସେ ଇଶାନ କିଶାନଙ୍କ ରେକର୍ଡ ଭାଙ୍ଗିଥିଲେ।

**ବୈଭବଙ୍କ କ୍ୟାରିୟର:** ଯଦି ଆମେ ବୈଭବ ସୂର୍ଯ୍ୟବଂଶୀଙ୍କ ଏପର୍ଯ୍ୟନ୍ତ କ୍ରିକେଟ କ୍ୟାରିୟର ଉପରେ ନଜର ପକାଇବା, ତେବେ ସେ ୫ଟି ଫାଷ୍ଟ କ୍ଲାସ ମ୍ୟାଚ୍, ଲିଷ୍ଟ-ଏ ଫର୍ମାଟରେ ୬ଟି ମ୍ୟାଚ୍ ଏବଂ ଟି-୨୦ ଫର୍ମାଟରେ ମୋଟ ୮ଟି ମ୍ୟାଚ୍ ଖେଳିଛନ୍ତି। ବୈଭବ ଫାଷ୍ଟ କ୍ଲାସ ମ୍ୟାଚ୍‌ରେ ୧୦୦ ରନ୍ କରିଥିବା ବେଳେ, ତାଲିକାରେ ତାଙ୍କ ନାଁରେ ୧୩୨ ରନ୍ ରହିଛି। ଏପର୍ଯ୍ୟନ୍ତ, ବୈଭବ ଟି-୨୦ ଫର୍ମାଟରେ ମୋଟ ୨୬୫ ରନ କରିପାରିଛନ୍ତି।



# ଧୋନୀଙ୍କ ପାଦ ଛୁଇଁଲେ ବୈଭବ ସୂର୍ଯ୍ୟବଂଶୀ

ଜୟପୁର,୨୧।୫: ରାଜସ୍ଥାନ ରୟାଲ୍ସର ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ମହେନ୍ଦ୍ର ସିଂହ ଧୋନୀଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇ IPL 2025 ସିଜିନ ଶେଷ କରିଥିଲେ। ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ରାଜସ୍ଥାନ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ମୁହାଁମୁହିଁ ହୋଇଥିଲେ। ଏହା ଚଳିତ ସିଜିନରେ ରାଜସ୍ଥାନର ଶେଷ ମ୍ୟାଚ ଥିଲା ଏବଂ ୧୪ ବର୍ଷୀୟ ବୈଭବ ଏହି ମ୍ୟାଚ୍‌ରେ ମଧ୍ୟ ନିଜର ଛାପ ଛାଡ଼ିବାରେ ସଫଳ ହୋଇଥିଲେ। ମ୍ୟାଚ ପରେ ଧୋନୀ ଏବଂ ବୈଭବ ପରସ୍ପରକୁ ଭେଟିଥିଲେ। ପରେ ବୈଭବ ମାହିଙ୍କ ପାଦ ଛୁଇଁଥିଲେ। ଧୋନୀତାଙ୍କୁ ଅଟକାଉଥିବାର ଦେଖାଯାଇଥିଲା। ବୈଭବ ଆଇପିଏଲରେ ଖେଳିଥିବା ସବୁଠାରୁ ଯୁବ ଖେଳାଳି ଏବଂ ସେ ତାଙ୍କର ପ୍ରଥମ ସିଜିନରେ ଚର୍ଚ୍ଚାରେ ଥିଲେ। ବୈଭବ ଏହି ସିଜିନରେ ୭ଟି ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ ଏବଂ ୨୦୬.୫୬ ଷ୍ଟ୍ରାଇକ ରେଟ ଏବଂ ୩୬ ଆଭରେଜରେ ୨୫୨ ରନ କରିଥିଲେ। ମେଗା ନିଲାମରେ ରାଜସ୍ଥାନ ବୈଭବଙ୍କୁ କିଣିଥିଲା ଏବଂ ବ୍ୟାଟସମ୍ୟାନ ଦଳର ଆଶା ପୂରଣ କରିଥିଲେ। ତଥାପି, ରାଜସ୍ଥାନ ଦଳ ପ୍ଲେଅଫରେ ପ୍ରବେଶ କରିପାରି ନ ଥିଲା ଏବଂ ଏହାର ଯାତ୍ରା ଗ୍ରୁପ ପର୍ଯ୍ୟାୟରେ ହିଁ ଶେଷ ହୋଇଯାଇଥିଲା। ବୈଭବ ଏବଂ ସଞ୍ଜୁ ସାମସନଙ୍କ ମଧ୍ୟରେ ୯୦+ ରନର ଭାଗୀଦାରି ବଳରେ, ରାଜସ୍ଥାନ ରୟାଲ୍ସ ଚେନ୍ନାଇ ସୁପର କିଙ୍ଗସକୁ ୬ ଉଇକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଟସ ହାରି ପ୍ରଥମେ ବ୍ୟାଟିଂ କରିବା ପରେ, ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୮୭ ରନ କରିଥିଲା। ଜବାବରେ, ରାଜସ୍ଥାନ ୧୭.୧ ଓଭରରେ ଚାରି ଉଇକେଟ ହରାଇ ୧୮୮ ରନ କରିଥିଲା ଏବଂ ଟୁର୍ନାମେଣ୍ଟର ଚତୁର୍ଥ ବିଜୟ ହାସଲ କରିଥିଲା।

## କୋହଲି ଜଣେ ଶ୍ରେଷ୍ଠ ଖେଳାଳି
### ଭାରତରତ୍ନ ଦାବି କଲେ ସୁରେଶ ରାଇନା



**ନୂଆଦିଲ୍ଲୀ ୨୧।୫:** ବିଶ୍ୱ କ୍ରିକେଟ୍‌ରେ ବିରାଟ କୋହଲି ଜଣେ ଶ୍ରେଷ୍ଠ ଖେଳାଳି। ଭାରତରତ୍ନ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ପୂର୍ବତନ କ୍ରିକେଟର ସୁରେଶ ରାଇନା। ସେ କହିଛନ୍ତି,' ଭାରତୀୟ କ୍ରିକେଟ୍ ପ୍ରତି କୋହଲିଙ୍କ ଅବଦାନ ଅତୁଳନୀୟ। ତେଣୁ ମୋ ମତରେ କେନ୍ଦ୍ର ସରକାର ତାଙ୍କୁ ଭାରତରତ୍ନରେ ଭୂଷିତ କରିବା ଉଚିତ।' କ୍ରୀଡ଼ା କ୍ଷେତ୍ରରେ କେବଳ କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକର ହିଁ ଭାରତରତ୍ନ ପାଇଛନ୍ତି। ୨୦୧୪ରେ ମାତ୍ର ୪୦ ବର୍ଷ ବୟସରେ ତାଙ୍କୁ ଦେଶର ଏହି ସର୍ବୋଚ୍ଚ ସମ୍ମାନରେ ଭୂଷିତ କରାଯାଇଥିଲା। ଏହି ପୁରସ୍କାର ପାଇବାରେ ସଚିନ ଥିଲେ ସର୍ବକନିଷ୍ଠ। ରାଇନା ଆହୁରି ମଧ କହିଛନ୍ତି, 'କୋହଲିଙ୍କ ପାଇଁ ତାଙ୍କ ଘରୋଇ ଷ୍ଟାଡିୟମ ଦିଲ୍ଲୀରେ ଏକ ବିଦାୟୀ ମ୍ୟାଚ୍ ଖେଳିବାର ଆୟୋଜନ କରାଯାଉ। ଯେଉଁଠି ତାଙ୍କ ପରିବାର ସଦସ୍ୟ ଓ କୋଚ୍ ଉପସ୍ଥିତ ରହି ଉତ୍ସାହିତ କରିବେ। ଜଣେ ଖେଳାଳି କ୍ରିକେଟ ପାଇଁ ଏତେ କଲା ପରେ ବିଦାୟୀ ମ୍ୟାଚ୍ ଖେଳିବାକୁ ହକ୍‌ଦାର।'

## ଆଇପିଏଲ୍ ୧୫୦ ୱିକେଟ୍ କ୍ଲବରେ ହର୍ଷଲ ପଟେଲ
### ମାରକ୍ରମକୁ ଆଉଟ୍ କରି ଛୁଇଁଲେ ମାଇଲଖୁଣ୍ଟ



**ଲକ୍ଷ୍ନୌ, ୨୧।୫:** ସନ୍‌ରାଇଜର୍ସ ହାଇଦ୍ରାବାଦର ପେସ୍ ବୋଲର ହର୍ଷଲ ପଟେଲ ଆଇପିଏଲ୍‌ରେ ୧୫୦ ୱିକେଟ୍ କ୍ଲବ୍‌ରେ ସାମିଲ୍ ହୋଇଛନ୍ତି। ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଆଡେନ ମାରକ୍ରମକୁ ଆଉଟ୍ କରି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏଥିସହ ହର୍ଷଲ ଭାରତୀୟ ବୋଲର ଭାବେ ଦ୍ରୁତତମ ୧୫୦ ୱିକେଟ୍ ନେବାରେ ରେକର୍ଡ଼ ସ୍ଥାପନ କରିଛନ୍ତି। ପୂର୍ବରୁ ସ୍ପିନର ଯୁଝବେନ୍ଦ୍ର ଚହଲଙ୍କ ନାମରେ ଏହି ରେକର୍ଡ଼ ରହିଥିଲା। ସେ ୧୧୮ଟି ମ୍ୟାଚ୍ ଖେଳି ୧୫୦ ୱିକେଟ୍ ପୂରଣ କରିଥିଲେ। ହର୍ଷଲଙ୍କୁ ଏହି କ୍ଲବ୍‌ରେ ସାମିଲ୍ ହେବା ପାଇଁ ୧୧୪ଟି ଇନିଂସ୍ ଲାଗିଥିଲା। ଆଇପିଏଲ୍‌ରେ ଦ୍ରୁତତମ ୧୫୦ ୱିକେଟ୍ ରେକର୍ଡ଼ ମୁମ୍ବାଇ ଇଣ୍ଡିଆନ୍ସ ତଥା ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଲାସିଥ ମାଲିଙ୍ଗାଙ୍କ ନାମରେ ରହିଛି। ସେ ୧୦୫ଟି ମ୍ୟାଚ୍ ଖେଳି ଏହି ରେକର୍ଡ଼ ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ଖେଳୁଥିବା ଆଫଗାନିସ୍ତାନ ସ୍ପିନର ରସିଦ ଖାନ (୧୨୨ଟି ମ୍ୟାଚ୍) ଓ ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର୍ ପେସ୍ ବୋଲର ଯଶପ୍ରୀତ ବୁମରା (୧୨୪ଟି ମ୍ୟାଚ୍) ଯଥାକ୍ରମେ ତାଲିକାରେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

**ବିସିସିଆଇ ଆଣିଲା ନୂଆ ନିୟମ**

# ବର୍ଷା ଆସିଲେ ବି ଆଇପିଏଲ୍ ଉପରେ ପଡିବନି ପ୍ରଭାବ

**ନୂଆଦିଲ୍ଲୀ ୨୧।୫:** ଶେଷ ଆଡକୁ ମୁହାଁଇଛି ଆଇପିଏଲ୍ । ଲିଗ୍ ପର୍ଯ୍ୟାୟର କେବଳ ବାକି ଅଛି କିଛି ମ୍ୟାଚ୍ । ଏହାପରେ ଆରମ୍ଭ ହେବ ପ୍ଲେଅଫ୍ ମ୍ୟାଚ୍ । କିନ୍ତୁ ମ୍ୟାଚ୍ ସମୟରେ ଅନେକ ସ୍ଥାନରେ ପ୍ରବଳ ବର୍ଷା ହେଉଛି । ଯେଉଁ କାରଣରୁ ଆଇପିଏଲ ମ୍ୟାଚ୍ ହୋଇପାରୁନି । ଚଳିତ ବର୍ଷ ଏପର୍ଯ୍ୟନ୍ତ IPLରେ ତିନୋଟି ମ୍ୟାଚ୍ ବର୍ଷା ଯୋଗୁଁ ଧୋଇ ଯାଇଛି । ଯାହା ଟିମ୍ ଉପରେ ପକାଇଛି ବହୁତ ଖରାପ ପ୍ରଭାବ । ଏନେଇ ବିସିସିଆଇ ଏକ ନୂଆ ଯୋଜନା ପ୍ରସ୍ତୁତ କରିଛି । ବିସିସିଆଇ ପ୍ଲାନ୍ ଅନୁଯାୟୀ ବର୍ଷା ହେଲେ ବି ମ୍ୟାଚ୍ ଉପରେ ପଡିବନି କୌଣସି ପ୍ରଭାବ । ଏଥିପାଇଁ ପୂରା ପ୍ରୟାସ କରାଯାଉଛି ।

ଆଇପିଏଲ ୨୦୨୫ର ଲିଗ୍ ପର୍ଯ୍ୟାୟ ୨୭ ମଇରେ ଶେଷ ହେବ । ଏହି ଦିନ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହାପରେ କ୍ୱାଲିଫାୟର, ଏଲିମିନେଟର ଏବଂ ଫାଇନାଲର ମ୍ୟାଚ ଖେଳାଯିବ । ଏହାର ଅର୍ଥ ହେଉଛି ଆଗାମୀ ଦିନରେ ମ୍ୟାଚ୍‌ଗୁଡ଼ିକର ଗୁରୁତ୍ୱ ବୃଦ୍ଧି ପାଇବ । କିନ୍ତୁ ଯଦି ମ୍ୟାଚ୍ ପାଇଁ ବାଧା ସାଜିବ ବର୍ଷା ତେବେ ଟିମ୍ ଗୁଡିକ ଅସୁବିଧାରେ ପଡ଼ିବେ । ଏପରିସ୍ଥିତିରେ ବିସିସିଆଇ ଏହାକୁ ଏଡାଇବା ପାଇଁ ଏକ ଉପାୟ ଖୋଜି ପାଇଛି । ଆଇପିଏଲ ନିୟମ ଅନୁଯାୟୀ, ଯଦି ବର୍ଷା ହୁଏ ତେବେ ମ୍ୟାଚ୍ ବନ୍ଦ




ହୋଇଯାଉଥିଲା । ଏଥିପାଇଁ ୬୦ ମିନିଟ୍ ଅତିରିକ୍ତ ସମୟ ରଖାଯାଇଥିଲା, କିନ୍ତୁ ଏବେ ଏହାକୁ ୧୨୦ ମିନିଟ୍‌କୁ ବୃଦ୍ଧି କରାଯାଇଛି । ଅର୍ଥାତ୍ ଅତିରିକ୍ତ

### ୬୦ ମିନିଟ୍ ଅତିରିକ୍ତ ସମୟକୁ ୧୨୦ ମିନିଟ୍‌କୁ ବୃଦ୍ଧି

ସମୟ ୬୦ ମିନିଟ୍‌କୁ ଦ୍ୱିଗୁଣିତ କରାଯାଇଛି । ପ୍ଲେଅଫ୍ ପୂର୍ବରୁ ୧୨୦ ମିନିଟ୍‌ର ଅତିରିକ୍ତ ସମୟ ସୀମା ରହିଛି । ଯାହା ନୂଆ କାର୍ଯ୍ୟସୂଚୀ ଘୋଷଣା ନ ହେବା ପର୍ଯ୍ୟନ୍ତ ସେହିପରି ରହିବ।

ବିସିସିଆଇ ପକ୍ଷରୁ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଏହି ନିୟମ ୨୦ ମଇ ଅର୍ଥାତ୍ ମଙ୍ଗଳବାର ଠାରୁ କାର୍ଯ୍ୟକାରୀ ହୋଇଛି । ଏପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପାଇଁ କଟଅଫ୍ ସମୟ ରାତି ୧୦:୫୬ ଥିଲା, ଯାହାକୁ ଏବେ ରାତି ୧୧:୫୬ କରାଯାଇଛି । ଅର୍ଥାତ୍, ଯଦି ବର୍ଷା ଯୋଗୁଁ କୌଣସି ମ୍ୟାଚ୍ ବାତିଲ ହୁଏ, ତେବେ ଏହାର ଆନୁଷ୍ଠାନିକ ଘୋଷଣା ସେହି ସମୟରେ ହିଁ କରାଯିବ । ଏହା ପୂର୍ବରୁ ମ୍ୟାଚ୍ ଆୟୋଜନର ସମସ୍ତ ସମ୍ଭାବନା ଅନୁସନ୍ଧାନ କରାଯିବ। ଯଦି ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ମ୍ୟାଚ୍ ଖେଳାଯାଇପାରିବ ନାହିଁ, ତେବେ ପ୍ରତି ଦଳ ଅତିକମରେ ୫ ଓଭର ଖେଳାଯିବା ଉଚିତ ବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଛି । ଯଦି ଏତେ ମ୍ୟାଚ୍ ମଧ ସମ୍ଭବ ନହୁଏ ତେବେ କେବଳ ଏହାକୁ ବାତିଲ କରାଯାଏ।

ବିସିସିଆଇର ଏହି ନିୟମ ଟିମ୍ ଗୁଡିକୁ ଆଶ୍ୱସ୍ତି ଦେବ । ଯଦିଓ ଅନେକ ଟିମ୍ ପାଇଁ ଆଇପିଏଲ ଶେଷ ହୋଇସାରିଛି, କିନ୍ତୁ ବର୍ତ୍ତମାନ ଶୀର୍ଷରେ ଥିବା ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସର ମ୍ୟାଚ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି, ବିସିସିଆଇ ଏହି ନିଷ୍ପତ୍ତି ନେଇଛି । ତଥାପି ବର୍ଷା ସମ୍ଭାବନା ଯୋଗୁଁ ବିସିସିଆଇ ମେ ୨୩ ତାରିଖରେ ବେଙ୍ଗାଲୁରୁରେ ହେବାକୁ ଥିବା ମ୍ୟାଚ୍‌କୁ ଲକ୍ଷ୍ନୌକୁ ସ୍ଥାନାନ୍ତର କରିସାରିଛି । ବାକି ମ୍ୟାଚ୍‌ଗୁଡ଼ିକରେ ବର୍ଷା ହେବ କି ନାହିଁ ତାହା ଦେଖିବାକୁ ବାକି ଅଛି । ତଥାପି ବିସିସିଆଇ ମ୍ୟାଚ୍‌ଗୁଡ଼ିକ ଆୟୋଜନ କରିବା ପାଇଁ ସଂପୂର୍ଣ୍ଣ ବ୍ୟବସ୍ଥା କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ଗମ...

ସମସ୍ତ ୧,୦୫୫ଟି ଜନ ବସତିକୁ ମୋବାଇଲ ମେଡିକାଲ ୟୁନିଟ ଯୋଗାଇ ଦିଆଯାଇଛି ଏବଂ ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ ହୋଇଛି ବୋଲି ବୈଠକରୁ ଜଣା ଯାଇଛି । ଏଥିରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ବିଶେଷତଃ ପିଭିଟିଜି ଅଂଚଳରେ ବସବାସ କରୁଥିବା ଆଦିବାସୀଙ୍କ ନିମନ୍ତେ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ମୋବାଇଲ କନେକ୍ସନ ଆଦି କାର୍ଯ୍ୟ ଗୁଡିକୁ ଯଥାଶୀଘ୍ର ସମାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସଚିବ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଯୋଗାଯୋଗ ହୋଇପାରୁନଥିବା କିମ୍ବା ଦୁର୍ଗମ ଅଂଚଳ ଗୁଡିକୁ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ସଚିବ ମାନେ ପରିଦର୍ଶନରେ ଯାଇ ସେଠାକାର କାମ କିଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ ହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ ।

### ପୁଣି...

ପ୍ରଥମ ଶ୍ରେଣୀରେ ୧ ଲକ୍ଷ ୧ ହଜାର ୯୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୬୭ ହଜାର ୮୧୫ ଜଣ ଓ ତୃତୀୟ ଶ୍ରେଣୀରେ ୧ ଲକ୍ଷ ୪୩ ହଜାର ୩୩୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି, ସେହିପରି ଆଂଶିକ ବର୍ଗ ବା କମ୍ପାର୍ଟମେଣ୍ଟାଲରେ ୩ ହଜାର ୭୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ୧ ଲକ୍ଷ ୯୬ ହଜାର ୧୭୧ ଜଣ ପିଲା ଥିବା ବେଳେ ବିଜ୍ଞାନରେ ୯୯ ହଜାର ୭୨୪ , ବାଣିଜ୍ୟରେ ୨୦ ହଜାର ୮୯୨ ଓ ଧନ୍ଦାମୂଳକ ଶିକ୍ଷାରେ ୩ ହଜାର ୩୭୫ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ବରଗଡ଼ ଜିଲ୍ଲା ୮୭.୬୦ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୬୮.୧୩ ପ୍ରତିଶତ ରହିଛି । ବିଜ୍ଞାନରେ ନୟାଗଡ଼ ଜିଲ୍ଲା ୯୭.୫୮ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ ୭୧.୮୫ ପ୍ରତିଶତ ରହିଛି । ବାଣିଜ୍ୟରେ ନୟାଗଡ଼ ଜିଲ୍ଲା ୯୩.୭୧ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ସର୍ବନିମ୍ନ ୬୯.୧୯ ପ୍ରତିଶତ ଉତ୍ତୀର୍ଣ୍ଣ ହାର ରହିଛି। ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲ୍ଲା ୮୩.୮୩ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ମାଲକାନଗିରି ଜିଲ୍ଲା ସର୍ବନିମ୍ନ ରହିଛି । ସୂଚନାନୁସାରେ, ପରୀକ୍ଷା ଫଳ, ମାର୍କସିଟ୍ ସମ୍ପର୍କିତ କୌଣସି ସମସ୍ୟା କିମ୍ବା ଦ୍ୱନ୍ଦ୍ୱ ଉପୁଜିଲେ ସହାୟତା ନମ୍ବର ୦୬୭୪-୨୩୦୦୯୦୭ ରେ ଛାତ୍ରଛାତ୍ରୀ ସମ୍ପର୍କ କରିପାରିବେ। ତେବେ ଖାତା ରିଚେକିଂ ପାଇଁ ଆସନ୍ତା ୭ ଦିନ ମଧ୍ୟରେ ତାରିଖ ଘୋଷଣା କରାଯିବ।

### ରଥଯାତ୍ରା...

ହେବା ପାଇଁ କରାଯିବ । ସେହିପରି ବାହୁଡ଼ା ଦିନ ଅପରାହ୍ନ ୪ଟା ସୁଦ୍ଧା ରଥ ଟାଣିବା ପାଇଁ ନୀତି ନିର୍ଘଣ୍ଟ କରାଯାଇଛି। ଜୁଲାଇ ୬ତାରିଖ ମହାପ୍ରଭୁଙ୍କର ରଥ ଉପରେ ସୁନା ବେଶ ସନ୍ଧ୍ୟା ୫ଟା ରୁ ୬ଟା ୩୦ମଧ୍ୟରେ କରାଯିବାକୁ ସ୍ଥିର ହୋଇଛି ।

ଆଜି ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଏହି ସବୁ ନୀତି ନିର୍ଘଣ୍ଟ ଆଲୋଚନା କରାଯାଇ ସ୍ଥିରୀକୃତ କରାଯାଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେଏହି ବୈଠକ ବସିଥିବାବେଳେ ଆଗାମୀ ରାଜେନ୍ଦ୍ରାଭିଷେକ ଠାରୁ ନୀଳିଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିନିର୍ଘଣ୍ଟ ସ୍ଥିରୀକୃତ କରାଯାଇଥିଲା । ଗତ ବର୍ଷ ଆଡପ ମଣ୍ଡପ ବିଜେ ସମୟରେ ଚାରମାଳ ଉପରେ ବଳଭଦ୍ର ମହାପ୍ରଭୁ ପଡିଯିବା ଘଟଣାକୁ ନେଇ ଆଜି ବୈଠକରେ ଆଲୋଚନା କରାଯାଇ ବିଭିନ୍ନ ସେବାୟତ ନିଯୋଗ ପକ୍ଷରୁ ଅନେକ ପ୍ରସ୍ତାବ ପ୍ରଦାନ କରାଯାଇଥିଲା। ଏ ସମସ୍ତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଶୃଙ୍ଖଳିତ ରଥଯାତ୍ରା କରାଇବା ନେଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମତ ରଖିଥିଲେ ।

ଏପରିକି ଚଳିତ ବର୍ଷ ଛତିଶ ନିଯୋଗରେ ନୀତି ନିର୍ଘଣ୍ଟ ଅନୁମୋଦିତ ହୋଇଥିବାବେଳେ ପରିଚାଳନା କମିଟି ଗଠନ ହୋଇନଥିବାରୁ ଏହି ନୀତି ନିର୍ଘଣ୍ଟକୁ ନେଇ ଏକ ସ୍ୱତନ୍ତ୍ର ବୈଠକରେ ଅନୁମୋଦନ କରାଯାଇ ରଥଯାତ୍ରା ସମାପନ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ତେବେ ପରିଚାଳନା କମିଟି ଗଠନକୁ ସରକାରଙ୍କ ଅନୁମୋଦନ ଅପେକ୍ଷା ରହିଛି। ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ଆଶ୍ରିବାଦରେ ଶୃଙ୍ଖଳିତ ଭାବେ ରଥଯାତ୍ରା କରିବା ନେଇ ଲକ୍ଷ ରଖାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ଆଜିର ବୈଠକରେ ମହାପ୍ରଭୁଙ୍କର ରାଜେନ୍ଦ୍ରାଭିଷେକ ନୀତି ଠାରୁ ନୀଳାଦ୍ରି ବିଜେ ନୀତି ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ କରିବା ନେଇ ସେବାୟତ ମାନେ ମତ ରଖିଥିଲେ। ବୈଠକରେ ଜିଲ୍ଲାପାଳ, ଏସପିଙ୍କ ସମେତ ବିଭିନ୍ନ ନିଯୋଗର କର୍ମକର୍ତାମାନେ ଯୋଗ ଦେଇଥିଲେ।

### ସମ୍ବେଦନହୀନ...

ବୁଲନ ଭାଇ ସେବା ସଦନ ନାଁ ଚାରିଟା କ୍ୱାଟର କିଏ ଓ କେମିତି ମାଡି ବସିଥିଲା। ବର୍ଷ ବର୍ଷ ଧରି ସେଠାରେ ବୁଲନ ଭାଇ ସେବା ସଦନ ଚାଲିଥିବା ବେଳେ ଏହାର କାର୍ପଟଦାର କିଏ। ବିଡିଏ କିମ୍ବା ସାଧାରଣ ପ୍ରଶାସନ ବିଭାଗ ସେହି କାର୍ପଟଦାରକୁ ଧରିଛି କି। କିନ୍ତୁ ହଠାତ ସେଠାରେ ଭଡାରେ ରହୁଥିବା ଗରିବ ପରିବାରକୁ ଖୋଲା ଆକାଶ ତଳେ ଛାଡିଦେବା କି ପ୍ରକାର ମାନବିକତା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

କିଏ ବେତ କାମ କରୁଛି ତ କିଏ ଅନ୍ୟ ଘରେ ବାସନ ମାଜି ପେଟ ପୋଶୁଛି। କାଲି ଯାଏଁ ସେମାନଙ୍କ ମୁଣ୍ଡ ଉପରେ ଛାତ ଥିଲା। ଆଜି ହଠାତ ଉଡିଗଲା। ଭୁବନେଶ୍ୱରରେ ରହିବାକୁ ସେମାନଙ୍କ ପାଖରେ ବିକଳ୍ପ ନାହିଁ। ଏପରିକି ବୁଲନ ଭାଇରେ ରହିବାକୁ ଦେଇଥିବା ଅଗ୍ରୀମ ଟଙ୍କା ବି ଫେରିପାଇବାର ଆଶା ନାହିଁ। ରାତିରେ ଏମିତି ଏକାଧିକ ପରିବାର ନିଜର ଆସବାବପତ୍ର ସହ ରାସ୍ତା ଉପରେ ପଡିଛନ୍ତି। ସକାଳ ହେଲେ ପ୍ରଚଣ୍ଡ ଖରା ତାସାଙ୍ଗକୁ କଳାବୈଶାଖୀ ଭୟ। ଏଭିତରେ ଖୋଲାରେ ଆସବାବପତ୍ର ଛାଡି ଯିବେ ବା କୁଆଡେ ବୋଲି ଏହି ପରିବାର ପ୍ରଶ୍ନ କରିଛନ୍ତି।

ସମସ୍ତଙ୍କ ମୁଣ୍ଡରେ ଛାତ ଦେବାକୁ ଘୋଷଣା କରୁଥିବା ସରକାରରେ ବଡପଣ୍ଡାଙ୍କ ଏହା ହେଉଛି ବାହାଦୁରୀ। ଭୁବନେଶ୍ୱରରେ ଶହ ଶହ ବେଆଇନ ଆପାର୍ଟମେଣ୍ଟ ସାଙ୍ଗକୁ ସରକାରୀ ଜମି ଜବରଦଖଲ ଅଭିଯୋଗ ରହିଛି। ସରକାରଙ୍କ ପାଖରେ ତାଲିକା ଅଛି ଆଉ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ସେ ତାଲିକା ମଧ୍ୟ ଉପସ୍ଥାପିତ କରିଛନ୍ତି। ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କିମ୍ବା ବେଆଇନ ନିର୍ମାଣରୁ ଇଟା ଖଣ୍ଡେ କାଢିବାକୁ ସାହସ ନାହିଁ। ହେଲେ ଗରିବଗୁରୁବାଙ୍କୁ ବିନା ନୋଟିସରେ ଘରୁ ବାହାର କରିଦେଇ ସାବାସୀ ସାଉଁଟୁଛନ୍ତି ବିଡିଏ ଓ ସାଧାରଣ ପ୍ରଶାସନ ବିଭାଗ।

### ୨୦୨୭ରେ...

ଯିବ। ପ୍ରଥମ ଥର ଲାଗି ଏହି ମିଶନ ଚନ୍ଦ୍ରରୁ ନମୁନା ସଂଗ୍ରହ କରି ଭାରତକୁ ଫେରିବ। ଏହାପରେ ଚନ୍ଦ୍ରାୟନ -୫ ଜାପାନର ଜ୍ୟାକ ସହ ମିଶି ଲଞ୍ଚ କରାଯିବ । ଚନ୍ଦ୍ରାୟନ-୩ ଲ୍ୟାଣ୍ଡର ଓଜନ ଥିଲା ୧୬୦୦ କିଲୋଗ୍ରାମ ଓ ସେଥିରୁ ରୋଭର ଓଜନ ଥିଲା ୨୫ କିଲୋଗ୍ରାମ । ଚନ୍ଦ୍ରାୟନ ୫ ର ଲ୍ୟାଣ୍ଡର ଓଜନ ୬୪୦୦ କିଲୋ ଓ ରୋଭର୍ ଓଜନ ରହିବ ୩୫୦ କିଲୋ । ଚନ୍ଦ୍ରାୟନ ୩ ର ଜୀବନ କାଳ ଥିଲା ୧୪ ଦିନ, ଚନ୍ଦ୍ରାୟନ ୫ର ଜୀବନ କାଳ ରହିବ ୧୦୦ ଦିନ ।

ସେହିପରି ଗଗନୟାନ ଉପରେ ମଧ୍ୟ କାମ କରୁଛି ଇସ୍ରୋ । ପ୍ରଥମ କ୍ରିୟୁଡ ମିଶନ ଚଳିବ ବର୍ଷ ହେବ । ଏହାପରେ ଆଉ ୨ ଟି କ୍ରିୟୁଡ ମିଶନ ପରେ ୨୦୨୭ ପ୍ରଥମ ତ୍ରୟମାସରେ ସ୍ପେସ ଯାତ୍ରୀଙ୍କୁ ନେଇ ଯିବ । ନାସା ସହଭାଗିତାରେ ଦୁଇଟି ମିଶନ ହେବ। ଇସ୍ରୋରେ ତୃତୀୟ ଲଞ୍ଚପ୍ୟାଡ ଓ ଦ୍ୱିତୀୟ ଲାଞ୍ଚ କମ୍ପ୍ଲେକ୍ସ ବି ବିକାଶ ହେଉଛି । ମହାକାଶରେ ନିଜସ୍ୱ ସ୍ପେସ ଷ୍ଟେସନ୍ ବିକାଶ କରୁଛି ଇସ୍ରୋ । ସ୍ପେସ ଷ୍ଟେସନର ଓଜନ୍ ୫୨ ଟନ୍ ରହିବ । ୫ ଥରରେ ପଠାଯିବ ସ୍ପେସ ଷ୍ଟେସନର ମଡ୍ୟୁଲ୍ । ୨୦୨୮ରେ ପ୍ରତିଷ୍ଠା ହେବ ପ୍ରଥମ ଭାରତ ସ୍ପେସ ଷ୍ଟେସନ। ସିଟିଟିସି ସମେତ ପ୍ରାୟ ୪୫୦ ଶିଳ୍ପ ସହ ସହଭାଗିତା କରିଛି । ଇସ୍ରୋ ପାଇଁ ସିଟିଟିସିରେ ସାଟେଲାଇଟର ପ୍ରପଲସନ୍ ତିଆରି ହୁଏ ବୋଲି ଶ୍ରୀ ନାରାୟଣ କହିଥିଲେ।

### ଆନ୍ଦୋଳନକୁ...

୨୫ବର୍ଷ କ୍ଷମତାରେ ରହିବା ଭିତରେ ଯଦି ୨୭ପ୍ରତିଶତ ସ୍ଥାନ ସଂରକ୍ଷଣ କରିନପାରିଲ, ତେବେ ଏବେ କାହିଁକି ଏହାକୁ ନେଇ ଖରାତରାରେ ରାଜନୀତି କରୁଛ ? ଏଥିରେ ଲାଭ ଅପେକ୍ଷା କ୍ଷତି ବେଶି।

ଉଲ୍ଲେଖନୀୟ ଯେ ଯେହେତୁ ବିଜେଡି ଭଲଭାବେ ଜାଣିଥିଲା ପଛୁଆବର୍ଗଙ୍କ ଲାଗି ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କଲେ ସେଥିରେ ଆଇନ୍ଗତ ପ୍ରତିବନ୍ଧକ ରହିଛି ତେଣୁ ଧର୍ମକୁ ଆଖିଠାରୁ ମାରିବା ଭଳି ୮ବର୍ଷ ତଳେ ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତୀୟ ମାମଲାଟିଏ ରୁଜୁକରି ବସିପଡିଲା । ୨୦୧୯ ନିର୍ବାଚନରେ ଅଦାଲତରେ ମାମଲା ଥିବା କହି ପଛୁଆବର୍ଗଙ୍କୁ ଭଣ୍ଡାଇଲା । ଏବେ ପୁଣିଥରେ ସେହି ପ୍ରସଙ୍ଗକୁ ଉଠାଇ ରାଜନୀତି ଆରମ୍ଭ କରିଦେଇଛି। ତେବେ ପ୍ରଥମ ଆନ୍ଦୋଳନଟି ଏକ ପ୍ରକାର ଫେଲ୍ ମାରିଥିବାରୁ ଏହାର ପ୍ରଭାବ ଦଳୀୟ କର୍ମୀଙ୍କ ଉପରେ ପଡି ବୋଲି ସଭାସ୍ଥଳରେ ଅନେକ ବରିଷ୍ଠ ଆଲୋଚନା ଚଳାଇଥିବା ଲକ୍ଷ୍ୟ କରାଯାଇଥିଲା ।

### ହିସାବ...

ଦଳର ନେତାଙ୍କ ପୋଲ ବି ଖୋଲି ଦେଇଛନ୍ତି। ସବୁ କିଛି ଠିକ ଥିଲା, ହେଲେ ବିଜେଡି କାହିଁକି ହାରିଲା ବୋଲି ପ୍ରଶ୍ନ କରିବାକୁ ଯାଇ ସେ କହିଥିଲେ, ହିସାବ କିତାବ ଠିକ୍ ଆଛେ, ଛେଲେ ଡୁବଛେ କ୍ୟାନୋ ।

ଅର୍ଥାତ୍ ସବୁତ ଠିକ୍ ଠାକ୍ ଅଛି, ହାରିଗଲ କାହିଁକି ? ଏହାପରେ ରାଜା ତାଙ୍କର ହୁଙ୍କାର ଛାଡିଥିଲେ। କହିଥିଲେ ରାଜ୍ୟରେ ଏସସି, ଏସଟି ଓ ଓବିସିଙ୍କୁ ମିଶାଇଦେଲେ ୯୪ ପ୍ରତିଶତ ଲୋକ । ଆମର ଭୋଟ ଥାଇ, ନେତା ଏବେ ତାଙ୍କର । ବିଜୁ ବାବୁଙ୍କ ସହିତ ଏସସି, ଏସଟି ଓ ଓବିସି ରହିଥିଲେ । ହେଲେ ଏବେ ଆଉ ନାହାନ୍ତି । ମାମଲତକାରମାନେ ଓବିସି କମିଶନ ଠିକଣା ଭାବରେ ଗଠନ କରିନଥିବାରୁ ତାହାର ଫଳ ଏବେ ଭୋଗିବାକୁ ପଡୁଛି ।

ମାମଲତକାରମାନଙ୍କୁ ଲକ୍ଷ୍ୟକରି ରାଜା କହିଥିଲେ, ଏଠାରେ ହଲର ବଲର ହେଲେ ଚଳିବ ନାହିଁ, ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ବୁଝାଅ। ରାଜାଙ୍କର ଏଭଳି ରଇଜଳା କଥା ଉପସ୍ଥିତ ମାମଲତକାରମାନଙ୍କ ଦେହରେ ଛୁଞ୍ଚିପରି ଗଳି ଯାଉଥିଲେ ବି କେହି ମୁହଁ ଖୋଲୁ ନଥିଲେ। ରାଜା କିନ୍ତୁ ମନଭରି ରାଗ ଶୁଝାଇଥିଲେ । କାରଣ ଓବିସି ପ୍ରସଙ୍ଗରେ ରାଜା ପ୍ରଥମେ ଗଣମାଧ୍ୟମକୁ ମନ୍ତବ୍ୟ ଦେଇଥିଲେ ।

ହେଲେ ବିଜେଡିର ମାମଲତକାରମାନଙ୍କ ମନକୁ ଏହା ନଯିବାରୁ ରାଜାଙ୍କ ମନ୍ତବ୍ୟର କେଇଘଣ୍ଟା ପରେ ଦଳୀୟ କାର୍ଯ୍ୟାଳୟରେ ସମାନ ପ୍ରସଙ୍ଗରେ ସାମ୍ବାଦିକ ସମ୍ମିଳନୀ କରି ରାଜାଙ୍କୁ ନ୍ୟୁନ ଦେଖାଇବାକୁ ଚେଷ୍ଟା କରିଥିଲେ । ରାଜା ଆଜି ମଉକା ଦେଖି ଠିକଣା ସ୍ଥାନରେ ସେହି ରାଗ ଶୁଝାଇଥିଲେ । ରାଜା ଏମିତି ଢଙ୍ଗରେ ବାଣ ମାରିଥିଲେ ଯେ ତାହାଦ୍ୱାରା ଖୋଦ୍ ବିଜେଡି ସଭାରେ ଷଣ୍ଢ ପଶିଯିବା ଭଳି ଅବସ୍ଥା ସୃଷ୍ଟି ହୋଇଥିଲା ବୋଲି କର୍ମୀମାନେ କହୁଥିଲେ ।

### ଶିଳ୍ପାୟନର...

ପାଇଁ ଆସିଛନ୍ତି । ହେଲେ ପୂର୍ବ ବିଜେଡି ସରକାରର ଆନ୍ତରିକତାର ଅଭାବ ରାଜ୍ୟର ଶିଳ୍ପ ଅଭିବୃଦ୍ଧିରେ ବାଧକ ସାଜିଥିଲା । ଭରପୁର କଞ୍ଚାମାଲ ଥିବା ସତ୍ତ୍ୱେ ତାର ଉପଯୋଗ କରି କାରଖାନା ପ୍ରତିଷ୍ଠା ହେଉନଥିଲା। ଫଳରେ ନିଯୁକ୍ତି ପାଇବାରେ ବଞ୍ଚିତ ହେଉଥିଲେ ହଜାର ଯୁବକ ଯୁବତୀ । ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛନ୍ତି ଡବଲ୍ ଇଞ୍ଜିନ ସରକାର। ତେଣୁ ଫଳବତୀ ହେବାକୁ ଯାଉଛି ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାର ସ୍ୱପ୍ନ।

### ବର୍ତ୍ତିଲେ...

ପ୍ରବଳ କୁଆପଥର ମାଡରେ ବିମାନର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଘଟଣାରେ ବିମାନର ନାକ କୋନ (ନୋଜ କୋନ) କ୍ଷତିଗ୍ରସ୍ତ ହୋଇଥିଲା, କିନ୍ତୁ କ୍ରୁ ସଦସ୍ୟମାନେ ବିମାନଟିକୁ ଶ୍ରୀନଗର ବିମାନବନ୍ଦରରେ ସନ୍ଧ୍ୟା ୬.୩୦ରେ ନିରାପଦରେ ଅବତରଣ କରାଇଥିଲେ।

ଜଣେ ଯାତ୍ରୀଙ୍କ ଦ୍ୱାରା ବିମାନ ଭିତରୁ ରେକର୍ଡ କରାଯାଇଥିବା ଏକ ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, କୁଆପଥର ବିମାନର ଫ୍ୟୁଜଲେଜକୁ ନିରନ୍ତର ଆଘାତ କରୁଛି, ଯାହାଫଳରେ କେବିନ ପ୍ରବଳ ଭାବେ କମ୍ପିଥିଲା। ଭିଡିଓଟିରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଓ ଚିତ୍କାର କରୁଥିବା ଦେଖାଯାଇଛି। ଘଟଣାସ୍ଥଳରୁ ରିପୋର୍ଟ ଅନୁସାରେ, ଅବତରଣ ପରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ନିରାପଦରେ ବିମାନରୁ ବାହାର କରାଯାଇଥିଲା। ତେବେ ବିମାନରେ ହୋଇଥିବା କ୍ଷତି ଏତେ ଗୁରୁତର ଥିଲା ଯେ ଏୟାରଲାଇନ ଏହାକୁ 'ଏୟାରକ୍ରାଫ୍ଟ ଅନ ଗ୍ରାଉଣ୍ଡ' (ଏଓଜି) ଘୋଷଣା କରି ତୁରନ୍ତ ମରାମତି ପାଇଁ ଅଟକାଇ ରଖିଛି। ସମସ୍ତ ଏୟାର କ୍ରୁ ଓ ୨୨୭ ଯାତ୍ରୀ ନିରାପଦ ଅଛନ୍ତି । ଇଣ୍ଡିଗୋ ମଧ୍ୟ ଏହି ଘଟଣା ସମ୍ପର୍କରେ ଏକ ଅଫିସିଆଲ ବିବୃତି ଜାରି କରି କହିଛି ଯେ ବିମାନଟି ଶ୍ରୀନଗର ବିମାନବନ୍ଦରରେ ନିରାପଦରେ ଅବତରଣ କରିଛି।

### ପଞ୍ଚାୟତ...

ଆଜି ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଜୁନ ୨୩ରେ ୪୩ ପଞ୍ଚାୟତରେ ଉପନିର୍ବାଚନ ହୋଇଥାନ୍ତା। ୩ ଜିଲ୍ଲାର ୫ ପଞ୍ଚାୟତରେ ଜିଲ୍ଲା ପରିଷଦ ପାଇଁ ବି ଉପନିର୍ବାଚନ ହୋଇଥାନ୍ତା। ଏଥିସହ ୨୧ ଜିଲ୍ଲାର ୪୦ ପଞ୍ଚାୟତ ସମିତି ସଭ୍ୟ ଓ ୨୭୨ ୱାର୍ଡସଭ୍ୟ ପାଇଁ ମଧ୍ୟ ଭୋଟ୍ ପଡିଥାନ୍ତା । ଜୁନ ୨୩ ତାରିଖରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଦିନ ୧ଟାରେ ସରିଥାନ୍ତା । ଏଥିପାଇଁ ୨୬ରୁ ୩୧ ମେ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ ଏବଂ ଜୁନ୍ ୨୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା ।

# ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଅବର୍ଣ୍ଣନୀୟ

● କୁହୁଡି ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ୫କୋଟି ଅନୁଦାନ

**କାକଟପୁର/ଅସ୍ତରଙ୍ଗ, ୨୧।୫ (ସଂଚାର ବ୍ୟୁରୋ) :** ମହାତ୍ମାଗାନ୍ଧିଙ୍କ ଡାକରାରେ ଅନୁପ୍ରାଣିତ ହୋଇ ଦାଣ୍ଡିଯାତ୍ରାର ପ୍ରତିଧ୍ୱନି ଦେଶର ବିଭିନ୍ନ ରାଜ୍ୟରେ ଶୁଣାଯାଇଥିଲା। ସତ୍ୟାଗ୍ରହ ସଂଗ୍ରାମ, ଗୋଟିଏ ନୂତନ କୌଶଳ ଓ ନୂତନ ପ୍ରେରଣାର ଉଦ୍ଦେଶ୍ୟ ନେଇ ଇଂରେଜ ସରକାରଙ୍କ ଅନ୍ୟାୟ ଓ ଯଥେଚ୍ଛା ପୂର୍ଣ୍ଣ ଦମନ ନୀତିର ଉତ୍ତର ଦେବା ପାଇଁ ଏହା ଥିଲା ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହର ପରିକଳ୍ପନା। ସହିଦମାନଙ୍କ ଅବଦାନ ଓ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ତ୍ୟାଗ ଅବର୍ଣ୍ଣନୀୟ। ଏହା ସହ ପରାଧୀନ ଭାରତରେ ବ୍ରିଟିଶ ସରକାରଙ୍କ ଲବଣ ବ୍ୟବସାୟରେ ଏକ ଚାଟିଆ ଆଧିପତ୍ୟ ଓ ଲବଣ ଉପରେ ଅତ୍ୟଧିକ ଟିକସ ବିପକ୍ଷରେ ଏକ ଶକ୍ତିଶାଳୀ ଅହିଂସାପୂର୍ଣ୍ଣ ଆନ୍ଦୋଳନ ଥିଲା ବୋଲି ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ବ୍ୟକ୍ତ କରିଥିଲେ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ବୁଧବାର ପୂର୍ବାହ୍ନରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ଆନୁକୂଲ୍ୟରେ ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମୀୟ ପଟ୍ଟନାୟକ ଓ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଲବଣ ସତ୍ୟାଗ୍ରହୀଙ୍କ ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜ ବକ୍ତବ୍ୟରେ କୁହୁଡିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ୫କୋଟି ଟଙ୍କା ବ୍ୟୟ କରାଯିବା ସହ ଗାନ୍ଧିଙ୍କ ଦାଣ୍ଡି ଯାତ୍ରା ପ୍ରତିକୃତି, ଇଣ୍ଟର ପ୍ରିଟେସନ ସେଣ୍ଟର ଓ ନିକଟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ କେନ୍ଦ୍ର କରାଯିବ। ପ୍ରାଚୀ ନଦୀର ସ୍ୱଚ୍ଛତା ଓ ପାର୍ଶ୍ୱରେ ଥିବା ମଠ, ମନ୍ଦିର ସହ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ଆଗାମୀ କିଛି ବର୍ଷ ମଧ୍ୟରେ ବିକାଶ କରାଯିବ ବୋଲି କହିଥିଲେ।

ମଞ୍ଚରେ ମୁଖ୍ୟ ବକ୍ତା ବିଶିଷ୍ଟ ଲେଖକ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂ ନିଜ ବକ୍ତବ୍ୟରେ କହିଥିଲେ ୧୯୩୦ମାର୍ଚ୍ଚ ୧୬ରେ ବାଲେଶ୍ୱର ଠାରେ ଅନୁଷ୍ଠିତ କଂଗ୍ରେସର ଉତ୍କଳ ପ୍ରାଦେଶିକ କମିଟି ସଭାରେ ଓଡିଶାରେ ଆଇନ ଅମାନ୍ୟ ଆନ୍ଦୋଳନ ନିଷ୍ପତ୍ତି ନିଆଗଲା। ପୁରୀ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦ୍ୱାରା ୧୯୩୦ମେ ୨୧ ତାରିଖରେ ଲବଣ ଆଇନ ଭଙ୍ଗ ହୋଇଥିଲା। ସତ୍ୟାଗ୍ରହୀଙ୍କ ଉପରେ ଆକ୍ରମଣ ଓ ଗିରଫଦାରୀ ସତ୍ତ୍ୱେ ଲୋକେ ଭୟଭୀତ ନହୋଇ ଲୁଣ ମରା ଜାରି ରଖିଥିଲେ ଏବଂ ସମଗ୍ର ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହ ସଫଳ ହୋଇଥିଲା। ସମ୍ମାନିତ ଅତିଥି ଜଗତସିଂହପୁର ଲୋକସଭା ସାଂସଦ ବିଭୁ ପ୍ରସାଦ ତରାଇ କୁହୁଡିକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରିବାକୁ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ଲବଣ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ ବୋଲି କହିଥିଲେ।

ଅତିଥି ମାନଙ୍କ ଦ୍ୱାରା ପ୍ରାରମ୍ଭରେ ଗାନ୍ଧି, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସାରିବା ପରେ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ମଞ୍ଚରେ 'ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡି' ନାମକ ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ଜାତୀୟ ଏକ୍ୟର ଶପଥ ପାଠ କରାଇବା ସହ ପହଲଗାମ ମୃତକଙ୍କ ସ୍ମୃତି ଉଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ଅତିଥି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ

## ଯୁକ୍ତ-୨ରେ ଜିଲ୍ଲା ଟପ୍ପର ହେଲେ ଅସୀମା



**କେନ୍ଦ୍ରାପଡ଼ା, ୨୧।୫ (ସଂଚାର ବ୍ୟୁରୋ) :** ଯୁକ୍ତ -୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଛାତ୍ରୀ ଅସୀମା ଦାସ ମୋଟ ୫୭୨ମାର୍କ ଅର୍ଥାତ ୯୫.୩ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଅସୀମା ହେଉଛନ୍ତି ମାର୍ଶାଘାଇ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଅଧାପକ ଦୀପକ କୁମାର ଦାସ ଓ ଅନ୍ନପୂର୍ଣ୍ଣା ଦାସଙ୍କ କନିଷ୍ଠା କନ୍ୟା । ଅସୀମା ମୁଳରୁ ଜଣେ ମେଧାବୀ ଛାତ୍ରୀ ଅଟନ୍ତି । ସେ ମାଟ୍ରିକ ପରୀକ୍ଷାରେ ମଧ ମୋଟ ୫୮୭ ଅର୍ଥାତ ୯୭.୮୩ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ଅସୀମା ଭବିଷ୍ୟତରେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ



**ମହାକାଳପଡ଼ା,୨୧।୫(ସଂଚାର ବ୍ୟୁରୋ):** ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କର ଆଖି ନିକଟରେ ଗଭୀର କ୍ଷତ ହୋଇଛି ଓ ଶରୀରରେ ଆଘାତ ଲାଗିଥିବା ନେଇ ସେ ମହାକାଳପଡ଼ା ଥାନାରେ ଲିଖିତ ଏତଲା ଦେଇଛନ୍ତି। ଲିଖିତ ଏତଲା ଅନୁଯାୟୀ ବାହାର ଶୋବଳା ଗ୍ରାମର ବୃନ୍ଦାବନ ମଳିକଙ୍କ ପତ୍ନୀ ଶସ୍ମିତା ମଳିକ ଘରକୁ ଧୂଆଁ ପ୍ରବେଶ କରୁଥିବା ଦେଖି ରୋଷେଇ କରୁଥିବା ପଡୋଶୀ ସଞ୍ଜୟ ମଳିକଙ୍କ ପତ୍ନୀ ଝରଣା ମଳିକଙ୍କୁ ପଚାରିବାରୁ ସଞ୍ଜୟ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଝରଣା ଏକ ବାଡ଼ିରେ ଆକ୍ରମଣ କରୁଥିବା ସମୟରେ ବାଡ଼ି ଟି ତାଙ୍କ ଆଖି ନିକଟରେ ବାଜି କ୍ଷତ ସୃଷ୍ଟି ହୋଇଛି। ଏନେଇ ଶସ୍ମିତା ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମହାକାଳପଡ଼ା ପୋଲିସ ଜଣକୁ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜାଣିବାକୁ ମିଳିଛି।

## ଦଳିତ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି



**କେନ୍ଦ୍ରାପଡ଼ା, ୨୧।୫ (ସଂଚାର ବ୍ୟୁରୋ) :** ଅଖିଳ ଭାରତୀୟ ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ ବିକାଶ ପରିଷଦ (ଓଡିଶା ପ୍ରଦେଶ) ତରଫରୁ ଏପ୍ରିଲ ୨୬ ତାରିଖ ତାଳଚେରରେ ୨୩ ବର୍ଷୀୟ ଦଳିତ ଯୁବତୀଙ୍କୁ ତାଳଚେର ରେଳ ଷ୍ଟେସନ ପାଖରେ ଯୁବତୀଙ୍କୁ ଅପହରଣ କରି ଦୁଷ୍କର୍ମ ଓ ହତ୍ୟା କରିବା ପରେ ଏସିଡ୍ ପକାଇ ଶବକୁ ଜଳାଇ ଦେବାର ଜଘନ୍ୟ ନାରକୀୟ କାଣ୍ଡ ଘଟିଥିଲା। ଉକ୍ତ ଘଟଣାକୁ ପରିଷଦ ପକ୍ଷରୁ ନିନ୍ଦା କରିବା ସହିତ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାପାଇଁ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ପ୍ରଦାନ କରାଯାଇଛି । ମହମ୍ମଦ ଅମୀରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ସମୟରେ ନିରଞ୍ଜନ ନାୟକ,କୃଷ୍ଣ ଚନ୍ଦ୍ର ବେହେରା,ସେକ ଅତିକୁର ରହମାନ,ରଶ୍ମିରଂଜନ ମହାପାତ୍ର ଆଦି ଉପସ୍ଥିତ ଥିଲେ ।

## ପୁଅର କାଠ ଫାଳିଆ ମାଡରେ ମା' ମୃତ

**ବୋରିଗୁମ୍ମା, ୨୧।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଥାନା ଅନ୍ତର୍ଗତ ସାନପରିଆ ଗ୍ରାମରେ ପୁଅର କାଠ ଫାଳିଆ ମାଡରେ ମାଆର ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ସାନ ପରିଆ ଗ୍ରାମରେ ବାସ କରୁଥିବା ରୁକଧର ଗୌଡ଼ କୌଣସି କାରଣରୁ ମାଆ ନିଳା ଗୌଡ଼(୭୦ ବର୍ଷ) ଉପରେ ଅତର୍କିତ ଭାବେ କାଠ ଫାଳିଆରେ ଆକ୍ରମଣ କରିଥିଲା। ଫଳରେ ମାଆ ନିଳା ଗୌଡ଼ କିଛି ସମୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲା। ପରେ ନିଳା ଗୌଡ଼ର ମୃତ୍ୟୁ ହୋଇଥିବା ଜଣାପଡିଛି। ନିଳା ଗୌଡ଼କୁ ଆକ୍ରମଣ ସମୟରେ ରୁକଧର ଗୌଡ଼ର ସ୍ତ୍ରୀ ଅସ୍ତି ଗୌଡ଼ ଛଡ଼ାଇବାକୁ ଯାଇ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ବୋରିଗୁମ୍ମା ଥାନା ଆଇଆଇସି ଶ୍ୱେତପଦ୍ମା ସେଠ ସହ ପୁଲିସ ଟିମ ସାନ ପରିଆରେ ପହଞ୍ଚି ଅଭିଯୁକ୍ତ ରୁକଧର ଗୌଡ଼କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ମୃତ ନିଳା ଗୌଡ଼ଙ୍କ ପରିବାର ଲୋକଙ୍କ ଲିଖିତ ଅଭିଯୋଗ ପରେ ଏକ ମାମଲା କେସ ନମ୍ବର--୧୧୩ / ୨୫ ଦଫା ୧୦୩(୧) ବିଏନଏସ ରୁଜ୍ଜୁ କରାଯାଇଥିବା କହିଛନ୍ତି ଥାନା ଆଇଆଇସି ଶ୍ୱେତପଦ୍ମା ସେଠ।

ବିଧବା ମହିଳାଙ୍କୁ ସହାୟତା ରାଶି ନ ମିଳିବା ପ୍ରସଙ୍ଗ

## ଖବର ପ୍ରକାଶ ପରେ ମିଳିଲା ସହାୟତା ରାଶି



'ସଂଚାର' ପ୍ରଭାବ

**ବୋରିଗୁମ୍ମା, ୨୧।୫ (ସଂଚାର ବ୍ୟୁରୋ):** ଜଣେ ବିଧବା ମାଆର ଦୁଃଖ ଦୂର ହେଲା। ବିଡ଼ିଓ ସୁକାନ୍ତ ପଟନାୟକଙ୍କ ନିଆରା ପ୍ରୟାସ 'ଆସ ଖୋଜିବା' କାର୍ଯ୍ୟକ୍ରମରେ ଆବଶ୍ୟକୀୟ ତଦନ୍ତ କରି ଜାତୀୟ ପରିବାର ମଙ୍ଗଳ ଯୋଜନା ଅନୁଯାଇ ସହାୟତା ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହେଲେ ବି. ସିଂହପୁର ପଞ୍ଚାୟତ ଅନ୍ତର୍ଗତ ପର୍ଲ୍ୟାଗୁଡା ଗ୍ରାମର ଆସମତି ପୂଜାରୀ। ଏମିତି ଏକ ଚିଠି ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ତରଫରୁ ଜାରି ହୋଇଛି ବୋଲି ସୂଚନା ମିଳିଛି। ଦୈନିକ ଖବରକାଗଜ 'ସଂଚାର'ରେ ଏନେଇ ଖବର ପ୍ରକାଶ ପରେ ବିଭିନ୍ନ ସାମାଜିକ ସଙ୍ଗଠନ, ସଚେତନ ଯୁବ ବନ୍ଧୁ ମାନଙ୍କ ଦ୍ୱାରା ବେଶ୍ ଗ୍ରହଣୀୟ ହୋଇଥିଲା।

ସୂଚନା ଥାଉକି ବୋରିଗୁମ୍ମା ବ୍ଲକ ବି. ସିଂହପୁର ପଞ୍ଚାୟତ ପର୍ଲ୍ୟାଗୁଡା ଗ୍ରାମର ଆସମତି ପୂଜାରୀ ନାମକ ଏକ ବିଧବା ଆଦିବାସୀ ଶ୍ରମିକ ଶ୍ରେଣୀର ମହିଳା ଜାତୀୟ ପରିବାର ମଙ୍ଗଳ ଯୋଜନା ଅନୁସାରେ ସହାୟତା ପାଇଁ ଗତ ୨୦୨୪ ମସିହା ଏପ୍ରିଲ ମାସରେ ବୋରିଗୁମ୍ମା ବ୍ଲକରେ ଆବେଦନ ପତ୍ର ଦାଖଲ କରିଥିଲେ। ଶେଷରେ ବର୍ଷେକାଳ ବ୍ଲକରୁ ପଞ୍ଚାୟତ କାର୍ଯ୍ୟାଳୟ ଦୌଡିବା ପରେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟନାୟକଙ୍କ 'ଆସ ଖୋଜିବା' କାର୍ଯ୍ୟକ୍ରମରେ ବିବେଚିତ ହୋଇ ୧୩/୫/୨୫ରିଖ ବୋରିଗୁମ୍ମା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଜନଶୁଣାଣିରେ ଅଭିଯୋଗ କରିବା ପରେ ଦୈନିକ ଖବରକାଗଜ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ପ୍ରଶାସନ ଅତି ଗୁରୁତର ସହ ନେଇ ବିଧବା ମହିଳା ଅସୀମାଙ୍କୁ ସହାୟତା ରାଶି ପ୍ରଦାନ କରି ତାଙ୍କ ମୁହଁରେ ହସ ଫୁଟାଇଛନ୍ତି।

## ଆରକ୍ଷୀ କର୍ମଚାରୀଙ୍କ ବାସଗୃହ ଉଦ୍‌ଘାଟନ ଓ ନୂତନ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ



**କାକଟପୁର/ଅସ୍ତରଙ୍ଗ, ୨୧।୫ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପରିସରରେ ୪'ଏଫ' ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ଉଦ୍‌ଘାଟନ ଓ ୬ 'ଇ' ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ନିର୍ମାଣର ଶୁଭଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ଉପମୁଖ୍ୟମନ୍ତ୍ରୀଙ୍କ କରକମଳରେ କରାଯାଇଛି। ଅସ୍ତରଙ୍ଗ ନୂତନ ଥାନା ପରିସରରେ ରାଜ୍ୟ ସରକାରଙ୍କ ତରଫରୁ ୨୦୨୩-୨୪ ମସିହାରେ ଓପିଏଚଡ଼ବ୍ଲୁସି ପକ୍ଷରୁ ୧କୋଟି ୩୮ଲକ୍ଷ ୪୦ହଜାର ଟଙ୍କା ମଞ୍ଜୁରରେ ୪ହଜାର ୪ଶହ ୩୨ବର୍ଗ କ୍ଷେତ୍ରଫଳ ବିଶିଷ୍ଟ ୪'ଏଫ' ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ନିର୍ମାଣ ହେବା ପରେ ଉଦ୍‌ଘାଟିତ ହୋଇଛି। ସେହିପରି ୨୦୨୫-୨୬ମସିହାରେ ଓପିଏଚଡ଼ବ୍ଲୁ ସି ପକ୍ଷରୁ ୨କୋଟି ୫୨ଲକ୍ଷ ୭ହଜାର ଟଙ୍କା ଅନୁଦାନ ଅର୍ଥ ରାଶିରେ ୭ହଜାର ୭ଶହ ୭୯ବର୍ଗ କ୍ଷେତ୍ରଫଳ ବିଶିଷ୍ଟ ୬'ଇ' ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ନିର୍ମାଣ ପାଇଁ ଶୁଭଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ଲୋକସଭା ସାଂସଦ ବିଭୁ ପ୍ରସାଦ ତରାଇ, ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନା ନିରୀକ୍ଷକ ରାଜେଶ ବଳିୟାରସିଂ, ନୂଆଗଡ ସାମୁଦ୍ରିକ ଥାନା ନିରୀକ୍ଷକ ଅଚ୍ୟୁତାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୌର ପରିଷଦ ପକ୍ଷରୁ ଜଳଛତ୍ର ଅଭିଯାନ



**ପଟ୍ଟାମୁଣ୍ଡାଇ, ୨୧।୫ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସହରର ୧୦ଟି ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଏହି ଜଳଛତ୍ର ଅଭିଯାନ ଏପ୍ରିଲ ମାସ ଠାରୁ ରଥଯାତ୍ରା ପର୍ଯ୍ୟନ୍ତ ଚାଲିବ ବୋଲି ପୌର କର୍ତୃପକ୍ଷଙ୍କ ଠାରୁ ଜଣାପଡ଼ିଛି। ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁ, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ପୌର ପରିଷଦ ପରିମଳ ବିଭାଗ ମୁଖ୍ୟ ପ୍ରଫୁଲ୍ଲ କୁମାର ଦାଶ, ଅଶୋକ କୁମାର ମହାନ୍ତିଙ୍କ ତତ୍ୱାବଧାନରେ ପଟ୍ଟାମୁଣ୍ଡାଇ ସହରରେ ୧୦ ଗୋଟି ମୁଖ୍ୟ ସ୍ଥାନ ବସଷ୍ଟାଣ୍ଡ, ଗଜାନନ ମାର୍କେଟ ଛକ, ଇଲେକ୍ଟ୍ରି ଅଫିସ ଛକ, ମେଡିକାଲ ଛକ, ରାଜନଗର ଟ୍ରେକର ଷ୍ଟାଣ୍ଡ ଛକ, ଗିରିସାହି ରୋଡ, ଆଳି ଟ୍ରେକର ଷ୍ଟାଣ୍ଡ, ବାଲିପଡ଼ା ଛକ, ଅଳଭା ଶିବମନ୍ଦିର ବକ୍ତାରପୁର ଛକ, ଟ୍ରେଜେରୀ ଅଫିସ ଛକ ଆଦି ଜାଗାରେ ବିଶୁଦ୍ଧ ପାନୀୟଜଳ ପୌର ପରିଷଦ ପକ୍ଷରୁ ସୂଚାରୁ ରୂପେ ଯୋଗାଇ ଦିଆଯାଉଥିବାର ଦେଖିବାକୁ ମିଳିଛି। ପ୍ରବଳ ଗରମ ଓ ଅଂଶୁଘାତ ହେବାର ସମ୍ଭାବନାକୁ ଆଖି ଆଗରେ ରଖି ପୌର ପରିଷଦ କର୍ମଚାରୀମାନେ ଦିନକୁ ୩ ଥର ବିଶୁଦ୍ଧ ପାଣି ପାତ୍ରରେ ଭରିବାର ଦେଖିବାକୁ ମିଳୁଛି। ବଜାରକୁ ଆସୁଥିବା ବହୁ ଲୋକ ପାନୀୟ ଜଳ ସେବନ କରି ତୃଷା ମେଟାଂଉଛନ୍ତି। ଚଳିତବର୍ଷ ପୌରପରିଷଦ ତରଫରୁ ଠିକ ଭାବେ ବିଶୁଦ୍ଧ ଜଳଛତ୍ର ଖୋଲି ଥିବାରୁ ବହୁ ବୁଦ୍ଧିଜୀବି ଓ ବଜାର, ଅଫିସକୁ ଆସୁଥିବା ଲୋକମାନେ ପୌର ପରିଷଦର କର୍ମଚାରୀଙ୍କୁ ଭୂରି ଭରି ପ୍ରଶଂସା କରୁଛନ୍ତି।

ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଲା ଅର୍ଥାଭାବ

## ୮୯% ନମ୍ବର ରଖି ସଫଳତା ପାଇଲେ ବେଦପ୍ରକାଶ



**ମହାକାଳପଡ଼ା, ୨୧।୫ (ସଂଚାର ବ୍ୟୁରୋ) :** କଥାରେ ଅଛି ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର୍ ମାନେ। ତାହା ଆଜି ବାସ୍ତବରେ କରିକି ଦେଖାଇଛନ୍ତି ବେଦପ୍ରକାଶ। ଯେଉଁ ବେଦପ୍ରକାଶ ପରିବାରର ଆର୍ଥିକ ସମସ୍ୟା ପାଇଁ ଯୁକ୍ତ୨ରେ ନାମ ଲେଖାଇବାକୁ ସାହାସ ଜୁଟାଇ ପାରୁନଥିଲେ,ସେହି ବେଦପ୍ରକାଶ ଆଜି ୮୯% ଅର୍ଥାତ ୫୩୪ ନମ୍ବର ରଖି ସଫଳତା ପାଇଛନ୍ତି।

ମହାକାଳପଡ଼ା ବ୍ଲକ ବରକନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋଖାଖଟି ଗ୍ରାମର ବୈକୁଣ୍ଠ ସ୍ୱାଇଁଙ୍କ କନିଷ୍ଠ ପୁତ୍ର ବେଦପ୍ରକାଶ ସ୍ୱାଇଁ ଜଣେ ମେଧାବୀ ଛାତ୍ର। ଦଶମ ଶ୍ରେଣୀରେ ୫୨୨ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ ବେଦପ୍ରକାଶ। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଯୁକ୍ତ -୨ରେ ନାମ ଲେଖାଇବାକୁ ସମ୍ବଳ ନଥିଲା। ଏହି ଘଟଣା ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ସଦସ୍ୟମାନେ ଜାଣିବା ପରେ ବିଭିନ୍ନ ଖବରକାଗଜ ମାଧ୍ୟମରେ ଲୋକଲୋଚନକୁ ଆଣିବା ପରେ ଏକ ନିର୍ଦ୍ଦିଷ୍ଟ ଦୈନିକ ଖବରକାଗଜର ନିର୍ଦ୍ଦେଶକ ପିଲାଟିକୁ ଜୁପିଟର ଘରୋଇ ମହାବିଦ୍ୟାଳୟରେ ପଢାଇବାର ଦାୟିତ୍ୱ ନେଇଥିଲେ। ବିଭିନ୍ନ ଘାତ ପ୍ରତିଘାତ ସହି ଜୀବନରେ ସଫଳ ହେବାକୁ ଲକ୍ଷ୍ୟ ରଖିଥିବା ବେଦପ୍ରକାଶ ଯେଉଁ ସାହାଯ୍ୟ ସହଯୋଗ ପାଇଥିଲେ ତାହାକୁ ପାଥେୟ କରି ସଫଳତାର ଶିଖରରେ ପହଞ୍ଚିବାକୁ ନିଜର ଚେଷ୍ଟା ଜାରି ରଖିଥିଲେ। ଯାହା ଆଜି ତାହାର ପ୍ରତିଫଳନ ଦେଖିବାକୁ ମିଳିଛି। ଯେଉଁ ପିଲା ଦିନେ ଯୁକ୍ତ -୨ରେ ନାମ ଲେଖାଇବାକୁ ସାହାସ ଜୁଟାଇ ପାରୁନଥିଲା ସେହି ପିଲା ଆଜି ଯୁକ୍ତ - ୨ ବିଜ୍ଞାନରେ ୮୯% ପ୍ରତିଶତ ନମ୍ବର ରଖି କେବଳ ନିଜକୁ ସଫଳତା ଦେଇଛି ତାହା ନୁହେଁ ବରଂ ନିଜର ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ସମାଜକୁ ବାର୍ତ୍ତା ଦେଇଛି।

ବେଦପ୍ରକାଶଙ୍କ ପରିବାର ପୁଅର ସଫଳତାରେ ବେଶ୍ ଖୁସି ଅଛନ୍ତି। ଏହି ସଫଳତା ପଛରେ ତାଙ୍କର ଅଧ୍ୟୟନ, ବାପା ମାଆ, ଅଧାପକ ଓ ତାଙ୍କୁ ସହଯୋଗ କରିଥିବା ସମସ୍ତ ବ୍ୟକ୍ତି ମାନଙ୍କ ପାଇଁ ସମ୍ଭବ ହୋଇ ପାରିଛି ବୋଲି ବେଦପ୍ରକାଶ କହିଛନ୍ତି। ଆଗକୁ ସେ ପ୍ରଶାସନିକ ସେବା ପାଇଁ ନିଜକୁ ପ୍ରସ୍ତୁତ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ଅଚ୍ୟୁତ ସାମନ୍ତଙ୍କ ନାମରେ ନାମିତ ହେଲା ଆମେରିକାର ଗବେଷଣା ପ୍ରତିଷ୍ଠାନ




**ନ୍ୟୁୟର୍କ, ୨୧।୫ (ସଂଚାର ବ୍ୟୁରୋ) :** ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିଭର୍‌ସିଟିରେ ଶିକ୍ଷାବିତ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ନାମରେ ଏକ ଗବେଷଣା ପ୍ରତିଷ୍ଠାନ ନାମିତ କରାଯାଇଛି। ପ୍ରତିଷ୍ଠାନର ନାମ ରହିଛି 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ କ୍ୟୁନି କ୍ରେଷ୍ଟ ଇନଷ୍ଟିଚ୍ୟୁଟ' (ଏଏସଆଇଆଇସିସିଆଇ)। ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କରେ ମଙ୍ଗଳବାର ଆମେରିକାର ବହୁ ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। କୌଣସି ଭାରତୀୟଙ୍କ ନାମରେ ଆମେରିକାରେ ଏଭଳି ଗବେଷଣା ପ୍ରତିଷ୍ଠାନ ନାମିତ ହେବା ଏହା ହେଉଛି ପ୍ରଥମ । ଏହି ପ୍ରତିଷ୍ଠାନ ଆମେରିକୀୟ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ସମୃଦ୍ଧ କଳା ଏବଂ ଐତିହ୍ୟ ଉପରେ ଗବେଷଣା କରିବାର ସୁଯୋଗ ପ୍ରଦାନ କରିବା ସହ ଜନଜାତି ସଂପ୍ରଦାୟର ସାମାଜିକ-ଆର୍ଥିକ ବିକାଶରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ସଫଳତା ବିଷୟରେ ମଧ ଗବେଷଣା କରାଯିବ।

ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ ଅଧୀନରେ ଥିବା ବ୍ରୋଙ୍କସ୍ କମ୍ୟୁନିଟି କଲେଜର ଅଧକ୍ଷ ଡ. ମିଲଟନ୍ ସାଣ୍ଟିଆଗୋ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ଏଠାରେ ସେ ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟଧାରା ଓ ଜୀବନଶୈଳୀ ବିଷୟରେ ଜାଣିବାକୁ ପାଇଥିଲେ। ଶ୍ରୀ ସାମନ୍ତଙ୍କ କାର୍ଯ୍ୟଧାରା ତାଙ୍କୁ ବେଶ ପ୍ରଭାବିତ କରିଥିଲା। ଭାରତରୁ ଫେରିବା ପରେ ସେ ଅଚ୍ୟୁତ ସାମନ୍ତଙ୍କ ନାମାନୁସାରେ ତାଙ୍କ ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା ପ୍ରତିଷ୍ଠାନ ଏଏସଆଇଆଇସିସିଆଇ ନାମରେ ନାମିତ କରିବା ପାଇଁ ନିଷ୍ପତି ନେଇଥିଲେ। ପରେ ସାଣ୍ଟିଆଗୋଙ୍କ ଏହି ପ୍ରସ୍ତାବ ବିଶ୍ୱବିଦ୍ୟାଳୟ ବୋର୍ଡ ଦ୍ୱାରା ଏହା ଗୃହୀତ ହୋଇଥିଲା। ଏହି ନୂତନ ଗବେଷଣା ପ୍ରତିଷ୍ଠାନ ଉଦଘାଟନୀ କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ ।

ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କୁ ଉଦବୋଧନ ଦେଇ ଡ. ସାଣ୍ଟିଆଗୋ କହିଲେ, ଏହି ପ୍ରତିଷ୍ଠାନ ଆମେରିକାର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହେବ। ଏହା ବିଭିନ୍ନ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ଅର୍ଥପୂର୍ଣ୍ଣ ଗବେଷଣା କରିବାରେ ସହାୟକ ହେବ। ଆମେରିକାର ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ (ସିୟୁଏନ୍‌ଆଇ) ୧୭୫ ବର୍ଷର ଏକ ପୁରାତନ ସରକାରୀ ଶିକ୍ଷାନୁଷ୍ଠାନ। ଏଠାରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧୟନ କରୁଛନ୍ତି। ଏହି ବିଶ୍ୱବିଦ୍ୟାଳୟ ଅଧିନରେ ୨୫ଟି ମହାବିଦ୍ୟାଳୟ ରହିଥିବା ବେଳେ ସିଟି ୟୁନିଭରସିଟି ୧୨୨ଟି ଦେଶର ବିବିଧ ଛାତ୍ର ସଙ୍ଗଠନକୁ ସେବା ପ୍ରଦାନ କରୁଛି।

## ବୈଶିଙ୍ଗା ଲ୍ୟାମ୍ପସ ପକ୍ଷରୁ ରବିଧାନ କିଣାର ଶୁଭାରମ୍ଭ

**ବୈସିଙ୍ଗା, ୨୧।୫ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଠାରେ ଥିବା ସମବାୟ ସମିତି ଲ୍ୟାମ୍ପ୍ସ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ଉଦଘାଟିତ ହୋଇଯାଇଛି ଧାନ ମଣ୍ଡି। ଏହି ମଣ୍ଡିରେ ରବି ଚାଷରୁ ଅମଳ କରିଥିବା ଧାନକୁ ପଞ୍ଜିକରଣ କରିଥିବା ଚାଷୀ ମାନେ ବିକ୍ରୟ କରିପାରିବେ। ତେବେ ଆଜି ପ୍ରଥମ ଦିନରେ ୧୧୧ କୁଇଣ୍ଟାଲ ୮୪ କେଜି ଧାନ କ୍ରୟ କରାଯାଇଥିବା ସୂଚନା ମିଳିଛି। ଆଜିର ଉଦଘାଟନ ସମାରୋହରେ ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧିକରୁ ଅଧିକ ଚାଷୀ ନିଜର ନାମ ପଞ୍ଜୀକରଣ କରାଇ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୁବିଧାରେ ଭାଗିଦାର ହେବାପାଇଁ ଆହ୍ୱାନ ଦେଇଥିଲେ।


**AFFIDAVIT**

I Kanak Manjari Pradhan, w/o- Biranchi Narayan Pradhan resident of Plot No.22, Acharya Vihar, P.O.- Sahid Nagar, Bhubaneswar, Pin-751013, Odisha declare by an affidavit No.317 dtd.20.05.2025 that now onwards I shall be known as Kanak Manjari Pradhan for all future purposes.

### ମାତୃତ୍ୱ ଛୁଟି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆ ନିୟମ

# ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ ଦିନର ଛୁଟି





**ଏକକାଳୀନ କିମ୍ବା ବିଭିନ୍ନ ପର୍ଯ୍ୟାୟରେ ନିଆଯାଇପାରିବ**

**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ):** ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି। କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ, ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ଥିଲା । ଏବେ ସେହି ଦ୍ୱନ୍ଦ୍ୱ ଦୂର ହୋଇଛି। ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ ସମୟରେ ୧୮୦ ଦିନର ଛୁଟି କେଉଁ ପରିସ୍ଥିତିରେ କିପରି ନେବେ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହା ଦ୍ୱାରା ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ କ୍ଷେତ୍ରରେ ଛୁଟି ପାଇବାରେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହୋଇଛି।

ଏହା ସହିତ ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ସେବାରେ ଯୋଗ ଦେବା ପରେ ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ୍ୟ ଦ୍ୱନ୍ଦ୍ୱ ଥିଲା । ସେ ସମସ୍ୟା ମଧ୍ୟ ଦୂର ହୋଇ ପାରିଛି। ଏହା ସହିତ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ୍ୟ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି। ନୂତନ ନିଷ୍ପତ୍ତି ଅନୁଯାୟୀ ସମ୍ଭାବ୍ୟ ପ୍ରସବ ତାରିଖର ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅ ମାସ ମଧ୍ୟରେ ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ ଜଣେ ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନଥିଲେ, ସେ ସରକାରୀ ସେବାରେ ଯୋଗ ଦେବା ପରେ ତାଙ୍କର ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ତେଣୁ ଏହି କ୍ଷେତ୍ରରେ ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ। ସେହିପରି ଜଣେ ମହିଳା ସରକାରୀ କର୍ମଚାରୀଙ୍କ ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ (ଜନ୍ମରୁ ୨୮ ଦିନ ମଧ୍ୟରେ) କିମ୍ବା ମୃତ ଶିଶୁ ଜନ୍ମ (୨୮ ସପ୍ତାହ କିମ୍ବା ତଦୂର୍ଦ୍ଧ୍ୱ ସମୟର ଗର୍ଭଧାରଣ ପରେ ଯଦି ନିର୍ଜୀବ ଶିଶୁର ଜନ୍ମ ହୁଏ) ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ରହିବ । କିନ୍ତୁ ଯଦି ଶିଶୁର ମୃତ୍ୟୁ ଜନ୍ମରୁ ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସମ୍ପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କ ମାତୃତ୍ୱ ଛୁଟି ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ରହିବ । ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଶେଷ ହୋଇଯାଇଥିବ, ତେବେ ସେ ୧୪ ଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପାଇବେ କିମ୍ବା ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଉଥିବ, ତେବେ ସେ ୧୪ ଦିନରୁ ଯେତିକି ଦିନ ବଳକା ରହିଯାଉଥିବ ସେତିକିଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପାଇବେ । ଦୁଇଟିରୁ କମ୍ ଜୀବିତ ପିଲା ଥିବା ମହିଳା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହି ମାତୃତ୍ୱ ଛୁଟି ପ୍ରଦାନ କରାଯିବ । ଶିଶୁ ପ୍ରସବ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ । ଯଦି ମାତୃତ୍ୱ ଛୁଟି ସମୟରେ କୌଣସି ମହିଳା ସରକାରୀ କର୍ମଚାରୀଙ୍କ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ତାଙ୍କର ସେହି ଉଚ୍ଚ ପଦବୀରେ ଯୋଗଦାନ ରିପୋର୍ଟ ( ହାର୍ଡ କିମ୍ବା ସଫ୍ଟ କପି ) ଯେଉଁଦିନ ଉପଯୁକ୍ତ କର୍ତ୍ତୃପକ୍ଷ ପାଇବେ, ସେହିଦିନ ସେ ସେହି ଉଚ୍ଚ ପଦବୀରେ ଯୋଗ ଦେଲେ ବୋଲି ଧରାଯିବ। ସେ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ। ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ।

## ୫ ହାର୍ଡକୋର ମାଓବାଦୀ ଗିରଫ



**ମାଲକାନଗିରି, ୨୧।୫ (ସଂଚାର ବ୍ୟୁରୋ) :** ୫ ହାର୍ଡକୋର ମାଓବାଦୀ ଗିରଫ । ମହାରାଷ୍ଟ୍ର ଗଡ଼ଚିରୋଲି ଜିଲ୍ଲାର ଲାହେରୀ ଥାନା ବିଣାଗୁଣ୍ଡା ଜଙ୍ଗଲରୁ ୫ଜଣଙ୍କୁ ଗିରଫ କରିଛନ୍ତି ସୁରକ୍ଷା କର୍ମୀ । ଗିରଫଙ୍କ ମଧ୍ୟରେ ଜଣେ ଡିଭିସିଏମ୍ , ଜଣେ ଏସିଏମ୍ ଏବଂ ତିନି ଜଣ ପ୍ଲାଟୁନ ସଦସ୍ୟ ରହିଛନ୍ତି । ଗିରଫ ୫ ଜଣଙ୍କ ନାଁରେ ୩୬ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ ମହାରାଷ୍ଟ୍ର ସରକାର । ଗିରଫ ମାଓବାଦୀଙ୍କ ନିକଟରୁ ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଗୋଟିଏ ସ୍ୱୟଂ ଚାଳିତ ଏସ୍ଏଲ୍ଆର, ଦୁଇଟି ୩୦୩ ବନ୍ଧୁକ, ତିନୋଟି ସିଙ୍ଗଲ୍ ସଟ୍ ରାଇଫଲ୍ ଏବଂ ଦୁଇଟି ଭର୍ମର ବନ୍ଧୁକ ଜବତ କରାଯାଇଛି ।

## ଦିବ୍ୟାଙ୍ଗଙ୍କ ପାଇଁ ଖୁସିଖବର: ବଢ଼ିଲା ଭତ୍ତା



**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ) :** ବଢ଼ିଲା ଭତ୍ତା ଟଙ୍କା । ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଭତ୍ତା ବଢ଼ାଇଲେ ରାଜ୍ୟ ସରକାର । ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୮୦ ପ୍ରତିଶତ ବା ତାଠାରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତ୍ତା ବଢ଼ିଲା । ଏଣିକି ଏମାନଙ୍କୁ ମିଳିବ ୩,୫୦୦ ଟଙ୍କା ଭତ୍ତା। ଜୁନ୍ ସୁଦ୍ଧା ୮୦ବର୍ଷ ହୋଇଥିଲେ ବି ମିଳିବ ବର୍ଦ୍ଧିତ ଟଙ୍କା। ଆସନ୍ତା ଜୁନ୍ ମାସରୁ ହିତାଧିକାରୀଙ୍କୁ ୩,୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ମିଳିବ । ବର୍ଦ୍ଧିତ ଭତ୍ତା ନେଇ ଡିଏସ୍ଏସ୍ଓଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ବିଜେପି ସରକାରର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଦ୍ୱାରା ରାଜ୍ୟର ୪ ଲକ୍ଷ ୧୭ ହଜାର ୪୯୬ଜଣ ହିତାଧିକାରୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

## ଖସିପଡ଼ିଲା ସ୍ଲାବ୍, ୨ ଝିଅଙ୍କ ସହ ମା'ର ମୃତ୍ୟୁ



**ପୁରୁଷୋତ୍ତମପୁର, ୨୧।୫ (ସଂଚାର ବ୍ୟୁରୋ) :** ମହାରାଷ୍ଟ୍ର ମୁମ୍ବାଇର ଥାନେ ନିକଟସ୍ଥ କଲ୍ୟାଣ ଅଞ୍ଚଳରେ ମଙ୍ଗଳବାର ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଗୋଟିଏ ବିଲ୍ଡିଂ ଛାତ ଭୁଶୁଡ଼ି ୬ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ତେବେ ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସି.ଏଚ୍. ନୂଆଗାଁ ଗ୍ରାମର ୩ ଜଣ ମହିଳା ରହିଛନ୍ତି। ଏହି ମୃତକମାନେ ମା' ପ୍ରମିଳା ସାହୁ(୫୬) ଓ ଦୁଇ ଝିଅ ସୁନୀତା ସାହୁ(୪୦) ଏବଂ ସୁଜାତା ପାଢ଼ୀ (୩୫) ଅଟନ୍ତି। ସୁଜାତାଙ୍କ ଶାଶୁଘର ହିଞ୍ଜିଳି ହୋଇଥିବା ବେଳେ ସୁନୀତାଙ୍କ ଶାଶୁଘର ହିଞ୍ଜିଳି ଥାନା ଚାନ୍ଦୁଲି ଗ୍ରାମରେ। ଏମାନେ ପେଟପୋଷିବା ଲାଗି ପରିବାର ସହ ମୁମ୍ବାଇ ଯାଇ ସେଠାରେ କାମ କରି ବଞ୍ଚୁଥିଲେ। ହେଲେ ଦୁଇଝିଅଙ୍କୁ ଦେଖିବା ଲାଗି ମା' ପ୍ରମିଳା ସେଠାକୁ ଯାଇଥିଲେ। ଏହି ସମୟରେ ମଙ୍ଗଳବାର ମଧ୍ୟାହ୍ନରେ ଝିଅ ରହୁଥିବାର ଘରେ ବସି କଥାବାର୍ତ୍ତା ହେଉଥିବାବେଳେ ଅଚାନକ ଭାବରେ ଘରର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା । ଫଳରେ ଛାତ ତଳେ ଚାପିହୋଇ ମା' ଓ ଦୁଇ ଝିଅଙ୍କ ମୃତ୍ୟୁ ଘଟିଛି। ମାତ୍ର ସୁଜାତାଙ୍କ ଚାରିବର୍ଷର ଶିଶୁପୁତ୍ର କାର୍ତ୍ତିକ ମୃତ୍ୟୁ ମୁଖରୁ ବଞ୍ଚିଯାଇ ଗୁରୁତର ହୋଇ ଚିକିସାଧୀନ ଅବସ୍ଥାରେ ରହିଛନ୍ତି। ମଙ୍ଗଳବାର ରାତିରେ ଏହି ୩ ଜଣଙ୍କ ମୃତଦେହକୁ ସେହିଠାରେ ହିଁ ସତ୍କାର କରାଯାଇଛି । ଏହି ଘଟଣାକୁ ନେଇ ସିଏଚ୍ ନୂଆଗାଁ ଶୋକର ଛାୟା ଖେଳିଯାଇଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ



**କେନ୍ଦ୍ରାପଡ଼ା, ୨୧।୫ (ସଂଚାର ବ୍ୟୁରୋ) :** ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ । କୋଲକାତାରେ ବିବାହ କରେଇବାକୁ କହି ଅପହରଣ କରିଥିଲା ଅଭିଯୁକ୍ତ । କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ବାଉଲକାଣୀ ପଞ୍ଚାୟତ ଆମ୍ବେଲାରୀ ଗାଁରେ ଘଟିଛି ଏଭଳି ଚାଞ୍ଚଲ୍ୟକର ଘଟଣା । ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସେହି ଗାଁର ବିଧାନ ମଣ୍ଡଳ ନାମକ ଜଣେ ବ୍ୟକ୍ତି ଅପହରଣ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ନାବାଳିକା ଛାତ୍ରୀ ଜଣକ ତାଙ୍କ ମାମୁଁଙ୍କ ଘରେ ରହୁଥିବା ବେଳେ ଉକ୍ତ ବ୍ୟକ୍ତି ଜଣଙ୍କ ସୁଦୂର କଲିକତାରେ ବିବାହ କରାଇ ଦେବାକୁ ନାବାଳିକାର ମାମୁଁଙ୍କୁ ବାଧ୍ୟ କରିଥିଲେ । କିନ୍ତୁ ଏହି ପ୍ରସ୍ତାବକୁ ସିଧା ସିଧା ମନା କରିଦେଇଥିଲେ ମାମୁଁ । କାରଣ ଭାଣେଜୀ ଦଶମ ଶ୍ରେଣୀରେ ପାଠ ପଢୁଛି ଏବଂ ବିବାହ ବୟସ ମଧ୍ୟ ହୋଇନାହିଁ । ଯାହାପରେ ବିଧାନ ଝିଅର ମାମୁଁଙ୍କୁ ଧମକ ମଧ୍ୟ ଦେଇଥିଲା। କିନ୍ତୁ ମାମୁଁ ଘର ଲୋକେ କୌଣସି କଥାରେ ରାଜି ନ ହେବାରୁ ଛାତ୍ରୀଙ୍କୁ ଅପହରଣ କରି ନେଇଯାଇଥିଲା ବିଧାନ ମଣ୍ଡଳ । ଝିଅ ସକାଳେ ମର୍ଣ୍ଣିଂ ୱାକରେ ଯାଇଥିବା ସମୟରେ ବାଇକରେ ବସିବାକୁ ବାଧ୍ୟ କରିଥିଲା । ଆଉ ଝିଅ ମନା କରିବାରୁ ମାମୁଁ ମାଇଁଙ୍କୁ ଜୀବନରୁ ମାରିବାକୁ ଧମକ ଦେଇଥିଲା । ଯାହାପରେ ଝିଅ ଭୟଭୀତ ହୋଇ ବିଧାନ ସହ ଯାଇଥିଲା । ଯାହାପରେ ଝିଅକୁ ବସରେ ବସାଇ ଅନ୍ୟତ୍ର ପଠାଇଦେଇଥିଲା ଅଭିଯୁକ୍ତ ବିଧାନ । ଏହା ପରେ ସେଠାରେ ଅନେକ ସମୟ ପର୍ଯ୍ୟନ୍ତ ଏକ ବନ୍ଦ କୋଠରୀରେ ଝିଅକୁ ରଖିଥିଲା । କିନ୍ତୁ ପରେ ଝିଅର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିବା ଜାଣିବାକୁ ପାଇ ଝିଅକୁ ରାସ୍ତାରେ ଛାଡ଼ି ଫେରାର ହୋଇଯାଇଥିଲା ବିଧାନ । ଆଉ ଏହି ସମୟରେ ଝିଅର ନିଜ ଭିଣେଇଙ୍କ ସହ ଭେଟ ହୋଇଥିଲା । ଯାହାପରେ ସେ ନିଜ ଭିଣେଇକୁ ସବୁ ଘଟଣା କହିଥିଲା ଆଉ ଘରକୁ ଆସିଥିଲା । ପରିବାର ତରଫରୁ ଛାତ୍ରୀଙ୍କୁ ଉଦ୍ଧାର କରିବା ପରେ ଝିଅକୁ ନେଇ ଥାନାରେ ବୟାନ ଦେଇଥିଲେ ପରିବାର ଲୋକେ । ଅନ୍ୟପଟେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଅପରପକ୍ଷରେ ଅଭିଯୁକ୍ତ ଫେରାର ଥିବା ବେଳେ ନ୍ୟାୟ ପାଇଁ ଦାବି କରିଛନ୍ତି ପରିବାର ଲୋକେ। ତେବେ ଏଭଳି ଘଟଣା ପ୍ରଥମ ନୁହେଁ । ପୂର୍ବରୁ ମଧ୍ୟ ଏଭଳି ଅନେକ ଛାତ୍ରୀ ଅପହରଣ ମାମଲା ସାମ୍ନାକୁ ଆସୁଛି । କେତେବେଳେ ପରୀକ୍ଷା କେନ୍ଦ୍ର ବାହାରୁ ଛାତ୍ରୀଙ୍କୁ ଅପହରଣ ତ କେତେବେଳେ କଲେଜ ଆଗରୁ ଛାତ୍ରୀଙ୍କୁ ଉଠାଇନେଲେ ଏମିତି ଅନେକ ଖବର ପ୍ରତିଦିନ ଆମେ ଶୁଣିବାକୁ ପାଉଛେ ।

## କେନ୍ଦୁଝର ଗସ୍ତରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା

**କେନ୍ଦୁଝର, ୨୧।୫(ସଂଚାର ବ୍ୟୁରୋ):** ଆଜିଠୁ ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ। ଏହି ଟିମରେ ଅଛନ୍ତି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ଯୁଗ୍ମ ସଚିବ କେକେ ତ୍ରିପାଠୀ ଓ ଅପୂର୍ବ ମିଶ୍ର । ତାଙ୍କ ସାଙ୍ଗରେ ଅଛନ୍ତି ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ ମହାକୁଡ଼। ଆଜି ଅପରାହ୍ନରେ କେନ୍ଦୁଝରରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ । ଏନେଇ ସୂଚନା ଦେଇଛନ୍ତି ଜିଲ୍ଲାପାଳ ବିଶାଳ ସିଂହ । ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ବର୍ତ୍ତମାନ ଜିଲ୍ଲା ଖଣିଜ ଫାଉଣ୍ଡେସନ ଟ୍ରଷ୍ଟ (ଡିଏମ୍ଏଫ୍ଟି)ର କାର୍ଯ୍ୟକାରିତା ନେଇ ଅଧ୍ୟୟନ



କରିବେ ବୋଲି ଜିଲ୍ଲାପାଳ ବିଶାଳ ସିଂହ ପ୍ରକାଶ କରିଛନ୍ତି। ବିଶେଷ ଭାବରେ ଖଣି ପ୍ରଭାବିତ ଅଞ୍ଚଳରେ ଅନ୍ତର୍ଭୁକ୍ତ ବିକାଶ ହାସଲ କରିବାରେ ଡିଏମ୍ଏଫ୍ଟି କାର୍ଯ୍ୟର ପ୍ରଭାବଶାଳୀତା, ଦକ୍ଷତା, ସ୍ୱଚ୍ଛତା ଏବଂ ସାମଗ୍ରିକ ପ୍ରଭାବର ମୂଲ୍ୟାଙ୍କନ କରିବା ପାଇଁ ଇଏସି-ପିଏମ୍କେନ୍ଦୁଝର ଆସିଛନ୍ତି । ଏହି ଟିମ ଜିଲ୍ଲାର ବିଭିନ୍ନ ଡିଏମ୍ଏଫ୍ କାର୍ଯ୍ୟ ହୋଇଥିବା ଅଞ୍ଚଳ ପରିଦର୍ଶନ କରିବେ ବୋଲି ଜଣାପଡିଛି। ଏନେଇ ଜିଲ୍ଲା ପ୍ରଶାସନ ତରଫରୁ ଗତକାଲି ଠାରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ବିଭାଗକୁ ନେଇ ରିଭ୍ୟୁ ମିଟିଂ କରାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ସରକାର ସମୟରେ ଏହି ଡିଏମ୍ଏଫ୍ ଫଣ୍ଡର ଦୁରୁପଯୋଗ ଓ ଅନିୟମିତତା ନେଇ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିରୋଧିଦଳ ନେତା ମୋହନ ଚରଣ ମାଝୀ ବ୍ୟାପକ ଅଭିଯୋଗ କରିଆସୁଥିଲେ। ସରକାର ପରିବର୍ତ୍ତନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଡିଏମ୍ଏଫ୍ ଫଣ୍ଡ ଅଧିକ କାର୍ଯ୍ୟଶୀଳ ହେବା ସହ ଦୁର୍ନୀତିମୁକ୍ତ ହେବା ନେଇ ଅଧିକାରୀଙ୍କୁ ତାଗିଦ କରି ଆସୁଛନ୍ତି। ହେଉଛି।

## ରଥଯାତ୍ରା ଚିନ୍ତା ସ୍ଥିତି ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

**ପୁରୀ, ୨୧।୫(ସଂଚାର ବ୍ୟୁରୋ):** ଆଗକୁ ଆସୁଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। କିପରି ଏହା ସୂଚାରୁ ରୂପେ ପରିଚାଳିତ ହେବ ସେ ନେଇ ତତ୍ପରତା ପ୍ରକାଶ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ସେ ଆଜି ବଡ଼ଦାଣ୍ଡରେ କ୍ଷେତ୍ର ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଆସନ୍ତା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀ ପୌରପାଳିକା ଗ୍ରହଣ କରିଥିବା ପଦକ୍ଷେପର ସେ ସମୀକ୍ଷା କରିଛନ୍ତି । ବିଶେଷ କରି ପୁରୀ ହସ୍ପିଟାଲ ଛକରେ କ୍ରସ ଡ୍ରେନ ଗୁଡ଼ିକ କିଭଳି ସଫା କରାଯାଇଛି, ନାଳ, ନର୍ଦ୍ଦମାର ସ୍ଥିତି କିଭଳି ରହିଛି, ଦୀର୍ଘ ଦିନ ଧରି ପଡି କଳଙ୍କି ଖାଇଯାଇଥିବା ଲୁହା ସ୍ଲାବ୍ ଗୁଡ଼ିକର ପରିବର୍ତ୍ତନ, ମୁକୁଳା ଡ୍ରେନ ଉପରେ ସ୍ଲାବ୍ ପକାଇବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ସେହିପରି ସହରରେ ଥିବା ସ୍ୱେରେଜ ଟ୍ରିଟିମେଣ୍ଟ ପ୍ଲାଣ୍ଟ କିଭଳି କାର୍ଯ୍ୟକାରୀ ହେଉଛି ତାର ସେ ସମୀକ୍ଷା କରିଛନ୍ତି । ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡର ବିଭିନ୍ନ ସ୍ଥାନରେ ଥିବା ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଜନାରେ ଲୋକେ କିଭଳି ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ପାଇବେ, ଡ୍ରିଙ୍କ ଫ୍ରମ୍ ଟ୍ୟାପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫା ସୁତୁରା ରହିବ, ସହରରେ ଦିନକୁ ଦିନ ବୃଦ୍ଧି ପାଇଚାଲିଥିବ ମଶା ଉପଦ୍ରବ କିଭଳି ନିୟନ୍ତ୍ରଣ କରାଯାଇପାରିବ, ରଥଯାତ୍ରା ସମୀରେ ବର୍ଷା ହେଲେ ତୁରନ୍ତ କିଭଳି ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ପମ୍ପ ଦ୍ୱାରା ବର୍ଷା ଜଳ ନିଷ୍କାସିତ ହୋଇପରିବ ସେ ନେଇ ସମୀକ୍ଷା କରିବା ସହ ତୁରନ୍ତ ଏହାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟରେ ପୁରୀ ହିଁ ରାଜ୍ୟ ସରକାରଙ୍କ ସର୍ବାଧିକ ପ୍ରାଥମିକତା ଥିବା ଜିଲ୍ଲା। ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାରୁ ପୌର ନିର୍ବାଚନ ହୋଇପାରିନାହିଁ। ପୁରୀକୁ ପୌର ନିଗମରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରିବା ସହ ଖୁବ ଶୀଘ୍ର ପୌର ବେଞ୍ଚ ଗଠନ କରିବା ପାଇଁ ଚେଷ୍ଟା କରାଯାଉଥିବା ସେ ସମୀକ୍ଷା ପରେ କହିଛନ୍ତି । ଏନେଇ ମନ୍ତ୍ରୀ କହିଛନ୍ତି, ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ, ପୁରୀ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପୌର ନିର୍ବାହୀ ଅଧିକାରୀ, ପୁରୀ ଆରଟିଓ, ୱାଟକୋ ଜେନେରାଲ ମ୍ୟାନେଜର, ପ୍ରୋଗ୍ରାମ ଅଫିସରଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ଆଜି ପୁରୀ ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀ ସହରର ରାସ୍ତାଘାଟ ଏବଂ ପରିମଳ ବ୍ୟବସ୍ଥା ଉପରେ ସମୀକ୍ଷା କଲି । ଏହାସହ ଅସ୍ଥାୟୀ ପାର୍କିଂ ଓ ମୋବାଇଲ ଟଏଲେଟର ବ୍ୟବସ୍ଥା, ଅଧିକ ଜଳଛତ୍ର କେନ୍ଦ୍ର ଖୋଲାଯିବା ଏବଂ ବୁଲା ଗାଈଗୋରୁଙ୍କ ପାଇଁ ସହରରେ କାଞ୍ଜିଆହତା ଓ ଗୋଶାଳା ନିର୍ମାଣ କରିବା ନେଇ ପରାମର୍ଶ ଦେଲି। ମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ମାର୍ଟ ପୁଲିସିଂକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

- ଦୈତନଗରୀକୁ ସୁରକ୍ଷିତ ରଖିବାକୁ ପରାମର୍ଶ
- ପୋଲିସ ନିଜକୁ ଲୋକଙ୍କ ବନ୍ଧୁ ଭାବନ୍ତୁ

**ଭୁବନେଶ୍ୱର, ୨୧।୫ (ସଂଚାର ବ୍ୟୁରୋ) :** କଟକ-ଭୁବନେଶ୍ୱରର ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ଅପରାଧ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ୍ ସମସ୍ୟା ଦୂର କରିବା ଇତ୍ୟାଦିରେ କମିଶନରେଟ ପୋଲିସ ଦକ୍ଷତାର ସହ କାର୍ଯ୍ୟ କରୁଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର କଟକ କମିଶନରେଟ ପୋଲିସର ୧୭ତମ ସ୍ଥାପନା ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ।



ଏହି ଉପଲକ୍ଷେ ଭୁବନେଶ୍ୱର ସପ୍ତମ ବାଟାଲିଅନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶରେ ଥିବା ସମସ୍ତ କମିଶନରେଟ ପୋଲିସ ମଧ୍ୟରେ ଭୁବନେଶ୍ୱର-କଟକ କମିଶନରେଟ ଏକ ଦକ୍ଷ, ଉନ୍ନତ, ଦାୟିତ୍ୱବାନ୍ ଓ ସମ୍ବେଦନଶୀଳ ପୋଲିସ ଭାବରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଗତ ୧୧ ମାସ କମିଶନରେଟ ପୋଲିସ ପାଇଁ ଘଟଣା ବହୁଳ ଥିଲା । ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଭାବେ ଏସବୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି । ଏ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁରୂପେ ଏବଂ ଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ପୋଲିସବାହିନୀ ଅକ୍ଳାନ୍ତ ପରିଶ୍ରମ କରି ଓଡ଼ିଶାକୁ ଏକ ସୁଦକ୍ଷ ଓ ଆଦର୍ଶ ଆୟୋଜକର ମାନ୍ୟତା ଦେଇଛନ୍ତି ।

ସେ ପୁଣି କହିଥିଲେ ଯେ, ଆଜି ଭାରତ ମାନଚିତ୍ରରେ ଆମ ରାଜ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବିକଶିତ ଭାରତ ଗଠନରେ ଓଡ଼ିଶାର ଅଗ୍ରଣୀ ଭୂମିକା ରହିବ ଏବଂ ଏଥିପାଇଁ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିବ । ମୁଖ୍ୟମନ୍ତ୍ରୀ କହିଥିଲେ ପୋଲିସ ନିଜକୁ ଲୋକମାନଙ୍କ ବନ୍ଧୁ ଭାବେ ଭାବିବା ଉଚିତ । ଲୋକଙ୍କ ସୁବିଧା ଅସୁବିଧାରେ ରହି ସେମାନଙ୍କ ପାଇଁ ଆସୁଥିବା ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରି ଲୋକଙ୍କ ଧନ, ଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ଦରକାର। ଆପଣମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ଅସୁବିଧାକୁ ସମ୍ବେଦନଶୀଳ ଭାବେ ବିବେଚନା କରି ନ୍ୟାୟ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ । ସମାଜର ସବୁ ଶ୍ରେଣୀର ଲୋକ ଯେପରି ପୋଲିସ ପାଖରୁ ଉପଯୁକ୍ତ ନ୍ୟାୟ ପାଇବେ ସେ ଦିଗରେ ପରାମର୍ଶ ଦେଇଥିଲେ । ବସ୍ତି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଓ ଉତ୍ତମ ପରିବେଶ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ରିଜର୍ଭ ପୋଲିସ ଲାଇନର ନବନିର୍ମିତ ୮୪ଟି ଏଫ୍ ଟାଇପ୍ କ୍ୱାର୍ଟର୍ସ, ବଡ଼ଗଡ଼ ଥାନା ଅଞ୍ଚଳରେ ୨୮ଟି ଡି-ଟାଇପ୍ କ୍ୱାର୍ଟର୍ସ ଉଦ୍ଘାଟନ କରିବା ସହିତ କାର୍ଯ୍ୟକ୍ଷେତ୍ରରେ ନିଷ୍ଠା ଓ ଦକ୍ଷତା ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।

## ଗୁଳି ଫୁଟାଇ ବେପାରୀଙ୍କଠାରୁ ଲୁଟ୍, ୨ ଗିରଫ



**ଖୋର୍ଦ୍ଧା, ୨୧।୫ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ବାଲୁଗାଁ ଥାନା ଅନ୍ତର୍ଗତ ନିମିକ୍ଷେତା ଛକରେ ରୁପା ବେପାରୀଙ୍କୁ ଗୁଳି ଫୁଟାଇ ରୁପା ଅଳଙ୍କାର ଲୁଟ୍ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୭କେଜି ରୂପା, ୨ଟା ବାଇକ ଜବତ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ଆସ୍କା ଅଞ୍ଚଳର ଏ.ରବି(୩୫) ଓ ମହେଶ ପ୍ରଧାନ(୨୨)। ଏମାନେ ଏରୋଗଲା ସମ୍ପ୍ରଦାୟର। ଅନ୍ୟ ୩ ଫେରାର ଅଭିଯୁକ୍ତଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ଏସ୍ପି ସାଗରିକା ନାଥ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ବାଲୁଗାଁ ଥାନା ଅନ୍ତର୍ଗତ ଉମାକାନ୍ତପୁର ଗ୍ରାମର ପ୍ରହ୍ଲାଦ ନାୟକ ବାଲୁଗାଁ ଏବଂ ଗଞ୍ଜାମ ଖଲିକୋଟ ଅଞ୍ଚଳରେ ଘରକୁ ଘର ବୁଲି ରୁପା ବେପାର କରନ୍ତି। ଗତ ୯ ତାରିଖ ସେ ବାଇକ୍ରେ ରୁପା ଅଳଙ୍କାର ଧରି ଖଲିକୋଟ ଯାଉଥିଲେ। ନିମିକ୍ଷେତା ଛକରେ ୫ଜଣ ଦୁର୍ବୃତ୍ତ ୨ରାଉଣ୍ଡ ଗୁଳି ଫୁଟାଇ ତାଙ୍କ ଠାରୁ ୧୫ କେଜି ରୁପା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ପ୍ରହ୍ଲାଦ ଗୁରୁତର ଆହତ ହୋଇଥିଲେ। ଆହତଙ୍କ ସ୍ତ୍ରୀ ସୁନିତାଙ୍କ ଅଭିଯୋଗ କ୍ରମେ ବାଲୁଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ବାଲୁଗାଁ ଏସ୍ଡିପିଓ ସଞ୍ଜୟ ପଟ୍ଟନାୟକ, ଥାନା ଅଧିକାରୀ ଜୟକୃଷ୍ଣ ପରିଡ଼ା ଏବଂ ସ୍ପେଶାଲ ସ୍କ୍ୱାଡ୍ ନେଇ ଗଠିତ ଟିମ୍ ଗଞ୍ଜାମ ପୋଲିସ ସହାୟତାରେ ୨ଅଭିଯୁକ୍ତଙ୍କୁ ଆସିକା ଅଞ୍ଚଳରୁ ଧରିଥିଲେ। ଗିରଫ ଅଭିଯୁକ୍ତମାନେ ରାଜପଥରେ ଏକାକୀ ଯାଉଥିବା ଲୋକଙ୍କୁ ଟାର୍ଗେଟ କରି ଲୁଟ୍ କରୁଥିଲେ।

# ସ୍ମାର୍ଟ ଜନପଥ ଚିନ୍ତା ବଢ଼ାଇଲାଣି

**ଭୁବନେଶ୍ୱର,୨୧।୫ :** ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସସିଏଲ୍) ରାଜଧାନୀରେ ନିର୍ମାଣ କରିଥିବା ସ୍ମାର୍ଟ ଜନପଥ ଏବେ କର୍ତ୍ତୃପକ୍ଷଙ୍କ ପାଇଁ ବୋଝ ହେବାକୁ ଯାଉଛି । ଆସନ୍ତା ବର୍ଷ ପ୍ରାରମ୍ଭରୁ ଏହାର ରକ୍ଷଣା ବେକ୍ଷଣ କିଭଳି ହେବ ସେହି ଚିନ୍ତା ଏବେ ଘାରିଲାଣି ।

ସ୍ମାର୍ଟସିଟି କର୍ତ୍ତୃପକ୍ଷ ରାଜଧାନୀରେ ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିଛନ୍ତି ସ୍ମାର୍ଟ ଜନପଥ । ବାଣୀବିହାର ଠାରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇପଟରେ ଟାଇଲ୍ ବିଛାଯିବା ସହିତ ଉଜ୍ଜ୍ୱଳ ଆଲୋକମାଳା, ବସିବାପାଇଁ ସିମେଣ୍ଟ ଚେୟାର, ସୌନ୍ଦର୍ଯ୍ୟକରଣ ଆଦି ହୋଇଛି । ଏହାର ରକ୍ଷଣା ବେକ୍ଷଣ ବାବଦରେ ବର୍ଷକୁ ୪କୋଟି ଟଙ୍କା ବ୍ୟୟ ହେଉଛି।




ତେବେ ରାଜ୍ୟରେ ସ୍ମାର୍ଟସିଟିର ଅବଧି ସରିବାପରେ ଆସନ୍ତାବର୍ଷ ଜାନୁୟାରୀରୁ ଏହାର ରକ୍ଷଣାବେକ୍ଷଣ ଆଉ ସ୍ମାର୍ଟସିଟି କର୍ତ୍ତୃପକ୍ଷ କରିବେ ନାହିଁ । ତେଣୁ ଏସବୁର ରକ୍ଷଣାବେକ୍ଷଣ କିଭଳି ହେବ ସେହି ଚିନ୍ତା ଏବେ କର୍ତ୍ତୃପକ୍ଷଙ୍କୁ ଘାରିଛି । ବିଶେଷକରି ସିଭିଲ, ଇଲେକ୍ଟ୍ରିକାଲ୍ସ, ଉଦ୍ୟାନ ଆଦିର ରକ୍ଷଣାବେକ୍ଷଣ କରିବାକୁ ପଡିବ । ଏଥି ସହିତ ସ୍ମାର୍ଟ ଜନପଥରେ ଭିଭିଆଇପି ଗତିବିଧି ସମୟରେ ମଧ୍ୟ କର୍ତ୍ତୃପକ୍ଷଙ୍କୁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡିଥାଏ । ସେହିଭଳି ସ୍ମାର୍ଟ ଜନପଥରେ ଜବରଦଖଲ ଉପରେ ନଜର ରଖିବାପାଇଁ ସ୍ମାର୍ଟସିଟି କର୍ତ୍ତୃପକ୍ଷ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ମୁତୟନ କରିଥିଲେ । ତେବେ ସ୍ମାର୍ଟ ଜନପଥରର ପରିଚାଳନା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ମଧ୍ୟରୁ କିଛି ବିଏମସି ତାହାର ଟିକସ ଅର୍ଥରୁ ପ୍ରଦାନ ପାଇଁ ଏଜି ତାଙ୍କ ଅଡିଟ୍ରେ ଉଲ୍ଲେଖ କରିଛନ୍ତି । ବିଶେଷକରି ବିଏମ୍ସି କର୍ତ୍ତୃପକ୍ଷ ପାର୍କିଂ, ସ୍ମାର୍ଟ କିଓସ୍କ ଆଦିରୁ ଯେଉଁ ଭଡା ପାଉଛନ୍ତି ସେଥି ଅର୍ଥରୁ ଦେବାପାଇଁ କୁହାଯାଇଛି। ଉଲ୍ଲେଖନୀୟ ଯେ ସ୍ମାର୍ଟଜନପଥରେ ଥିବା ୩୦୦ ସ୍ମାର୍ଟ କିଓସ୍କରୁ ଭଡା ଆଦାୟ ହେଉଛି । ସ୍ମାର୍ଟ ଜନପଥରେ ହେଉଥିବା ବିଜ୍ଞାପନର ସତ୍ତ୍ୱାଧିକାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ ହାତରେ ଥିବାବେଳେ ବିଏମ୍ସି କର୍ତ୍ତୃପକ୍ଷ ଲାଇସେନ୍ସ ଫି ଆଦାୟ କରିଥାନ୍ତି । ଏଥି ସହିତ ଆଇନ୍ ଅନୁଯାୟୀ ବିଏମ୍ସି ବିଜ୍ଞାପନରୁ ମ୍ୟୁନିସିପାଲ ଟିକସ ଆଦାୟ କରୁଛନ୍ତି । ଏହି ନୀତିକୁ ଏବେ ଦେଶର ଅନ୍ୟ କେତେକ ସ୍ମାର୍ଟସିଟି ଆପଣେଇଛନ୍ତି । ତେବେ ସ୍ମାର୍ଟସିଟି ଅବଧି ସରିବାପରେ ସ୍ମାର୍ଟଜନଥର ରକ୍ଷଣା ବେକ୍ଷଣ ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢୁଥିବାବେଳେ ଏହି ଜନପଥରେ ଲାଗିଥିବା ବାଉଁଶବାଡ ଏବେ ଠାରୁ ଭାଙ୍ଗିଗଲାଣି । କେଉଁଠାରେ ଲୋକେ ବତା ଟାଣି ନେଲେଣି ତ ଆଉ କେଉଁଠାରେ ଏହା ବିପଦଜନକ ଭାବେ ଝୁଲି ରହିଛି । ତେବେ ବର୍ଷକୁ ୪କୋଟି ଟଙ୍କା ରକ୍ଷଣା ବେକ୍ଷଣ ବାବଦରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ଖର୍ଚ୍ଚ କରୁଥିବାବେଳେ ଏହି ବାଉଁଶବାଡକୁ କାହିଁକି ମରାମତି କରୁନାହାନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

ସେହିଭଳି ସ୍ମାର୍ଟ ଜନପଥରେ ଗାଡି ମୋଟର ଯେଭଳି ନରହିବ ସେଥିପାଇଁ ସ୍ମାର୍ଟସିଟି କର୍ତ୍ତୃପକ୍ଷ ବ୍ୟାପକ ଅର୍ଥ ବ୍ୟୟରେ ରାଜଧାନୀରେ ଦୁଇଟି ବହୁତଳ କାର ପାର୍କିଂ ନିର୍ମାଣ କରିଥିଲେ ମଧ୍ୟ ସେଥିରୁ ସେଭଳି ସଫଳତା ମିଳୁନାହିଁ । ଲୋକେ ଏହି ପାର୍କିଂସ୍ଥଳୀରେ ଗାଡିମୋଟର ରଖିବା ବଦଳରେ ରାସ୍ତାଘାଟରେ ରଖୁଛନ୍ତି । ଇତି ମଧ୍ୟରେ ଏହି ଦୁଇ ବହୁତଳ ପାର୍କିଂର ରକ୍ଷଣା ବେକ୍ଷଣ ପାଇଁ ଶହୀଦନଗର ସୌଧର ଗୋଟିଏ ମହଲା ଭଡା ଦେବାକୁ ପ୍ରସ୍ତାବ ଥିବାବେଳେ ଏଠାରେ ବିଜ୍ଞାପନ ମାରିବାପାଇଁ ବି ପ୍ରସ୍ତାବ ରହିଛି । (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଜଳ ଜୀବନ ମିଶନ୍: ଓଡ଼ିଶାକୁ ମିଳିଲା ୮୩୧ କୋଟି

## ଗ୍ରାମାଞ୍ଚଳରେ ୪୧%ଙ୍କୁ ପାଇପ୍ ପାଣି

## ଅବଶିଷ୍ଟ ପରିବାରରେ ଶୀଘ୍ର ପହଞ୍ଚିବ

## ପ୍ରକଳ୍ପ ଯାଞ୍ଚ ପାଇଁ କେନ୍ଦ୍ର ପଠାଇବ ଟିମ୍



**ନୂଆଦିଲ୍ଲୀ, ୨୧।୫:** ଜଳ ଜୀବନ ମିସନ୍ ଲାଗି ଓଡ଼ିଶାକୁ କେନ୍ଦ୍ର ସରକାର ୮୩୦.୮୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟର ପ୍ରତିଟି ଗ୍ରାମୀଣ ପରିବାରରେ ଟ୍ୟାପ୍ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ହାସଲ କରିବାରେ ଏହି ପାଣ୍ଠି ବିଶେଷ ସହାୟକ ହେବ। ଗତବର୍ଷ ଏହି ଯୋଜନା ପାଇଁ ଓଡ଼ିଶାକୁ ୮୧୨.୧୫ କୋଟି ଟଙ୍କା ଦିଆଯାଇଥିଲା। ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ୮୫.୬୭ ଲକ୍ଷ ପରିବାର ମଧ୍ୟରୁ ୪୧.୨୮ ପ୍ରତିଶତ ପରିବାର ପାଖରେ ଟ୍ୟାପ୍ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପହଞ୍ଚିଛି। ଅବଶିଷ୍ଟ ପରିବାର ପାଖରେ ଏହି ସୁବିଧା ପହଞ୍ଚାଇବା କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଜଳ ଜୀବନ ମିସନ୍‌ରେ ପ୍ରତି ଗ୍ରାମୀଣ ପରିବାର ପାଖରେ ଟ୍ୟାପ୍ ପାଣି ସୁବିଧା ପହଞ୍ଚାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଥମିକତା ଦେଉଛନ୍ତି। ଏହି ଯୋଜନା ପାଇଁ ୨୦୨୧-୨୨ରେ ୩,୩୨୩.୪୨ କୋଟି ଟଙ୍କାର ବଜେଟ୍ ଅଟକଳ ଧାର୍ଯ୍ୟ କରାଯାଇଥିଲା।

ଜଳ ଜୀବନ ମିସନ୍ ଅଧୀନରେ ଓଡ଼ିଶାରେ ୩୬୯୫ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୩୪୫ ଗ୍ରାମୀଣ ଆକ୍ସନ୍ ପ୍ଲାନ୍ ମଧ ବିକାଶ କରାଯାଇଛି। ଏହି ଯୋଜନା ବିଷୟରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଛଅ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ଫିଲ୍ଡ ଟେଷ୍ଟ କିଟ୍‌କୁ ବ୍ୟବହାର କରି ପାଣିର ମାନ ପରୀକ୍ଷା କରିବା ପାଇଁ ୧୭,୭୫୬ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇଛି। ପ୍ରତିଟି ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଭୋଜନ ପ୍ରସ୍ତୁତି, ହାତ ସଫା କରିବା ଏବଂ ଶୌଚାଳୟ ବ୍ୟବହାର କରିବା ପାଇଁ ଟ୍ୟାପ୍ ପାନୀୟ ଜଳ ଉପଲବ୍ଧ କରିବା ଲାଗି ଉଦ୍ୟମ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୬୭ ପ୍ରତିଶତ ସ୍କୁଲ (୩୬,୩୭୨), ୫୪ ପ୍ରତିଶତ ଅଙ୍ଗନବାଡ଼ି କେନ୍ଦ୍ର (୨୯,୦୯୭)ରେ ଟ୍ୟାପ୍ ପାନୀୟ ଜଳଯୋଗାଣ ବ୍ୟବସ୍ଥା ପହଞ୍ଚିପାରିଛି। ଦେଶରେ ଗୋଆ, ତେଲେଙ୍ଗାନା, ଆଣ୍ଡାମାନ ଓ ନିକୋବର, ଦାଦ୍ରା ଓ ନଗର ହାଭେଲି, ଡାମନ ଓ ଡିଉ ଓ ହରିୟାଣା 'ହର୍ ଘର ଜଲ୍' ମାନ୍ୟତା ପାଇଛନ୍ତି।

ଜଳ ଜୀବନ ମିସନ୍ କିଭଳି କାର୍ଯ୍ୟକାରୀ ହେଉଛି ତାହା ଜାଣିବା ଲାଗି ଦେଶର ୧୩୫ଟି ଜିଲ୍ଲାକୁ କେନ୍ଦ୍ର ସରକାର ୧୦୦ କେନ୍ଦ୍ରୀୟ ନୋଡାଲ୍ ଅଫିସରଙ୍କ ଟିମ୍ ପଠାଇବେ। ସେମାନେ ୧୮୩ଟି ପ୍ରକଳ୍ପର ଯାଞ୍ଚ କରିବେ। ଓଡ଼ିଶାରେ ୨୧ଟି ପ୍ରକଳ୍ପର ଯାଞ୍ଚ ହେବ। କେତେକ ରାଜ୍ୟରେ ଏହି ବିଭିନ୍ନ ପ୍ରକଳ୍ପ ବ୍ୟୟକୁ ବଢ଼ାଇଚଢ଼ାଇ ଉପସ୍ଥାପନ କରାଯାଉଥିବା ଜଣାପଡ଼ିବା ପରେ ସରକାର ଟିମ୍ ପଠାଇ ତାହାର ଯାଞ୍ଚ କରିବାକୁ ଚାହୁଁଛନ୍ତି। କେନ୍ଦ୍ର ପଠାଇବାକୁ ଥିବା ଟିମ୍‌ରେ ଯୁଗ୍ମ ସଚିବ, ଆର୍ଥିକ ଉପଦେଷ୍ଟା ଓ ନିର୍ଦ୍ଦେଶକଙ୍କ ଭଳି ଉଚ୍ଚ ପଦର ଅଧିକାରୀ ରହିବେ।




# ସେନ୍‌ସେକ୍ସ ୮୭୩ ପଏଣ୍ଟ ଖସିଲା

**ମୁମ୍ବାଇ, ୨୧।୫:** ବିଶ୍ୱସ୍ତରରେ ଷ୍ଟକ୍ କାରବାର ମାନ୍ଦା ରହିବା ପ୍ରଭାବରେ ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୮୭୩ ପଏଣ୍ଟ ହ୍ରାସ ପାଇ ୮୧,୧୮୬ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ ୨୬୨ ପଏଣ୍ଟ ହ୍ରାସ ସହ ୨୪,୬୮୩ ପଏଣ୍ଟରେ ବନ୍ଦ ହୋଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଆଇସିଆଇସିଆଇ ବ୍ୟାଙ୍କର ଷ୍ଟକ୍ ମୂଲ୍ୟ ହ୍ରାସ ପାଇଛି। ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନାକୁ ନେଇ କୌଣସି ନିର୍ଦ୍ଦିଷ୍ଟ ଚିତ୍ର ସାମ୍ନାକୁ ଆସିପାରୁ ନ ଥିବାରୁ ନିବେଶକମାନେ ସନ୍ଦିହାନ ରହିଛନ୍ତି। କିଛି ନିବେଶକ ଲାଭ ପାଇବା ଆଶାରେ ସେୟାର ବିକ୍ରି କରୁଛନ୍ତି। ବିଶ୍ୱସ୍ତରରେ ଘଟିଥିବା କେତେକ ଘଟଣା ଷ୍ଟକ୍ କାରବାରକୁ ପ୍ରଭାବିତ କରିଛି। ରେଟିଂ ଏଜେନ୍ସି ମୁଡିସ୍ ପକ୍ଷରୁ ଆମେରିକା ସରକାରଙ୍କ ରେଟିଂ ହ୍ରାସ କରାଯିବାର ନକାରାତ୍ମକ ପ୍ରଭାବ ବଜାର ଉପରେ ପଡ଼ିଛି। ବୈଦେଶିକ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ମଧ ସତର୍କତାର ସହ କାରବାର କରୁଛନ୍ତି। ସେମାନେ ଚଳିତ ମାସ ୧୯ରେ ୫୨୬ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଘରୋଇ ସଂସ୍ଥାଗତ ନିବେଶକମାନେ ମଧ ୨୮୩ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତୀୟ ସେନାର ଅପରେସନ ସିନ୍ଦୂର କାର୍ଯ୍ୟକ୍ରମର ପରବର୍ତ୍ତୀ ସମୟରେ ଭାରତୀୟ ଷ୍ଟକ୍ ବଜାରରେ ଉତ୍ସାହ ଦେଖିବାକୁ ମିଳିଥିଲା। ସେନ୍‌ସେକ୍ସରେ ଘଟିଥିବା ବୃଦ୍ଧି ପ୍ରଭାବରେ ନିବେଶକମାନଙ୍କୁ ୨୭.୩ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଥିଲା। କିଛି ଷ୍ଟକ୍‌ର ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଏବେ ସେଗୁଡ଼ିକରେ ସୁଧାର ଘଟୁଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଆଇସିଆଇସିଆଇ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ମାରୁତି ଓ ବଜାଜ ଫାଇନାନ୍ସ ଭଳି ବଡ଼ କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ହ୍ରାସ ପାଇବାରୁ ସେନ୍‌ସେକ୍ସରେ ହ୍ରାସ ଘଟିଛି।

# ଟାଇମ୍ସ ୧୦୦ ଫିଲାନଥ୍ରୋପି ୨୦୨୫ ଗ୍ଲୋବାଲ ଲିଷ୍ଟରେ ମୁକେଶ ଅମ୍ବାନୀ




**ମୁମ୍ବାଇ ୨୧।୫:** ଭାରତର ଦିଗ୍ଗଜ ଉଦ୍ୟୋଗପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ମୁକେଶ ଅମ୍ବାନୀ ଓ ତାଙ୍କ ପତ୍ନୀ ନୀତା ଅମ୍ବାନୀଙ୍କୁ ଆଉ ଏକ ସଫଳତା ମିଳିଛି। ପ୍ରତିଷ୍ଠିତ ଆମେରିକୀୟ ପତ୍ରିକା 'ଟାଇମ' ତାଙ୍କର ପ୍ରଥମ 'ଟାଇମ ୧୦୦ ଫିଲାନଥ୍ରୋପି ୨୦୨୫' ସୂଚୀ ଜାରି କରିଛନ୍ତି। ଏଥିରେ ବିଶ୍ୱର ସେହି ୧୦୦ ଜଣ ବ୍ୟକ୍ତିତ୍ୱଙ୍କୁ ସ୍ଥାନିତ କରାଯାଇଛି ଯେଉଁମାନେ ପରୋପକାର କ୍ଷେତ୍ରରେ ଭବିଷ୍ୟତକୁ ଆକାର ଦେଉଛନ୍ତି। ଏହି ଗୌରବଶାଳୀ ସୂଚୀରେ ଅମ୍ବାନୀ ଦମ୍ପତି ସାମିଲ ହେବା ଦେଶ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ମନେ କରାଯାଉଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ମୁକେଶ ଅମ୍ବାନୀ ଓ ରିଲାଏନ୍ସ ଫାଉଣ୍ଡେସନର ଚେୟାରପର୍ସନ ନୀତା ଅମ୍ବାନୀ ୨୦୨୪ ମସିହାରେ ସମାଜର ଉନ୍ନତି ପାଇଁ ୪୦୭ କୋଟି ଟଙ୍କା ଅର୍ଥାତ ୪୮ ମିଲିୟନ ଡଲାର ଦାନ କରିଛନ୍ତି। ଏହି ଦାନ ନା କେବଳ ସେମାନଙ୍କୁ ଭାରତର ଶ୍ରେଷ୍ଠ ଦାନଦାତାଙ୍କ ସୂଚୀରେ ସାମିଲ କରିଛି ବରଂ ବୈଶ୍ୱିକ ସ୍ତରରେ ପରୋପକାର କ୍ଷେତ୍ରରେ ସେମାନଙ୍କୁ ଅଗ୍ରୀମ ପଙ୍‌କ୍ତିରେ ଛିଡା କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ଗ୍ରାମ୍ୟ ବିକାଶ, କ୍ରିଡା ଓ ବିପର୍ଯ୍ୟୟ ପ୍ରବନ୍ଧନ ଭଳି କ୍ଷେତ୍ରରେ କାର୍ଯ୍ୟ କରୁଛି। ତେବେ 'ଟାଇମ ୧୦୦ ଫିଲାନଥ୍ରୋପି ୨୦୨୫'ରେ ଅମ୍ବାନୀ ଦମ୍ପତିଙ୍କ ଉପସ୍ଥିତି ଏହା ପ୍ରମାଣ କରୁଛି ଯେ ଭାରତୀୟ ପରୋପକାର କେବଳ ଜାତୀୟ ସୀମା ମଧ୍ୟରେ ସୀମିତ ନ ରହି ବୈଶ୍ୱିକ ପ୍ରଭାବ ମଧ ପକାଉଛି। ସେମାନଙ୍କର ଏହି କାର୍ଯ୍ୟ ଆଗାମୀ ସମୟରେ ସାମାଜିକ ପରିବର୍ତ୍ତନ ଦିଗରେ ପ୍ରେରଣାର ସ୍ରୋତ ହୋଇ ରହିବ। ମୁକେଶ ଅମ୍ବାନୀ ଓ ନୀତା ଅମ୍ବାନୀଙ୍କୁ ଏହି ସମ୍ମାନ କେବଳ ଏକ ବ୍ୟକ୍ତିଗତ ଉପଲବ୍ଧି ନୁହେଁ ଭାରତର ସାମାଜିକ ବିକାଶ ପ୍ରୟାସକୁ ବୈଶ୍ୱିକ ମାନ୍ୟତା ଅଟେ। 'ଟାଇମ ୧୦୦ ଫିଲାନଥ୍ରୋପି' ରେ ଅମ୍ବାନୀ ଦମ୍ପତିଙ୍କୁ ସ୍ଥାନ ମିଳିବା ଭାରତର ପରୋପକାରୀ ଛବିକୁ ଏକ ନୂଆ ପରିଚୟ ଦେଇଛି।

# ନୂଆ ଲୁକରେ କାୱାସାକି ନିଞ୍ଜା ୪୦୦

**ନୂଆଦିଲ୍ଲୀ, ୨୧।୫:** ଯଦି ଆପଣ ସ୍ପୋର୍ଟସ୍ ବାଇକ୍ ଲଭର୍ସ, ତେବେ ଆପଣ ନିଶ୍ଚିତ ଭାବରେ କାୱାସାକି ନିଞ୍ଜା ୪୦୦ ନାମ ଶୁଣିଥିବେ। ଏହି ବାଇକ୍ ଏହାର ପରଫରମାନ୍ସ ଏବଂ ଡିଜାଇନ୍ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଏବେ ଏହାକୁ ଜାପାନରେ ୨୦୨୫ ମଡେଲ ଭାବରେ ଏକ ନୂଆ ଅବତାରରେ ଲଞ୍ଚ କରାଯାଇଛି। ବାଇକର ଇଞ୍ଜିନ କିମ୍ବା ଫିଚର୍ସରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ, କିନ୍ତୁ ଏହାର ନୂଆ ଲୁକ୍ ଏବଂ ଷ୍ଟାଇଲ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହାର ନୂଆ ଲୁକ୍ ଏବେ ଆହୁରି ସ୍ପୋର୍ଟି ଏବଂ ଆକର୍ଷଣୀୟ ଦେଖାଯାଉଛି। ଆସନ୍ତୁ ଜାଣିବା ଏହି ଅପଡେଟେଡ୍ ମଡେଲରେ କ'ଣ ନୂଆ ଅଛି ଏବଂ କାହିଁକି ଏହି ବାଇକ୍ ଭାରତରେ ଉପଲବ୍ଧ ନୁହେଁ। ୨୦୨୫ କାୱାସାକି ନିଞ୍ଜା ୪୦୦ ଦୁଇଟି ନୂଆ କଲରରେ ଲଞ୍ଚ କରାଯାଇଛି ଯାହା ହେଉଛି- (ମେଟାଲିକ୍ କାର୍ବନ ଗ୍ରେ ଏକ୍ସ ଇବୋନି ଏବଂ ଲାଇମ୍ ଗ୍ରିନ୍ ଏକ୍ସ ଇବୋନି। ଏହି ନୂଆ କଲର ଅପ୍ସନଗୁଡ଼ିକ ସହିତ, ଏଥିରେ ନୂଆ ଗ୍ରାଫିକ୍ସ ମଧ୍ୟ ଦିଆଯାଇଛି, ଯାହା ଏହାକୁ ପୂର୍ବ ଅପେକ୍ଷା ଅଧିକ ସ୍ପୋର୍ଟି ଏବଂ ଆକର୍ଷଣୀୟ ଲୁକ୍ ଦେଇଛି। ଖାସ୍ କଥା ହେଉଛି ଏହି ପରିବର୍ତ୍ତନଗୁଡ଼ିକ କେବଳ ସୌନ୍ଦର୍ଯ୍ୟପୂର୍ଣ୍ଣ, ଅର୍ଥାତ୍, ଏହା କେବଳ ବାଇକ୍ର ଦୃଶ୍ୟକୁ ପ୍ରଭାବିତ କରିଛି। ଏହାର ଇଞ୍ଜିନ ଏବଂ ପରଫରମାନ୍ସରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହାର ଅର୍ଥ ହେଉଛି ନିଞ୍ଜା ୪୦୦ ଏବେ ବି ପୂର୍ବ ପରି ପାୱାରଫୁଲ୍, କିନ୍ତୁ ଏବେ ଏହା ଅଧିକ ଷ୍ଟାଇଲିସ୍ ଏବଂ ମର୍ଡନ୍ ଲୁକ୍ ସହିତ ଆସୁଛି। ନିଞ୍ଜା ୪୦୦ ସମାନ ୩୯୯ସିସି ପାରାଲାଲ୍ ଟ୍ୱିନ୍-ସିଲିଣ୍ଡର ଇଞ୍ଜିନ୍ ଦ୍ୱାରା ଉପସ୍ଥାପନ ଯାହା ୪୪.୫ ବିଏଚପି ଏବଂ ୩୮ ଏନଏମ ଟର୍କ ଜେନେରେଟ୍ କରେ। ଏହି ଇଞ୍ଜିନରେ ୬-ସ୍ପିଡ୍ ଗିଅରବକ୍ସ ରହିଛି, ଯାହା ଚଲାଇବା ଅଭିଜ୍ଞତାକୁ ଅଧିକ ସ୍ମୁଥ୍ କରିଥାଏ। ଏଥି ସହ ବାଇକ୍ର ମୋଟ ଓଜନ ମାତ୍ର ୧୬୮ କିଲୋଗ୍ରାମ, ଯାହା ଏହାକୁ ଚଲାଇବା ସହଜ କରିଥାଏ, ଏବଂ ଏଥିରେ ୧୪ ଲିଟର ଇନ୍ଧନ ଟାଙ୍କି ମଧ୍ୟ ଥାଏ, ଯାହା ଲଙ୍ଗ ରାଇଡ୍ ପାଇଁ ଉପଯୁକ୍ତ। ଏହାର ସସପେନସନ୍ ସେଟଅପ୍ରେ ସାମ୍ନାରେ ଟେଲିସ୍କୋପିକ୍ ଫୋର୍କ ଏବଂ ପଛପଟେ ଏକ ମନୋଶକ୍ ରହିଛି। ବ୍ରେକିଂ ସିଷ୍ଟମ ବିଷୟରେ କହିବାକୁ ଗଲେ, ଏହାର ଫ୍ରଣ୍ଟ ଏବଂ ବ୍ୟାକ ସାଇଡରେ ସିଙ୍ଗଲ୍ ଡିସ୍କ ବ୍ରେକ୍ ଅଛି, ସହିତ ୧୭-ଇଞ୍ଚ ଆଲଏ ହୁଇଲ୍ ମଧ୍ୟ ଅଛି ଯାହା ଏହାର ସ୍ପୋର୍ଟସ୍ ଦୃଶ୍ୟକୁ ଆହୁରି ଉନ୍ନତ କରିଥାଏ। କାୱାସାକି ଏହି ମଡେଲଟି ପୂର୍ବରୁ ଭାରତରେ ଲଞ୍ଚ କରିଥିଲା, କିନ୍ତୁ ଏହି ବାଇକ୍ ଏକ ସିବିୟୁ ୟୁନିଟ୍ ଭାବରେ ଆସିଥିଲା, ଅର୍ଥାତ୍, ଏହାକୁ ସମ୍ପୂର୍ଣ୍ଣ ଭାବରେ ବିଦେଶରୁ ଆମଦାନି କରାଯାଇଥିଲା। ଏହି କାରଣରୁ ଏହାର ମୂଲ୍ୟ ବହୁତ ଅଧିକ ଥିଲା, ଯାହା ସାଧାରଣ ଗ୍ରାହକଙ୍କ ବଜେଟ୍ ବାହାରେ ଥିଲା। ଏହି କାରଣରୁ, କମ୍ପାନୀ ଭାରତରେ ଏହି ମଡେଲକୁ ବନ୍ଦ କରିଦେଇଛି ଏବଂ ଏବେ ଏହା ବଦଳରେ ନିଞ୍ଜା ୫୦୦ ଲଞ୍ଚ କରିଛି। ସେହିପରି, କମ୍ ବଜେଟ୍ ଥିବା ଲୋକଙ୍କ ପାଇଁ, ପୁରୁଣା ନିଞ୍ଜା ୩୦୦ ଏବେ ବି ଭାରତୀୟ ବଜାରରେ ଉପଲବ୍ଧ। ଜାପାନର ଟ୍ରାଫିକ୍ ଏବଂ ଡ୍ରାଇଭିଂ ନିୟମ ଅନୁଯାୟୀ, ୪୦୦cc ପର୍ଯ୍ୟନ୍ତ ମୋଟରସାଇକେଲକୁ ବିଗିନର କାଟେଗରୀ ରଖାଯାଇଛି। ଏହି କାରଣରୁ, କାୱାସାକି ନିଞ୍ଜା ୪୦୦ ସେଠାକାର ନୂଆ ରାଇଡରଙ୍କ ମଧ୍ୟରେ ବହୁତ ପପୁଲାର ହୋଇଛି। ଆପଣ ପ୍ରତିଦିନ ଅଫିସ୍ ଯାଉଛନ୍ତି କି ରେସ୍ ଟ୍ରାକରେ ଚଢୁଛନ୍ତି, ଏହି ବାଇକ୍ ପ୍ରତ୍ୟେକ ପରିସ୍ଥିତିରେ ଉତ୍ତମ ପ୍ରଦର୍ଶନ ପ୍ରଦାନ କରେ।



# ତୁର୍କୀ, ଅଜରବୈଜାନ ଭିସାରେ ୪୨% ହ୍ରାସ



## ଥାଇଲ୍ୟାଣ୍ଡ, ଭିଏତ୍‌ନାମ ପାଇଁ ଆବେଦନ ବଢ଼ିଛି

**ନୂଆଦିଲ୍ଲୀ, ୨୧।୫:** ଭାରତର ଆତଙ୍କବାଦ ବିରୋଧ ଲଢ଼େଇରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଥିବା ତୁର୍କୀ ଓ ଅଜରବୈଜାନ ପ୍ରତି ଭାରତୀୟମାନେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏହି ଦୁଇ ଦେଶକୁ ଯିବାକୁ ସେମାନେ ଚାହୁଁନାହାନ୍ତି। ସେଥିପାଇଁ ତୁର୍କୀ ଓ ଅଜରବୈଜାନକୁ ହେଉଥିବା ଭିସା ଆବେଦନରେ ୪୨ ପ୍ରତିଶତ ହ୍ରାସ ଘଟିଛି। ଭାରତୀୟ ପର୍ଯ୍ୟଟକମାନେ ଏହି ଦୁଇ ଦେଶକୁ ଏଡ଼ାଇ ଏବେ ଥାଇଲ୍ୟାଣ୍ଡ ଓ ଭିଏତ୍‌ନାମ ବୁଲିଯିବାକୁ ଅଧିକ ପସନ୍ଦ କରୁଛନ୍ତି। ଭିସା ପ୍ରକ୍ରିୟାକରଣ ସେବା ପ୍ରଦାନ କରୁଥିବା ପ୍ଲାଟ୍‌ଫର୍ମ ଏଟ୍‌ଲିସ୍ ଅନୁସାରେ ଗତ ୩୬ ଘଣ୍ଟା ମଧ୍ୟରେ ୬୦ ପ୍ରତିଶତ ଭାରତୀୟ ଏହି ଦୁଇ ଦେଶ ପାଇଁ କରିଥିବା ଭିସା ଆବେଦନକୁ ଅଧାରେ ଛାଡ଼ି ଦେଇଛନ୍ତି। ଦିଲ୍ଲୀ ଓ ମୁମ୍ବାଇରୁ ତୁର୍କୀ ଯିବା ଲାଗି ଆବେଦନ ୫୩ ପ୍ରତିଶତ କମିଛି। ଇନ୍ଦୋର ଓ ଜୟପୁର ଭଳି ଛୋଟ ସହରରୁ ଆବେଦନ ମଧ ୨୦ ପ୍ରତିଶତ କମିଛି। ଅପରେସନ ସିନ୍ଦୂର ପରେ ବହୁ ସଂଖ୍ୟାରେ ଭାରତୀୟ ସେମାନଙ୍କ ତୁର୍କୀ ଓ ଅଜରବୈଜାନ ବୁକିଂକୁ ବାତିଲ କରିଥିଲେ। ଏଟ୍‌ଲିସ୍ ତଥ୍ୟ ଅନୁସାରେ ୨୫ରୁ ୩୪ ବର୍ଷ ବୟସର ୭୦ ପ୍ରତିଶତ ଯୁବକଯୁବତୀ ତୁର୍କୀ ଓ ଅଜରବୈଜାନକୁ ବୟକଟ୍ କରିଛନ୍ତି। ଦଳଗତ ଭାବେ ଯାତ୍ରା କରୁଥିବା ଆବେଦନ ୪୯ ପ୍ରତିଶତ ଏବଂ ଦମ୍ପତି ପରିଭ୍ରମଣ ଆବେଦନ ୨୭ ପ୍ରତିଶତ କମ୍ ହୋଇଛି। ଗୋଟିଏ ପଟେ ଏହି ଦୁଇ ଦେଶ ପାଇଁ ହେଉଥିବା ଭିସା ଆବେଦନ କମ୍ ହୋଇଥିବା ବେଳେ ଭିଏତନାମ୍, ଇଣ୍ଡୋନେସିଆ ପାଇଁ ଆବେଦନ ୩୧ ପ୍ରତିଶତ ବଢ଼ିଛି। ପୁରୁଣାଙ୍କ ତୁଳନାରେ ୨.୩ ଗୁଣା ଅଧିକ ମହିଳା ଏହି ଦୁଇ ଦେଶ ପାଇଁ ଭିସା ଆବେଦନ କରୁଛନ୍ତି।

## ଟିକେଟରୁ ଆରମ୍ଭ କରି ଟ୍ରେନ୍ ଷ୍ଟାଟସ୍

# ଗୋଟିଏ ଆପ୍‌ରେ ମିଳିବ ସବୁ ସେବା

### ରେଲ୍‌ୱେ ଆଣିଲା ନୂଆ ଆପ୍

**ନୂଆଦିଲ୍ଲୀ, ୨୧।୫:** ଯାତ୍ରୀଙ୍କ ସୁବିଧା ପାଇଁ ନୂଆ ଆପ୍ ଆଣିଛି ଭାରତୀୟ ରେଲଓ୍ୱେ । ଯାହାର ନାଁ ରହିଛି ସ୍ୱରେଲ। ଆପ୍ ଯାତ୍ରୀଙ୍କୁ ଟିକେଟ ବୁକିଂ ଠାରୁ ଆରମ୍ଭ କରି ଟ୍ରେନ୍ ଷ୍ଟାଟସ୍ ଜାଣିବା ଏବଂ ଖାଦ୍ୟ ଅର୍ଡର କରିବା ଭଳି ସେବା ଗୋଟିଏ ସ୍ଥାନରେ ଯୋଗାଇବ। ଏହା ବ୍ୟତୀତ ଆପ୍‌ର ବ୍ୟବହାର କରି ଗ୍ରାହକ ନିଜର ଯାତ୍ରା ସହ ଜଡ଼ିତ କୌଣସି ସମସ୍ୟାର ସମାଧାନ ସହଜରେ କରିପାରିବେ। ସେଣ୍ଟର୍ ଫର୍ ରେଲଓ୍ୱେ ଇନଫର୍ମେସନ ସିମ୍ (CRIS) ଏହି ଆପ୍‌କୁ ଡେଭଲପ୍ କରିଛି। 'ସ୍ୱରେଲ' ଭାରତୀୟ ରେଲଓ୍ୱେର ଭିନ୍ନ- ଭିନ୍ନ ଡିଜିଟାଲ ସେବାକୁ ଗୋଟିଏ ପ୍ଲାଟଫର୍ମରେ ଇଣ୍ଟିଗ୍ରେଟ କରୁଛି। ଯାହାଦ୍ୱାରା ଯାତ୍ରୀଙ୍କୁ ରେଲଓ୍ୱ ସହ ଜଡ଼ିତ ଭିନ୍ନ-ଭିନ୍ନ ଆପ୍ ଡାଉନଲୋଡ କରିବା ଆବଶ୍ୟକ ପଡ଼ିବନାହିଁ। ଏଥିପାଇଁ ଏହାକୁ ରେଲଓ୍ୱର ସୁପର ଆପ୍ କୁହାଯାଉଛି। ଅବଶ୍ୟ ଏବେ ଏହାର ବିଟା ଭର୍ଜନରେ ରହିଛି। ଖୁବ୍‌ଶୀଘ୍ର ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହେବ। ଏଥିରେ ଯାତ୍ରୀ, ରିଜର୍ଭ ବୁକିଂ, ଅନରିଜର୍ଭ ବୁକିଂ, ପ୍ଲାଟଫର୍ମ ଟିକେଟ୍ ବୁକ୍ କରିପାରିବେ। ଏହା ସହ ଟ୍ରେନ ସର୍ଚ୍ଚ, ପିଏନଆର ଷ୍ଟାଟସ, ଫୁଡ ଅର୍ଡର, ଫାଇଲ ରିଫଣ୍ଡ, ଟ୍ରେନର ଲାଇଭ ଷ୍ଟାଟସ୍, କୋଚ୍ ପୋଜିସନ ଭଳି ଅନେକ ଜରୁରୀ ସୁବିଧା ଗୋଟିଏ ପ୍ଲାଟଫର୍ମରେ ମିଳିବ। ତେବେ ଏହି ନୂଆ ଆପ୍ ଆସିଲେ ବି ଆଇଆରସିଟିସି ଆପ୍‌ର ଗୁରୁତ୍ୱ ରହିବ। କାରଣ ଏହି ପ୍ଲାଟଫର୍ମ ଟେନ୍ ଟିକେଟ ବୁକିଂ ଏବଂ ଟୁରିଜିମ ଉପରେ ଆଧାରିତ। 'ସ୍ୱରେଲ' ଏକ ଓ୍ୱାନ-ଷ୍ଟପ୍ ସଲ୍ୟୁସନ ଭାବରେ କାମ କରିବ। ଯେଉଁଠାରେ ଟିକେଟ ବୁକିଂ ସହ ଆହୁରି ଅନେକ ସୁବିଧା ମିଳିବ। ଏହି ଆପ୍ ରେଲଓ୍ୱେର ଡିଜିଟାଲ ସେବାକୁ ସରଳୀକରଣ କରି ୟୁଜର୍ସଙ୍କୁ ଉତ୍ତମ ଅନୁଭବ ଦେବ।

## ଉର୍ଦ୍ଧ୍ୱ ସୁନା ଦର



ତେବେ ଆଜି ପୁଣି ଦର ବୃଦ୍ଧି ପାଇଛି। ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ିଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୪୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୩୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୪୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୫୭୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୪୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୪୨୦ ଓ ୮୯, ୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

## ଉର୍ଦ୍ଧ୍ୱ ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ମୂଲ୍ୟ ହ୍ରାସ ପାଇଛି ଏବଂ ଅନେକ ସ୍ଥାନରେ ଇନ୍ଧନ ହାର ବୃଦ୍ଧି ପାଇଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।

### ଡିଜିପିଙ୍କୁ ସାକ୍ଷାତ କଲା ଏଆଇଏମ୍ଏସ୍ଏସ୍

# ସୁଭଦ୍ରା ପଦିଲିଙ୍କ ଧର୍ଷଣ ଓ ହତ୍ୟାକାରୀକୁ କଠୋର ଦଣ୍ଡ ଦାବି




**କଟକ,୨୧।୫ (ସଂଚାର ବ୍ୟୁରୋ):** ଅନୁଗୁଳର ୨୩ ବର୍ଷର ଯୁବତୀ ସୁଭଦ୍ରା ପଦିଲିଙ୍କ ଧର୍ଷଣ ଓ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ବିଧାନ ଦାବିରେ ଆଜି ଏଆଇଏମ୍ଏସ୍ଏସ୍ ର ରାଜ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ପୀଡ଼ିତାଙ୍କ ବାପା ଡିଜିପି ଙ୍କୁ ସାକ୍ଷାତ କରିଛନ୍ତି। ପ୍ରକାଶ ଥାଉ କି ଗତ ଏପ୍ରିଲ୍ ୨୬ ତାରିଖ ଦିନ ସୁଭଦ୍ରା ପଦିଲି ଭୁବନେଶ୍ୱର ଯିବାକୁ ଟ୍ରେନ୍ ଧରିବା ପାଇଁ ତାଳଚେର ରେଳ ଷ୍ଟେସନ ରେ ପହଞ୍ଚି ଥିଲେ। ମାତ୍ର ଟ୍ରେନ୍ ଛାଡି ଦେଇଥିଲା। ତାଳଚେର ରୋଡ୍ ରେଳଷ୍ଟେସନ ରେ ଟ୍ରେନ୍ ଧରିବା ପାଇଁ ସୁଭଦ୍ରା ଏକ ଅଟୋରେ ଚଢି ଥିଲେ। ଏହି କଥା ସେ ତାଙ୍କର ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଦିନ ୩:୫ ରେ ଜଣାଇଥିଲେ। ପରେ ଯେତେବେଳେ ପରିବାର ପକ୍ଷରୁ ସୁଭଦ୍ରାଙ୍କୁ ଫୋନ କରାଯାଇଥିଲା, ସୁଭଦ୍ରାଙ୍କ ଫୋନ ସୁଇଚ୍ ଅଫ୍ ଦେଖାଇଥିଲା। ତାପରେ ଯେତେଥର ଫୋନ୍ କରିଥିଲେ ମଧ୍ୟ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ତା ପରଦିନ ପରବାର ପକ୍ଷରୁ ତାଳଚେର ରେଲୱେ ପୋଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ କରିଥିଲେ। ରେଲୱେ ପୋଲିସ ସିସିଟିଭି ଫୁଟେଜ ସାହାଯ୍ୟରେ ଅଟୋ ଡ୍ରାଇଭରକୁ ଧରି ଥିଲେବି ଅତି ଦୁଃଖର ବିଷୟ ଯେ ଏହି ଘଟଣାକୁ ଅତି ହାଲୁକା ଭାବରେ ନେଇ ସାମାନ୍ୟ ପଚରା ଉଚୁରା କରି ପୋଲିସ ଅଟୋ ଡ୍ରାଇଭରକୁ ଛାଡ଼ି ଦେଇଥିଲା। ରେଲୱେ ପୋଲିସର ଦାୟିତ୍ୱ ହୀନତା ପଦର୍ଶନ କରିଥିଲେ। ତା ପରଦିନ ପରିବାର ପକ୍ଷରୁ ଅନ୍ୟାନ୍ୟ ଥାନାରେ ଏତଲା ରୁଜୁ କରିଥିଲେ। ମାତ୍ର ପୋଲିସର ତତ୍ପରତା ଅଭାବରୁ ଝିଅଟି ମିଳି ନ ଥିଲା। ମେ ୪ ତାରିଖ ଦିନ ସୁଭଦ୍ରା ର ଅର୍ଦ୍ଧ ଦଗ୍ଧ ଗଳିତ ମୃତ ଦେହ ବଅଁରପାଳ ଥାନା ଅଧୀନ ଏକ ସ୍ଥାନରୁ ମିଳିଲା। ଏ ବିଷୟରେ ୫ ତାରିଖରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହେଲା। ତା ପରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ଅନୁଗୁଳର କର୍ମକର୍ତ୍ତାମାନେ ସୁଭଦ୍ରା ପଦିଲିଙ୍କ ପରିବାର ସଦସ୍ୟଙ୍କୁ ସାକ୍ଷାତ କରିଥିଲେ। ମେ ୬ ତାରିଖ ରେ ସ୍ଥାନୀୟ ଲୋକଙ୍କୁ ନେଇ କଣିହାଁ ବ୍ଲକ୍ ଓ ଥାନା ଏବଂ ଅନୁଗୁଳର ଜିଲ୍ଲା ପାଳ ଅଫିସ ଓ ଏସ୍ ପି ଅଫିସ ସମ୍ମୁଖରେ ଆନ୍ଦୋଳନ କରାଗଲା। ଆନ୍ଦୋଳନ ଚାପରେ ମୁଖ୍ୟ ଆସାମୀ ଅଟୋ ଡ୍ରାଇଭରକୁ ମେ ୧୭ ତାରିଖ ରେ ଗିରଫ କରାଯାଇଛି। ଘଟଣାର ସଠିକ୍ ତଦନ୍ତ, ସମସ୍ତ ଆସାମୀ ଙ୍କୁ ଗିରଫ କରି କଠୋର ଶାସ୍ତି, କର୍ତ୍ତବ୍ୟ ରେ ଅବହେଳା କରିଥିବା ପୋଲିସ ବିଶେଷ କରି ଜିଆରପି ପୋଲିସ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଅନୁଗୁଳ ଜିଲ୍ଲା ସମେତ ରାଜ୍ୟ ରେ ସର୍ବତ୍ର ବଢ଼ି ଚାଲିଥିବା ଅପରାଧିକ କ୍ରିୟା କଳାପକୁ ରୋକିବା ପାଇଁ କଡ଼ା ସୁରକ୍ଷା ଓ ପୋଲିସ ବିଭାଗର ସଠିକ କାର୍ଯ୍ୟାନୁଷ୍ଠାନ ଆଦି ଦାବି ଜଣାଇ ଆଜି ସଙ୍ଗଠନ ର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ, ସମ୍ପାଦିକା ସରୋଜିନୀ ନାୟକଙ୍କ ସମେତ ସମ୍ପାଦକ ମଣ୍ଡଳୀ ସଦସ୍ୟା ବିଜୟଲକ୍ଷ୍ମୀ ପାତ୍ର, ପ୍ରଭାମଞ୍ଜୁଳା ବ୍ରହ୍ମ, ପ୍ରଗତିବାଳା ନାୟକ ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି ଓ ସୁଭଦ୍ରା ର ବାପା ପଞ୍ଚାନନ ପଦିଲି ଙ୍କ ସହ ଆଇନ ଶୃଙ୍ଖଳାରେ ଥିବା ଅତିରିକ୍ତ ଡି ଜି ପି ଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରି ଆଲୋଚନା କରିଥିଲେ।

# ହାଟରେ ଜାଲ୍ ନୋଟକୁ ନେଇ ହଟଚମଟ




**ନର୍ଲା, ୨୧।୫(ସଂଚାର ବ୍ୟୁରୋ):** ବୁଧବାର ରୁପ୍ରାରୋଡ ସାପ୍ତାହିକ ହାଟରେ ଜାଲ ନୋଟ ଆତଙ୍କ ଦେଖିବାକୁ ମିଳିଥିଲା। ହାଟରେ ଜାଲ ନୋଟ ଆସିଥିବାର କୌଣସି ପ୍ରମାଣ ମିଳି ନଥିଲେ ମଧ୍ୟ ଅନେକ ଖୁଚୁରା ବ୍ୟବସାୟୀ ୫୦୦ ଟଙ୍କିଆ ନୋଟ ଗ୍ରହଣ କରିବାକୁ ଅମଙ୍ଗ ହେଉଥିଲେ। ବିଗତ ଦିନରେ ନିକଟସ୍ଥ ସାନ୍ଦୁଲ ନଦୀ ତଟରେ ବିଡ଼ା ବିଡ଼ା ନକଲି ପାଞ୍ଚ ଶହ ଟଙ୍କିଆ ନୋଟ ପଡ଼ିଥିବା ଚର୍ଚ୍ଚା ହୋଇଥିଲା। ଏପଟେ ଗତ ମାସରେ ଟିଟିଲାଗଡ଼ର ସିକେର ଠାରେ ଦୁଇଜଣ ଲୋକ ଜାଲ ନୋଟ କାରବାର ମାମଲାରେ ଗିରଫ ହୋଇଥିଲେ। କଣ୍ଟାବାଞ୍ଜିରୁ ଟିଟିଲାଗଡ଼ ଓ ରୁପ୍ରାରୋଡକୁ ଜାଲ ନୋଟର ଚେର ଲମ୍ବିଥିଇପାରେ ବୋଲି ସ୍ଥାନୀୟ ଲୋକେ ସଂଦେହ କରୁଛନ୍ତି। ଅନ୍ୟପକ୍ଷରେ ରୁପ୍ରାରୋଡ ବସ୍ତିର ଜଣେ ବ୍ୟକ୍ତି ଏହି ଜାଲ ନୋଟ କାରବାରର ମାଷ୍ଟର ମାଇଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସଂପୃକ୍ତ ବ୍ୟକ୍ତି ଜଣକ ୬ ବର୍ଷ ତଳେ ସାଧାରଣ ଜୀବନଯାପନ କରୁଥିବାବେଳେ ରାତାରାତି ଲକ୍ଷ ଲକ୍ଷ ଟଙ୍କାର ମାଲିକ ହୋଇଯାଇଥିବାରୁ ସଂଦେହକୁ ବହୁଗୁଣିତ କରୁଛି। ଏସବୁକୁ ନେଇ ବସ୍ତିସାରା ଜୋରଦାର ଚର୍ଚ୍ଚା ହେଉଛି। ତେଣୁ ସାପ୍ତାହିକ ବଜାରରେ ବ୍ୟବସାୟୀ ଓ ଗ୍ରାହକମାନଙ୍କ ମଧ୍ୟରେ ଶଙ୍କା ରହିବା ସ୍ୱାଭାବିକ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## କାଶିଆ ନାଳ ପାଇଁ ବିପଦ ସାଜିବ କାରଖାନା

**ଯୋଡା,୨୧।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ଅନ୍ତର୍ଗତ କାରାଖେଣ୍ଡରା ଗ୍ରାମ ପଞ୍ଚାୟତ ର କଲେହ୍ନା ବରପଦା ଗ୍ରାମରେ ଏକ କାରଖାନା ପ୍ରତିଷ୍ଠା ହେବାକୁ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୁ ଅନୁମୋଦନ ପାଇଁ ଦୁବେ ବ୍ରୋଦର୍ସ ଆଇରନ ଏଣ୍ଡ ମେଟା ଲସ୍ ପ୍ରାଇଭେଟ୍ ଲିମିଟେଡ ଆବେଦନ କରିଛି।କଲେହ୍ନା ବରପଦା ମୌଜା ର ୧.୭୬୮ ଅଞ୍ଚଳରେ ଏକ ଲୌହ ବେନିଫିସିଏସନ ପ୍ଲାଣ୍ଟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପରିବେଶିୟ ମଞ୍ଜୁରୀ ନିମନ୍ତେ ଆବେଦନ ହୋଇଛି ଏହି କାରଖାନା ସମ୍ପର୍କରେ ସୂଚନା ଦେଇ ପ୍ରଦୀପ ଦୂବେ କହିଛନ୍ତି ଯେ, ଏହା ଏକ ୱାସିଂ ପ୍ଲାଣ୍ଟ, ବର୍ଷ କୁ ପ୍ରାୟ ଏକ ଲକ୍ଷ ଟନ ଲୁହାପଥର ୱାଶିଂ କରାଯିବ।ଅତୀତରେ ଏହି କାରଖାନା ପାଇଁ ପରିବେଶିୟ ଅନୁମୋଦନ ଆବଶ୍ୟକତା ପଡୁ ନ ଥିଲା। ଜନ ଶୁଣାଣି ପରେ କାରଖାନା ପାଇଁ ଆବଶ୍ୟକ ପଡୁଥିବା ଜଳ କୁ ନିକଟସ୍ତ ଏକ ନାଳ ରୁ ବ୍ୟବହାର ପାଇଁ ଅନୁମତି ମଗାଯିବ ବା ଗ୍ରାଉଣ୍ଡ ୱାଟର କୁ ବ୍ୟବହାର କରାଯିବ।ନିଯୁକ୍ତି ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ଏଥିରେ ଦୁଇ ରୁ ୫ ଜଣ ନିଯୁକ୍ତି ପାଇବେ।ଏଥିରୁ ସହଜରେ ଅନୁମାନ କରାଯାଇ ପାରେ କି, ଶିଳ୍ପ ସଂସ୍ଥା ଅଞ୍ଚଳ ରୁ ନେଉଛି କେତେ, ଆଉ ଅଞ୍ଚଳ ରେ ନିଯୁକ୍ତି ଦେଉଛି କେତେ।ତେଣେ ନାଳ ଶୁଖିଯିବ। ଆଶଙ୍କାରେ କାଶିଆ, କଲେ ବରପଦା ଗ୍ରାମର ଲୋକ ମାନେ ଚିନ୍ତାରେ ପଡ଼ିଛନ୍ତି।ଏପରିକି କାଶିଆ ନାଳ ର ପୂର୍ବ ଅପେକ୍ଷା ହ୍ରାସ ପାଇଥିବା ଗ୍ରାମବାସୀ କହିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଗୋଟିଏ ଟନ୍ ଖଣିଜ ପ୍ରଡକ୍ସନ ପାଇଁ ଜନ ଶୁଣାଣି ର ଆବଶ୍ୟକତା ରହି ଥାଏ।ଏହି ବେନିଫିଶିଏସନ୍ ପ୍ଲାଣ୍ଟ ପାଇଁ ଜନ ଶୁଣାଣି ଦରକାର ଅଛି।ଏହି ବେନିଫିଶିଏସନ୍ ପ୍ଲାଣ୍ଟ ରେ ଆବଶ୍ୟକତା ହେଉଥିବା ଗ୍ରାଉଣ୍ଡ ୱାଟର ର ଅନୁମତି ମିଳିବ ନାହିଁ।ଗ୍ରାଉଣ୍ଡ ୱାଟର କେବଳ ଡୋମେଷ୍ଟିକ ବ୍ୟବହାର ପାଇଁ ଅନୁମତି ମିଳୁ ଅଛି, କମରସିଆଲ କିମ୍ବା ଇଣ୍ଡଷ୍ଟ୍ରିଆଲ ବ୍ୟବହାର ପାଇଁ ଏହା ମିଳୁ ନାହିଁ ବୋଲି କହିଥିଲେ। ଆଜି ପର୍ଯ୍ୟନ୍ତ ଏ ଅଞ୍ଚଳରେ ଗୋଟିଏ ହେଲେ ଷ୍ଟିଲ କାରଖାନା କିମ୍ବା ଫିନିସ୍ ଡ ପ୍ରଡକ୍ଟ କାରଖାନା ହୋଇ ନ ଥିବା ବେଳେ ଏହି ଭଳି ଛୋଟ ଛୋଟ କାରଖାନା ଗଢି ଉଠିଛି।

## ବ୍ୟାସନଗର ପୌରାଞ୍ଚଳରେ ରାଜୀବ ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି



**ଯାଜପୁର ରୋଡ୍,୨୧।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର କଂଗ୍ରେସ ନେତା, କାର୍ଯ୍ୟକର୍ତ୍ତା, କର୍ମିମାନେ ଆଜି ସକାଳ ସମୟରେ ବସଷ୍ଟାଣ୍ଡ ଠାରେ ଏକତ୍ରିତ ହୋଇ ଏଠାରେ ଥିବା ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ'ଙ୍କ ଷ୍ଟାଚ୍ୟୁରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଶ୍ରାଦ୍ଧ ଦିବସ ଲାଗି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏ ଦେଶର କମ୍ପୁଟର, ବିଜ୍ଞାନ ଶିକ୍ଷା ବ୍ୟବସ୍ଥାଠୁ ଆରମ୍ଭ କରି ବିଭିନ୍ନ ବିକାଶ କ୍ଷେତ୍ରରେ ରାଜୀବଗାନ୍ଧୀଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିବା ସହ ତାଙ୍କ ଜିବନୀ ଉପରେ ତୁଙ୍ଗନେତା ମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସର ପୂର୍ବତନ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା, ପୂର୍ବତନ କଂଗ୍ରେସ କାଉନସିଲର ଶ୍ରୀ ତପନ କୁମାର ନାୟକ, ମାୟା ମଲ୍ଲିକ, ଅନୁପ ନାୟକ, ଅକ୍ଷୟ କୁମାର ଜେନା, ଦୁଃଶାସନ ଦାସ, ସୁଧାନିଧି ମହାପାତ୍ର'ଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ସାମିଲ୍ ହୋଇଥିଲେ।

## ରାସ୍ତା ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର, ଗ୍ରାମବାସୀଙ୍କ ବିରୋଧ ପରେ ରାସ୍ତାକାର୍ଯ୍ୟ ଠପ୍

**ନୀଳଗିରି,୨୧।୫ (ସଂଚାର ବ୍ୟୁରୋ):** ସରକାର ରାସ୍ତାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠିକାଦାର ପ୍ରୀତି ଯୋଗୁଁ ବିକାଶରେ ବାଧକ ସାଜିଛି। ଫଳରେ ନିମ୍ନମାନର ରାସ୍ତା ନିର୍ମାଣ କାମ ଯୋଗୁଁ ଯୋଜନାର ସୁଫଳ ଲୋକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଅନ୍ତର୍ଗତ ଭାଲୁକାଶୁଣି - ନରଣପୁର - ମାଟିଆଳି ରାସ୍ତାର ଉନ୍ନତିକରଣ ପାଇଁ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ଆନୁକୁଲ୍ୟରେ ୧୭କୋଟି ୯୨ଲକ୍ଷ ୨୫ହଜାର ୫୪୬ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୨୩ ମସିହା ଡିସେମ୍ବର ୨୮ତାରିଖ ଦିନ ତତ୍କାଳୀନ ତଥା ବର୍ତ୍ତମାନର ସାଂସଦ ଏବଂ ତତ୍କାଳୀନ ବିଧାୟକଙ୍କ କରକମଳରେ ଶୁଭ ଶିଳାନ୍ୟାସ ଦିଆଯାଇଥିଲା। ପ୍ରହ୍ଲାଦ ବାଗ ନାମକ ଜନୈକ ଠିକାଦାର ଉକ୍ତ ରାସ୍ତାର କାର୍ଯ୍ୟାଦେଶ ପାଇ କାର୍ଯ୍ୟାରମ୍ଭ କରିଥିଲେ। ତେବେ ସଂପୃକ୍ତ ରାସ୍ତାର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ବୁଧବାର ମାଟିଆଳୀ ପଞ୍ଚାୟତ ଆଡିଆଖୁଣ୍ଟା ନିକଟରେ କଂକ୍ରିଟ ଢ଼ଳେଇ ରାସ୍ତାକାର୍ଯ୍ୟକୁ ବନ୍ଦ କରିଛନ୍ତି ଗ୍ରାମବାସୀ। ନିମ୍ନମାନର ଚିପ୍ସ, ବାଲି, ସିମେଣ୍ଟରେ କାର୍ଯ୍ୟ ହେଉଥିବା କାରଣରୁ ଏଭଳି ବିରୋଧ କରାଯାଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ମୁଖ୍ୟତଃ ଢ଼ଳେଇ ରାସ୍ତାରେ ପାଣି କିଓରିଂ ବା ପାଣି ସିଞ୍ଚନ କରାଯାଉନଥିବାରୁ ଗୋଟିଏ ଦିନ ମଧ୍ୟରେ ରାସ୍ତା ଫାଟି ଆଁ କରିଥିବାରୁ ଏହାକୁ ବିରୋଧକରି ବୁଧବାର ଉକ୍ତଗ୍ରାମର ପୁରୁଷ ଓ ମହିଳାମାନେ ଏକତ୍ରିତ ହୋଇ କାମ ବନ୍ଦ କରିଥିଲେ। ପୂର୍ବରୁ ବାରମ୍ବାର ଗ୍ରାମବାସୀ ମାନେ ସୂଚନା ଦେଇଥିଲେ ମଧ୍ୟ ଠିକାଦାର ଏଥିପ୍ରତି ଦୃଷ୍ଟି ଦେଇନଥିବାରୁ ବାଧ୍ୟହୋଇ ରାସ୍ତାକାମ ବନ୍ଦକରିଥିବା ଆଡିଆଖୁଣ୍ଟା ଏବଂ ମାଟିଆଳୀ ଅଞ୍ଚଳର ବହୁ ଜନସାଧାରଣ ଅଭିଯୋଗ କରିଛନ୍ତି।

# ବୀର ଯବାନଙ୍କ ସମ୍ମାନାର୍ଥେ ତ୍ରିରଙ୍ଗା ଶୋଭାଯାତ୍ରା




**ଦଶରଥପୁର,୨୧।୫(ସଂଚାର ବ୍ୟୁରୋ):** ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ ଘଟଣା ବିରୁଦ୍ଧରେ ଭାରତୀୟ ସେନାର ଅପରେସନ ସିନ୍ଦୁରର ଐତିହାସିକ ସଫଳତା ପାଇବା ପରେ ଆମ ବୀର ଯବାନ ମାନଙ୍କୁ ସାରା ଭାରତ ବର୍ଷରେ ସଂମ୍ମାନ ଜଣାଉଥିବାବେଳେ ଆଜି ଦଶରଥପୁର ବ୍ଲକ ବିଜେପି ପକ୍ଷରୁ ଆମ ବୀର ସୈନିକ ମାନଙ୍କ ସଂମ୍ମାନ ଉଦ୍ଦେଶ୍ୟରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ କନିକାପଡା ପଞ୍ଚାୟତ ଅଫିସ ନିକଟରୁ ଶୋଭାଯାତ୍ରାରେ ବାହାରି ମଙ୍ଗଳପୁର ବଜାର ପରିକ୍ରମା କରି ଥାଲକୁଡ଼ି ଡାକବଙ୍ଗଳା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଆଜିର ଏହି ମହାନ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଯାଜପୁରର ବରିଷ୍ଠ ବିଜେପି ନେତା ଗୌତମ ରାୟ, ବିଂଝାରପୁରର ନାରୀନେତ୍ରୀ ବବିତା ମଲ୍ଲିକ, କୋରେଇ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ତଥା ଦଶରଥପୁର ବ୍ଲକର ବରିଷ୍ଠ ବିଜେପି ନେତା ସୁବାଷ ମହାନ୍ତି, ମଙ୍ଗଳପୁର ପଞ୍ଚାୟତର ସମିତି ସଭ୍ୟା ସରିତା ପଣ୍ଡା, ୬ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଶଶଧର ବେହୁରିଆ, ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ୬ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ବରିଷ୍ଠ ନେତା ଅଭିମନ୍ୟୁ ମହାନ୍ତି, ପ୍ରମୋଦ କୁମାର ପଣ୍ଡା, ଚିତ୍ତରଞ୍ଜନ ସାମଲ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମା ଓ ଭଉଣୀ, ମଙ୍ଗଳପୁର ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ଯବାନ, ମଙ୍ଗଳପୁର ବଜାର କମିଟି, ମଙ୍ଗଳପୁର ମହତାବ ହାଇସ୍କୁଲର ଏନସିସି ଛାତ୍ର ଛାତ୍ରୀଙ୍କ ସମେତ ପ୍ରାୟ ତିନିହଜାର ବିଜେପି କର୍ମୀ ହାତରେ ଜାତୀୟ ପତାକା ଧରି ଭାରତ ମାତା କି ଜୟ, ଭାରତୀୟ ବୀର ଯବାନ କି ଜୟ, ଅପରେସନ ସିନ୍ଦୁର କି ଜୟ ଜୟ ଧ୍ୱନିରେ ବଜାର ପ୍ରକମ୍ପିତ ହୋଇଥିଲା।ଶୋଭାଯାତ୍ରା ଶେଷରେ ଗୌତମ ରାୟ, ବବିତା ମଲ୍ଲିକ ଅବସର ପ୍ରାପ୍ତ ସେନା କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମଟର ସାଇକେଲ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର



**ଭବାନୀପାଟଣା,୨୧।୫ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ୨୬ କୋକସରା ବ୍ଲକ ଶିଉନି ଗ୍ରାମ ନିକଟରେ ଥିବା ଏକ ବୁଲାଣିରେ ଆଜି ଅପରାହ୍ନରେ ଏକ ମଟର ସାଇକେଲ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହେବାପରେ ମଟର ସାଇକେଲରେ ଥିବା ନିକଟସ୍ଥ କାଉଡୋଳା ଗ୍ରାମ ର ୨ ଯୁବକ ଗୋବିନ୍ଦ ମାଝୀ(୨୮)।ଓ ନିର୍ମଳ ଦୁର୍ଗା(୪୫) ଗୁରୁତର ଆହତ ହୋଇ ପଡ଼ି ରାସ୍ତା ରେ ପଡ଼ି ରହିଥିବା ବେଳେ କିଛି ସ୍ଥାନୀୟ ଯୁବକ ମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁଇ ଗୁରୁତର ଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁଇ ଯୁବକ ଙ୍କ ଅବସ୍ଥା ଜଟିଳ ଥିବା କାରଣରୁ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ସ୍ୱାମୀସ୍ତ୍ରୀ ମଧ୍ୟରେ କଳହ, ସନ୍ଦେହ ଜନକ ଭାବେ ସ୍ୱାମୀର ମୃତ୍ୟୁ

**ଯୋଡା,୨୧।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ୯ ନଂ ୱାର୍ଡ ର ହୁଡ଼ି ସାହିରେ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ କଳହ ହୋଇ ସ୍ୱାମୀ ଙ୍କ ମୃତ୍ୟୁ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।ପୋଲିସ ର ସୂଚନା ଅନୁଯାୟୀ, ହୁଡ଼ି ସାହିର ସିଲେଇ ମୁଣ୍ଡା ଓ ତାଙ୍କ।ସ୍ତ୍ରୀ ମଞ୍ଜୁ ମୁଣ୍ଡା ଙ୍କ ମଧ୍ୟରେ ଅନେକ ସମୟରେ କଳହ ହୋଇ ଥାଏ। ଗତ ସୋମବାର୍ ଉଭୟ ଙ୍କ ମଧ୍ୟରେ କଳହ ହୋଇ ଥିଲା।କୌଣସି କାରଣରୁ ସ୍ୱାମୀ ସିଲେଇ ମୁଣ୍ଡା ଆହତ ହେବାରୁ ତାଙ୍କୁ ପ୍ରଥମେ ଯୋଡା ସ୍ଥିତ ଟାଟା ଷ୍ଟିଲ ଡାକ୍ତର ଖାନାରେ ଭର୍ତ୍ତି କରାଯାଇ ଥିଲା।ଦୁଇ ଦିନ ସେଠାରେ ଚିକିତ୍ସିତ ହେବା ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଡାକ୍ତର ଖାନା କୁ ସ୍ଥାନାନ୍ତର କରାଯାଇ ଥିଲା।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପୂର୍ବାହ୍ନ ସମୟରେ ସିଲେଇ ମୁଣ୍ଡା(୨୫) ଙ୍କ ମୃତ୍ୟୁ ଘଟିଥିଲା।ତାଙ୍କ ମୃତ୍ୟୁ ପରେ ଯୋଡା ପୋଲିସ ଘଟଣା ର ଅନୁସନ୍ଧାନ ଆରମ୍ଭ କରିଛି।ସିଲେଇ ମୁଣ୍ଡା ଙ୍କ କାନ ମୂଳ ନିକଟରେ ଆଘାତ ଲାଗି ଥିବାରୁ ତାଙ୍କର ଗୁରୁତର ଅବସ୍ଥା ହୋଇ ମୃତ୍ୟୁ ଘଟିଛି।ଘଟଣାସ୍ଥଳରେ ବଡ଼ବିଲ ତହସିଲଦାର, ଯୋଡା ଥାନା ଅଧିକାରୀ ପହଂଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି।



## ବିଦ୍ୟୁତ ବିଭାଗ ସହିତ କୋରେଇ ବିଧାୟକଙ୍କ ସମୀକ୍ଷା ବୈଠକ



**ଯାଜପୁର ରୋଡ୍,୨୧।୫ (ସଂଚାର ବ୍ୟୁରୋ):** କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ'ଙ୍କ ବ୍ୟାସନଗର ସ୍ଥିତ କାର୍ଯ୍ୟାଳୟରେ ଯାଜପୁର ରୋଡ ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଅଫିସର ମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟୁତ ବିଭାଗ ଦ୍ୱାରା କାର୍ଯ୍ୟକ୍ଷମ ହେଉଥିବା ସମସ୍ତ ପ୍ରକଳ୍ପ, ନୂତନ ଭାବେ ତିଆରି ଚାଲିଥିବା ପ୍ରକଳ୍ପ, ଆଗାମୀ ଦିନରେ କେଉଁ କେଉଁ ପ୍ରକଳ୍ପର ଆବଶ୍ୟକତା ଅଛି ସେହି ପ୍ରକଳ୍ପ ଗୁଡିକର ସମୀକ୍ଷା କରାଯାଇଥିଲା । କୋରେଇ ନିର୍ବାଚନ ମଣ୍ଡଳୀରେ ବିଦ୍ୟୁତ ସମସ୍ୟା, ଲୋ-ଭୋଲଟେଜ୍, ଅଧିକ ଟ୍ରାନ୍ସଫର୍ମର ବସାଇବା ପାଇଁ ବିଭିନ୍ନ ଆଲୋଚନା ହୋଇଥିଲା । ସାପଗଡିଆ ଠାରେ ଏକ ନୂତନ ଇଲେକ୍ଟ୍ରିକ୍ ଗ୍ରୀଡ୍ ସ୍ଥାପନ କରାଯିବା ପାଇଁ ସ୍ଥିର କରାଗଲା। ଲୋ-ଭୋଲ୍ଟେଜ୍ ଥିବା ସ୍ଥାନଗୁଡିକରେ ନୂତନ ଟ୍ରାନ୍ସଫର୍ମର ବସାଇ ତା'ର ସମାଧାନ ପାଇଁ ସ୍ଥିର କରାଗଲା । ବ୍ୟାସନଗର ପୌରପରିଷଦର ଅଣ୍ଡରଗ୍ରାଉଣ୍ଡ୍ କେବୁଲ୍ ମାଧ୍ୟମରେ ବିଦ୍ୟୁତ ଯୋଗାଇବା ପାଇଁ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଶ୍ରୀ ଅନନ୍ତ ନାରାୟଣ ସେନାପତି, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ରୋଡ, ପ୍ରମୋଦ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ, ଯାଜପୁର ରୋଡ, ପ୍ରିୟବ୍ରତ ନାୟକ, ଉପକଣ୍ଠ ଅଧିକାରୀ, ଯାଜପୁର ରୋଡ, ସୁବ୍ରତ ଚକ୍ର, ସହ-ନିର୍ବାହୀ ଯନ୍ତ୍ରୀ, ଯାଜପୁର ରୋଡ ପ୍ରମୁଖ ଉପସ୍ଥିତ ଥିଲେ ।

## ନୀଳଗିରି ଆଇଟିଡିଏ ସଂସ୍ଥାରେ ଦୁର୍ନୀତିର ଗନ୍ଧ

**ନୀଳଗିରି,୨୧।୫ (ସଂଚାର ବ୍ୟୁରୋ):** ରାଧେ ରାଧେ ତୋର ଅଧେକୁ ମୋର ଅଧେ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଦେଢ଼ଲକ୍ଷ ଟଙ୍କାର ପ୍ରକଳ୍ପକୁ ସମ୍ପୂର୍ଣ୍ଣ ଭାଗିବାଣ୍ଟି ହଡ଼ପ କରିଥିବାର ଅଭିଯୋଗ ଉଠିଛି। ସୂଚନା ଫଳକ ସଜନାଗଡ଼ରେ, ପ୍ରକଳ୍ପର ସ୍ଥାନ ଭଉଁରିଆବାଡରେ, ନୀଳଗିରି ଆଇଟିଡିଏ ସଂସ୍ଥାରେ ଏହିଭଳି ଏକ ଫଳକ କୁ ଦେଖିବା ପରେ ଅଞ୍ଚଳବାସୀ ଚକିତ ହୋଇଛି। ସୂଚନା ଅନୁଯାୟୀ ନୀଳଗିରି ଆଇଟିଡିଏ ତରଫରୁ ୨୦୨୩/୨୪ମସିହାରେ ତତ୍କାଳୀନ ବିଧାୟକଙ୍କ ହାତପାଣ୍ଠିରୁ ଭଉଁରିଆବାଡ ପଞ୍ଚାୟତ ତେନ୍ତୁଳିପଦା ଗ୍ରାମରେ ସଡ଼କ ନିର୍ମାଣ ପ୍ରକଳ୍ପପାଇଁ ଦେଢ଼ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ଯାହାର ନିର୍ମାଣ ଦାୟିତ୍ୱ ବିଭାଗ ପାଖରେ ରହିଥିଲା। ମାତ୍ର ବିଡମ୍ବନା ଏହିକି ଯେ ଉକ୍ତଗ୍ରାମରେ ରାସ୍ତାନିର୍ମାଣ ତ ଦୂରର କଥା, କାର୍ଯ୍ୟାଦେଶର ଫଳକ ସେହି ଗ୍ରାମରେ କରାନଯାଇ ସଜନାଗଡ଼ ପଞ୍ଚାୟତ ଭୂଦାରଚଣ୍ଡୀ ହାଇସ୍କୁଲ ପଛପାଖ ବାଉଣ୍ଡ୍ରି ୱାଲ କାନ୍ଥରେ ଫଳକ ଲେଖି ଏହାର ଫଟୋ ଉତ୍ତୋଳନ କରାଯାଇ ଚଞ୍ଚକତା କରି ଆଦୌ ପ୍ରକଳ୍ପ ନକରି ମିଥ୍ୟା ଭାଉଚର ଜରିଆରେ ସରକାରୀ ବିଲ ଉଠାଇ ନେଇଥିବା ଅଭିଯୋଗ ଉଠିଛି। ପ୍ରକଳ୍ପର ସ୍ଥାନରୁ ଫଳକ ଲେଖା ଯାଇଥିବା ସ୍ଥାନର ଦୂରତା ଦୀର୍ଘ ୧୩କିଲୋମିଟର ରାସ୍ତା ହେବ। କିଏ ଏବଂ କେଉଁ ପରିସ୍ଥିତିରେ ଏଭଳି ଫଳକ ଲେଖିଲେ, ତାହାକୁ ନେଇ ଏବେ ଅଞ୍ଚଳରେ ସନ୍ଦେହ ସୃଷ୍ଟି ହୋଇଛି।ଭଉଁରିଆବାଡ ପଞ୍ଚାୟତ ଉକ୍ତ ଗ୍ରାମର ଲୋକମାନେ ସଡ଼କ ନିର୍ମାଣକୁ ଚାହିଁ ବସିଥିବା ବେଳେ ଏପଟେ ସଜନାଗଡ଼ ପଞ୍ଚାୟତର ଜଣେ ଠିକାଦାର ଏବଂ ଆଇଟିଡିଏ ର ଜଣେ ଯନ୍ତ୍ରୀ ଉକ୍ତ ପ୍ରକଳ୍ପର ସମସ୍ତ ଟଙ୍କା ହରିଲୁଟ କରିନେଇଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ମଙ୍ଗଳବାର ରାତ୍ରୀରେ ଉକ୍ତ ସଜନାଗଡ଼ ଠାରେ ଥିବା ସୂଚନାଫଳକକୁ ଲିଭାଯାଇଛି।




### ଅନ୍ତର୍ଜାତୀୟ ଚା 'ଦିବସ

# ଅସ୍ତରଙ୍ଗରେ ଶିବ ଭାଇଙ୍କ ଚା'ର ରହିଛି ଚାହିଦା



**କାକଟପୁର/ଅସ୍ତରଙ୍ଗ,୨୧।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଯେଉଁଠି ଦିନରୁ ରାତି ଚା 'କେଟଲି ଥଣ୍ଡା ହୁଏନି। ହାଣ୍ଡି ନୁହେଁ ହଣ୍ଡାଏ ହଣ୍ଡାଏ ଚା' କୁ ଢକ ଢକ କରି ପିଇ ଯାଆନ୍ତି ଲୋକେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ବିଭିନ୍ନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଯେଉଁଠି ଆଖି ବୁଲାଇବେ ସେଠି ଚା 'ଦୋକାନ। ୭ଟଙ୍କା, ୧୦ଟଙ୍କା ଓ ୧୫ଟଙ୍କାର କପେ ଚା 'ର ବେପାର। କର୍ମ କ୍ଲାନ୍ତ ଜୀବନରେ କପେ ଚା 'ଆଣେ ତାଜା ପଣ। ସକାଳୁ ନିଦରୁ ଉଠି ହେଉ ବା ସନ୍ଧ୍ୟା ଗଡ଼ିବା କ୍ଷଣି ଚା 'ଟିକେ ପାଟିରେ ବାଜିଲେ ପ୍ରସନ୍ନତାର ଆହାଃ... ପଦେ ବାହାରି ପଡେ। ଚା 'ପିଇବା ଅନେକଙ୍କ ପାଇଁ ଏକ ଆରାମ ଦାୟକ ଅଭ୍ୟାସ, ଯାହା ମାନସିକ ଚାପ କମାଇଥାଏ। ଅତିଥିଙ୍କୁ ଚା 'ଦେବା ଏକ ସୌଜନ୍ୟତା ହୋଇଥିବା ବେଳେ ବନ୍ଧୁଙ୍କ ମେଳରେ ଚା 'ଖଟି ମନକୁ ହାଲୁକା କରିଦିଏ। ଭାଇଚାରା ଅସ୍ତରଙ୍ଗ ରେ ଶିବ ଭାଇ ଚା ଦୋକାନ ଦୀର୍ଘ ବର୍ଷ ହେଲା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଭିଡ଼ ଜମେ। ବୟସ ଅଳ୍ପ ହେଲେ ମଧ୍ୟ ଗ୍ରାହକ ଙ୍କୁ ସୁ ମଧୁର ସମ୍ପର୍କ ସାଙ୍ଗକୁ ସ୍ନେହ ଭରା କଥା ସାଙ୍ଗକୁ ଅସ୍ତରଙ୍ଗ ଅଞ୍ଚଳ ଲୋକଙ୍କ ଚା 'ଖଟି ଜମିଥାଏ। ଶିବ ମୁଦୁଲି କିନ୍ତୁ ଶିବ ଭାଇ ଚା 'ଦୋକାନ କହିଲେ ସମସ୍ତେ ଜାଣନ୍ତି। ଏଠି ସସପେନ କି ଡିସି ନୁହେଁ ବରଂ ପିତଳ ବଡ଼ ହଣ୍ଡା ଅବା ବିରାଟ ଷ୍ଟିଲ ସାମଗ୍ରୀ ବସେ। ଅନେକ ସମୟରେ କାଠଚୁଲି ରେ ମଧ୍ୟ ଫୁଟୁଥିବା କ୍ଷୀରକୁ ଚା 'କରି ଗ୍ରାହକଙ୍କୁ ବଢ଼ାଇ ଦିଅନ୍ତି ଶିବ ଭାଇ। ଆବଶ୍ୟକ ପଡ଼ିଲେ ସମୟ ଅଭାବ ସମୟରେ ଗ୍ୟାସ ବ୍ୟବହାର କରିଥାନ୍ତି। କୁହାଯାଏ ଶିବ ଭାଇ ଙ୍କ ଚା 'ପିଇଲେ ପାଟିକୁ ଗୁଆ ଘିଅ ଭଳି ସ୍ୱାଦ ଲାଗେ। ଯେହେତୁ ଘଣ୍ଟା ଘଣ୍ଟା ଧରି କ୍ଷୀର ଫୁଟୁଥାଏ ତେଣୁ ସ୍ୱାଦରେ ଶିବ ଭାଇ ଙ୍କୁ କେହି ମାତ ଦେଇ ପାରନ୍ତି ନାହିଁ।

## ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସମନ୍ୱୟ ବୈଠକ

**କନ୍ଧମାଳ,୨୧।୫ (ସଂଚାର ବ୍ୟୁରୋ):** ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ପ୍ରତିଫଳନ ଓ ପୁନଃଚିନ୍ତନ ସମ୍ପର୍କିତ ଆଲୋଚନା ଚକ୍ର ନୀପିଡୀତ ସଭାଗୃହ, ଫୁଲବାଣୀ ଠାରେ ସ୍ୱାତୀ ଓ ନୀପିଡୀତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କୁ ପି.ଏ.ଜି. ର ଅଧ୍ୟକ୍ଷ ରାମ ଚନ୍ଦ୍ର ଦାସ ପୌରହିତ୍ୟ କରିଥିବା ବେଳେ ଅନ୍ୟ ସଦସ୍ୟ ଅନୁଷ୍ଠାନ ମାନଙ୍କର ମୁଖ୍ୟ ଅଧିକାରୀ ଯଥା ନୀପିଡିତ, ଜାଗୃତି; ବନବାସୀ ସେବା ସମିତି; ସ୍ୱାତୀ; ଆଜକା; ଜି.ଏମ.ସ., ପ୍ରଦାତା; ସେବା, ଆମ ଗାଁ, କଳିଙ୍ଗ ସେବା ସଦନ, ସାହାରା, ଗ୍ରାମ ବିକାଶ, ଆସର୍ଟ, ପାହଡ, ନିୟୁ ଭିଜନ ଇଣ୍ଡିଆ, ସାଲୁଙ୍କି ଓ ପରିବେଶ ଭଳି ସମୁଦାୟ ୧୮ ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉପସ୍ଥିତ ରହି ପି.ଏ.ଜି ର ଗତ ୩ ବର୍ଷର ବିଭିନ୍ନ କାର୍ଯ୍ୟଧାରା ର ସମିକ୍ଷା କରିଥିଲେ। ସଭାର ପ୍ରାରମ୍ଭରେ ଆବାହକ ଇଂ ହରିଶଙ୍କର ରାଉତ ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ଅନୁଷ୍ଠାନର ମୁଖ୍ୟମାନେ ସାମ୍ପ୍ରତିକ ପରିସ୍ଥିତି ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର କାର୍ଯ୍ୟଧାରା ଓ ସରକାରଙ୍କ ନୀତି କୁ ଦୃଷ୍ଟିରେ ରଖି ବିଭିନ୍ନ ଆଲୋଚନା କରିଥିଲେ। ଉପସ୍ଥିତ ସଦସ୍ୟ ଓ ସଦସ୍ୟା ବିଗତ ତିନି ବର୍ଷରେ ପିଏଜି ର ପରିଚାଳନା, ସ୍ୱଚ୍ଛତା ଓ ଏହାର ପ୍ରତିଫଳନ ଉପରେ ନିଜ ନିଜର ମତ ରଖିବା ସହିତ ଆଗାମୀ ଦିନ ମାନଙ୍କରେ କନ୍ଧମାଳ ଜିଲ୍ଲାର ସାମୂହିକ ବିକାଶ କ୍ଷେତ୍ରରେ ବାଧକ ସାଜିଥିବା ସମସ୍ୟା ଯଥା ଦାଦନ, ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୀ ବଟା, ଜଳ ସେଚନ, କୃଷି ଓ କୃଷକ ଉନ୍ନତି ଭଳି ଦିଗ ଉପରେ ଜିଲ୍ଲା ଓ ରାଜ୍ୟ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଉଦ୍ୟମ ଜାରି ରଖିବା ପାଇଁ ମତ ରଖିଥିଲେ। ଜିଲ୍ଲାରେ ଗତ ୨୦୧୬ ମସିହାରୁ ବନ୍ଦ ହୋଇଥିବା ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ କୁ ତ୍ୱରାନିତ କରି ତୃଣମୂଳ ସ୍ତରରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ରେ ସାମାଜିକ ଅନୁଷ୍ଠାନ ମାନଙ୍କ ଭାଗିଦାରିତା କୁ ସୁଦୃଢ଼ କରିବା ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପି.ଏ.ଜି. ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଗୁଡିକୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ର ଦୃଷ୍ଟି ଗୋଚର କରିବା ପାଇଁ ସମସ୍ତ ସଦସ୍ୟ ଅନୁଷ୍ଠାନ ମାନଙ୍କୁ ଅନୁରୋଧ କରାଯାଇଥିଲା।

# ରାମଚରଣଙ୍କ ନୂଆ ରେକର୍ଡ



ଫିଲ୍ମ 'ଆର୍‌ଆର୍‌ଆର୍' ପରେ ଗ୍ଲୋବାଲ୍ ଷ୍ଟାର୍ ବନିଯାଇଛନ୍ତି ଦକ୍ଷିଣୀ ସୁପର୍‌ଷ୍ଟାର୍ ରାମଚରଣ। ଏହି ଫିଲ୍ମ ତାଙ୍କୁ ବିଶ୍ୱସ୍ତରରେ ବେଶ୍ ପରିଚିତ କରାଇଛି। ଏହି ସଫଳତା ପରେ ଏବେ ତାଙ୍କ ସଫଳ କ୍ୟାରିୟର୍‌ରେ ଆଉ ଏକ ଉପଲବ୍ଧି ଯୋଡ଼ି ହୋଇଛି। ଲଣ୍ଡନ୍‌ର ପ୍ରସିଦ୍ଧ ୱାକ୍ସ ମ୍ୟୁଜିୟମ୍ ମାଡାମ୍ ତୁସାଦ୍‌ରେ ପୋଷା କୁକୁର ରାଇମ ସହିତ ରାମଚରଣଙ୍କ ଏକ ମହମ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପୂର୍ବରୁ ମଧ ବହୁ ଭାରତୀୟ କଳାକାରଙ୍କ ମହମ ପ୍ରତିମା ଉନ୍ମୋଚିତ ହୋଇଛି, ହେଲେ ରାମଚରଣଙ୍କ ପ୍ରତିମାଟି ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। କାରଣ ଏହା ହେଉଛି କୌଣସି ସେଲିବ୍ରିଟିଙ୍କର ପ୍ରଥମ ମହମ ପ୍ରତିମା, ଯେଉଁଥିରେ ସାଥିରେ ତାଙ୍କ ପୋଷାପ୍ରାଣୀ ଶୋଭା ପାଉଛି। ଏହା ପୂର୍ବରୁ କୌଣସି ଭାରତୀୟ କଳାକାରଙ୍କର ଏଭଳି ମହମ ପ୍ରତିମା ତିଆରି କରାଯାଇ ନଥିଲା।

ଲଣ୍ଡନ୍‌ରେ ଅନୁଷ୍ଠିତ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ରାମଚରଣ, ତାଙ୍କ ପରିବାର ଓ ବନ୍ଧୁବର୍ଗ ଯୋଗ ଦେଇଥିଲେ। ଭାରତ-ପାକିସ୍ତାନ ମଧରେ ଚାଲିଥିବା ଉତ୍ତେଜନା ଯୋଗୁଁ ପ୍ରଥମେ ଉନ୍ମୋଚନ ସ୍ଥଗିତ ରହିବ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ସୀମାରେ ସ୍ଥିତି ଶାନ୍ତ ହେବା ପରେ ଅଭିନେତାଙ୍କ ପରିବାର ଉନ୍ମୋଚନ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଥିଲେ। ଉନ୍ମୋଚନ ସମୟରେ ରାମଚରଣଙ୍କ ପରିବାର ଭାବବିହ୍ୱଳ ହୋଇପଡ଼ିଥିବା ଦେଖାଯାଇଥିଲା।

ଉନ୍ମୋଚିତ ହୋଇଥିବା ମହମ ପ୍ରତିମୂର୍ତ୍ତିରେ ରାମଚରଣଙ୍କ ଓସ୍କାର୍ ପୁରସ୍କାର ସମାରୋହରେ ଯୋଗ ଦେବା ସମୟର ଲୁକ୍ ରହିଛି। ଏହି ମହମ ମୂର୍ତ୍ତିଟି ମେ' ୧୯ ପର୍ଯ୍ୟନ୍ତ ଲଣ୍ଡନ୍‌ର ମାଡାମ୍ ତୁସାଦ୍‌ରେ ପ୍ରଦର୍ଶିତ ହେବ। ଏହାପରେ ଏହାକୁ ଜନସାଧାରଣଙ୍କ ପ୍ରଦର୍ଶନ ନିମିତ୍ତ ମାଡାମ୍ ତୁସାଦ୍ ସିଙ୍ଗାପୁରକୁ ସ୍ଥାନାନ୍ତରିତ କରାଯିବ।

# ଆସୁଛନ୍ତି ସନୟା



ଆଉ ଜଣେ କପୁର ତନୟା ଏବେ ପରଦାରେ ଚମକିବାକୁ ଯାଉଛନ୍ତି। ସେ ହେଲେ ପ୍ରଯୋଜକ ବୋନି କପୁର, ଅଭିନେତା ଅନିଲ୍ କପୁରଙ୍କ ସାନଭାଇ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ସନୟା କପୁର। ତାଙ୍କ ଅଭିନୀତ ନୂଆ ଚଳଚ୍ଚିତ୍ର 'ଆଖୋଁ କୀ ଗୁସ୍ତାଖିୟାଁ' ଜୁଲାଇ ୧୧ରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମର ନିର୍ଦ୍ଦେଶକ ସଞ୍ଜୟ ସିଂ କହିଛନ୍ତି, ଜଣେ ଷ୍ଟାର୍‌କିଡ୍ କି ଫିଲ୍ମ ପରିବାରର ସନ୍ତାନ ଭାବେ ନୁହେଁ, ନିଜର ପରିଶ୍ରମ ଓ ପ୍ରତିଭା ପାଇଁ ସନୟା ଏହି ଛବିରେ ନାୟିକା ଭୂମିକା ପାଇଛନ୍ତି। ବଲିଉଡ୍‌କୁ ଆସୁ ଆସୁ ତାଙ୍କ ହାତକୁ ଭଲ ଭଲ ଅଫର୍ ମଧ ଆସିଯାଇଛି। ସେ ରୀମା ମାୟାଙ୍କ ନିର୍ଦ୍ଦେଶିତ ନୂଆ ୱେବ୍ ସିରିଜ୍ 'ଷ୍ଟୁଡେଣ୍ଟସ୍ ଅଫ୍ ଦ ଇୟର-୩'ରେ ଅଭିନୟ ପାଇଁ ଚୁକ୍ତିବଦ୍ଧ ହୋଇଥିବା ବେଳେ ବିଜୟ ନାମ୍ବିୟାର୍‌ଙ୍କ ନିର୍ଦ୍ଦେଶିତ ଛବି 'ତୁ ୟା ମେଁ'ରେ ବି ନାୟିକା ଭାବେ ଅଭିନୟ କରୁଛନ୍ତି। ସନୟା ସୋସିଆଲ୍ ମିଡିଆରେ ଖୁବ୍ ସକ୍ରିୟ। ତାଙ୍କର ଫ୍ୟାନ୍‌ଫଲୋୟର୍ସଙ୍କ ସଂଖ୍ୟା ବି କୌଣସି ଚଳଚ୍ଚିତ୍ର ତାରକାଙ୍କଠାରୁ କମ୍ ନୁହେଁ।



**ବାପାଙ୍କ ସହ ଲଗାତାର୍ ସିନେମା କରିଥିବା ନିର୍ଦ୍ଦେଶକ ଏବେ ପୁଅ ସହ ହାତ ମିଳାଇବାକୁ ଆଗେଇ ଆସୁନାହାନ୍ତି କାହିଁକି? ଦିବଂଗତ ଅଭିନେତା ମିହିର ଦାସ ଓ ପୁଅ ଅମ୍ଲାନଙ୍କୁ ନେଇ ରୋଚକ ଉପସ୍ଥାପନା।**

# ବାପା ଥିଲେ ସାଥିରେ ପୁଅ କିଆଁ ଦୂରରେ



ଓଡ଼ିଆ ଚଳଚ୍ଚିତ୍ରର ପ୍ରତିଷ୍ଠିତ ଅଭିନେତା ମିହିର ଦାସଙ୍କ ପୁଅ ଅମ୍ଲାନ ୨୦୧୩ରେ 'ଟାର୍ଗେଟ୍' ଜରିଆରେ ଓଲିଉଡ୍‌ରେ ପାଦ ରଖି ବେଶ୍ କେତୋଟି ସଫଳ ଛବି ଦର୍ଶକଙ୍କୁ ଉପହାର ଦେଇଛନ୍ତି। ୧୨ ବର୍ଷ ଧରି ଓଲିଉଡ୍‌ରେ ସକ୍ରିୟ ରହିଥିବା ଅମ୍ଲାନଙ୍କ ଅଭିନୀତ ଦୁଇଟି ଛବି ମୁକ୍ତି ଅପେକ୍ଷାରେ ଥିବା ବେଳେ ଆଉ ଦୁଇଟି ଫ୍ଲୋର୍‌ରେ ରହିଛି। ଜାତୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି) ନିର୍ଦ୍ଦେଶକ ଚିତ୍ତରଂଜନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'କୁହ ମୁଁ ତୁମରି ପାଇଁ' ଓ ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶିତ 'କେଶ୍ ୧୮'ର ସମସ୍ତ କାମ ଶେଷ ହୋଇଥିବା ବେଳେ ରିଲିଜ୍ ତାରିଖ ଘୋଷଣାକୁ ଅପେକ୍ଷା କରାଯାଇଛି। ପ୍ରାୟ ୨୦ଟି ଓଡ଼ିଆ ଛବିରେ ନାୟକ ସାଜିଥିବା ଅମ୍ଲାନଙ୍କୁ ନେଇ ଏକ କୌତୁହଳପ୍ରଦ ତଥ୍ୟ ସାମ୍ନାକୁ ଆସିଛି। ଯଦିଓ ସେ ସିନେଶିଳ୍ପର ଅନେକ ନାମୀଦାମୀ ନିର୍ଦ୍ଦେଶକଙ୍କ ସହ କାମ କରିଛନ୍ତି, କିନ୍ତୁ ତାଙ୍କ ବାପାଙ୍କୁ ନେଇ ଛବି ନିର୍ମାଣ କରିଥିବା ବହୁ ନିର୍ଦ୍ଦେଶକ ଏଯାବତ୍ ତାଙ୍କୁ ସାଥ୍ ଦେଇନାହାନ୍ତି। ୨୦୦୫ରେ ନିର୍ଦ୍ଦେଶନା କ୍ୟାରିୟର୍ ଆରମ୍ଭ କରିଥିବା ଅଶୋକ ପତିଙ୍କ ପ୍ରଥମ ଛବି 'ବାଜି'ରେ ନେଗେଟିଭ୍ ରୋଲ୍ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ ମିହିର ଦାସ। ଏହାପରେ ଦୁଇଟି ସିନେମାକୁ ବାଦ୍ ଦେଲେ ଅଶୋକଙ୍କ ଅବଶିଷ୍ଟ ସିନେମାରେ ମିହିରଙ୍କୁ ଭଲ ଭୂମିକାରେ ଦେଖିବାକୁ ପାଇଥିଲେ ଦର୍ଶକ। କିନ୍ତୁ ଏଯାବତ୍ ଅଶୋକ-ଅମ୍ଲାନ ଏକାଠି କାମ କରିନାହାନ୍ତି।

ସେହିପରି ଓଲିଉଡ୍‌ର ଓଣ୍ଡର୍‌ବୟ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା 'ରାକ୍ଷୀ ବାନ୍ଧିଲି ମୁଁ ରଖିବି ମାନ'ରେ ମିହିର ଦାସ ଥିଲେ ମୁଖ୍ୟ କଳାକାର। ପରେ ତାଙ୍କର ଅନେକ ଛବିରେ ମିହିର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ଏଯାଏ ସଞ୍ଜୟ-ଅମ୍ଲାନ ଯୋଡ଼ି ହୋଇନାହାନ୍ତି। ଏବେକାର ଆଗଧାଡ଼ିର ନିର୍ଦ୍ଦେଶକ ତାପସ ସରଘରିଆଙ୍କ ଡେବ୍ୟୁ ଫିଲ୍ମ 'ପହିଲି ରଜ'ରୁ ନେଇ ତାଙ୍କ ନିର୍ଦ୍ଦେଶିତ ବହୁ ଛବିରେ ମିହିର କାମ କରିଥିଲେ। କିନ୍ତୁ ଏଯାଏ ଅମ୍ଲାନଙ୍କୁ ତାପସଙ୍କ କୌଣସି ସିନେମାରେ ଦେଖିବାକୁ ମିଳିନାହିଁ। ସୁଧାକର ବସନ୍ତଙ୍କ କଥା ବି ସମାନ। ତାଙ୍କର ପ୍ରଥମ ଓଡ଼ିଆ ଛବି 'ପ୍ରେମ ଅଢ଼େଇ ଅକ୍ଷର' ସମେତ ବେଶ୍ କେତେଟି ଛବିରେ ମିହିର ଥିଲେ ମୁଖ୍ୟ ଆକର୍ଷଣ। ହେଲେ ଏଯାଏ ଅମ୍ଲାନଙ୍କ ସାଥ୍ ପାଇନାହାନ୍ତି ସେ। 'ଏ ମନ ମାନେନା'ରୁ କ୍ୟାରୟର୍ ଆରମ୍ଭ କରିଥିବା ନିର୍ଦ୍ଦେଶକ ଏନ୍ ପାଢ଼ୀ ମିହିରଙ୍କୁ ଅଧିକାଂଶ ସିନେମାରେ କାଷ୍ଟ କରିଥିଲେ ହେଁ ଆଜିଯାଏ ଅମ୍ଲାନଙ୍କୁ ନେଇ କୌଣସି ଛବି ତିଆରି କରିନାହାନ୍ତି। ଠିକ୍ ସେହିପରି 'କି ହେବ ଶୁଆ ପୋଷିଲେ'ରୁ ନେଇ ଏଯାଏ ୨୦ରୁ ଅଧିକ ସିନେମା ନିର୍ମାଣ କରିଥିବା ବରିଷ୍ଠ ନିର୍ଦ୍ଦେଶକ ବସନ୍ତ ସାହୁଙ୍କ ଫେବରାଇଟ୍ କଳାକାର ମିହିର ହୋଇଥିବା ବେଳେ ସେ ଏଯାଏଁ ଅମ୍ଲାନଙ୍କୁ କାଷ୍ଟ କରିନାହାନ୍ତି। ସବ୍ୟସାଚୀ ମହାପାତ୍ର, ଶ୍ରୀତମ ଦାସ, ରମେଶ ରାଉତ ଓ ରଞ୍ଜନ ମିଶ୍ରଙ୍କ ଭଳି ଜଣାଶୁଣା ନିର୍ଦ୍ଦେଶକଙ୍କ କ୍ଷେତ୍ରରେ ବି ଏହା ପ୍ରଯୁଜ୍ୟ।



# 'ଡେଲିଭରି ବୟ-୨'ରେ ନାହାନ୍ତି ସୂର୍ଯ୍ୟମୟୀ

୨୦୨୩ର ଚର୍ଚ୍ଚିତ ଓଡ଼ିଆ ସିନେମା 'ଡେଲିଭରି ବୟ'ର ଦ୍ୱିତୀୟ ଭାଗ 'ଡେଲିଭରି ବୟ-୨'ର ନିର୍ମାଣ ସରିଲାଣି। ସାଧାରଣ ଭାବେ ପ୍ରଥମ ଭାଗର ମୁଖ୍ୟକଳାକାର ଦ୍ୱିତୀୟ ଭାଗରେ ଦେଖିବାକୁ ମିଳିଥାଆନ୍ତି। କିନ୍ତୁ ଏ ସିନେମା କ୍ଷେତ୍ରରେ ଗୋଟିଏ ବ୍ୟତିକ୍ରମ ଦେଖିବାକୁ ମିଳିଛି। 'ଡେଲିଭରି ବୟ'ରେ ଜଣେ ମହିଳା ଆଇନଜୀବୀ ଭୂମିକାରେ ପ୍ରଭାବଶାଳୀ ଅଭିନୟ କରିଥିବା ସୂର୍ଯ୍ୟମୟୀଙ୍କ ଅନୁପସ୍ଥିତିକୁ ଦର୍ଶକ ନିଶ୍ଚୟ ଅନୁଭବ କରିବେ। ବିଶେଷ ଭାବେ ପ୍ରତିପକ୍ଷ ଓକିଲ ବଚ୍ଚନ ଭାଇ (ବୁଦ୍ଧାଦିତ୍ୟ)ଙ୍କ ସହ ସୂର୍ଯ୍ୟମୟୀଙ୍କର କୋର୍ଟ ରୁମ୍ ଦୃଶ୍ୟ ବେଶ୍ ରୋଚକ ଥିଲା। ଏ ନେଇ ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ କହିଛନ୍ତି, ସୂର୍ଯ୍ୟମୟୀ ଜଣେ ଉଚ୍ଚକୋଟୀର କଳାକାର। 'ଡେଲିଭରି ବୟ'ରେ ଚମତ୍କାର ଅଭିନୟ ବି କରିଥିଲେ। କିନ୍ତୁ 'ଡେଲିଭରି ବୟ-୨'ର କାହାଣୀ ଭିନ୍ନ ଏବଂ ସେଥିରେ ସୂର୍ଯ୍ୟମୟୀଙ୍କ ପାଇଁ କୌଣସି ଚରିତ୍ର ନ ଥିବାରୁ ତାଙ୍କୁ ନିଆଯାଇନାହିଁ।

ପ୍ରଥମ ଭାଗରେ ବୁଦ୍ଧାଦିତ୍ୟ, ସୂର୍ଯ୍ୟମୟୀ, ଶୈଳେନ୍ଦ୍ର, ଶକ୍ତି ବରାଳ, ଜୀବନ ପଣ୍ଡା, ସୁଶାନ୍ତ, ଇଲୁ ବାନାର୍ଜୀ, ସରୋଜ ଦାଶ, ଚୌଧୁରୀ ବିକାଶ ଦାସ, ସନ୍ତୁ, ଅମନ୍, ଗୁଡ୍ଡୁ, ପ୍ରିୟମ୍ବଦା ଓ ପୁପୁଲ୍ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏହାର କାହାଣୀ ପରିକଳ୍ପନା କରିଥିଲେ ଜଣାଶୁଣା ପ୍ରଯୋଜକ ଜେ.ଆର୍.ଏମ୍, ସଂଳାପ ଲେଖିଥିଲେ ଦୀପକ ଜେନା ଏବଂ ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଇଥିଲେ ଅଶ୍ୱିନ ତ୍ରିପାଠୀ।

# ରେଡିଓ ଭିତରେ କିଏ?



**ହେତୁ ପାଇବା ଦିନରୁ ସଂଗୀତକୁ ଆପଣେଇ ନେଇଥିଲେ ସେ। ତିନି ବର୍ଷ ବୟସରୁ 'ଆହେ ନୀଳଶଇଳ' ଗୀତ ଗାଇ ଘରେ ସଂଗୀତର ସୁମଧୁର ମାହୋଲ୍ ସୃଷ୍ଟି କରୁଥିଲେ। ସେଦିନରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୫୦ ବର୍ଷର ବୃତ୍ତିଗତ ଜୀବନ ଭିତରେ ୫୦୦୦ରୁ ଊର୍ଦ୍ଧ୍ୱ ଗୀତ ଗାଇ ସାରିଥିବା ଏହି ଗାୟିକାଙ୍କ ଅବଦାନ ଓଡ଼ିଆ ସଂଗୀତ ଦୁନିଆ ପାଇଁ ଅତୁଳନୀୟ। ପାଞ୍ଚଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ସଂଗୀତ ନାଟକ ଏକାଡେମୀ ପୁରସ୍କାର ଓ ଆହୁରି ଅନେକ ସମ୍ମାନ-ସ୍ୱୀକୃତି ତାଙ୍କ ଦକ୍ଷତାର ପରିଚୟ ପ୍ରଦାନ କରେ। ବିବାହ ପୂର୍ବରୁ ଗୀତା ମିଶ୍ର ଓ ବିବାହ ପରେ ଗୀତା ଦାଶ ନାମରେ ଓଡ଼ିଶାର ଘରେ ଘରେ ପରିଚିତ ଏହି ଗାୟିକା ତାଙ୍କ ପିଲାଦିନର ଏକ ସୁନ୍ଦର ସ୍ମୃତି ଆମ ସହ ବାଣ୍ଟିଛନ୍ତି।**

ମୋତେ ସେତେବେଳେ ବୟସ ମାତ୍ର ୭ ବର୍ଷ। ମୁଁ ରେଡିଓରେ ଗୀତ ଶୁଣିବାକୁ ବହୁତ ଭଲପାଉଥିଲି। ହେଲେ ଯେବେ ବି ଗୀତ ଶୁଣୁଥିଲି ମୋ ମନରେ ଏକ କୌତୂହଳ ସୃଷ୍ଟି ହେଉଥିଲା। ମୁଁ ସବୁବେଳେ ଭାବେ, ରେଡିଓ ଭିତରେ କିଏ ଅଛି? ରେଡିଓରେ ଗୀତ ଗାଉଥିବା ସେ ଲୋକମାନଙ୍କୁ ମୁଁ ଦେଖିବାକୁ ବ୍ୟାକୁଳ ହେଉଥାଏ। ଥରେ ବାପା ଘରେ ନଥାନ୍ତି। ମାଆ ତାଙ୍କ କାମରେ ବ୍ୟସ୍ତ ଥାଆନ୍ତି। ମୁଁ ରେଡିଓ ଭିତରେ ଥିବା ସେ ଲୋକମାନଙ୍କୁ ଦେଖିବି ବୋଲି ଚିନ୍ତା କରି ରେଡିଓକୁ ଫୋପାଡ଼ି ଭାଙ୍ଗିଦେଲି। ହେଲେ ରେଡିଓ ଭିତରେ କାହାକୁ ନପାଇ ମୁଁ ଖୋଜିବା ଆରମ୍ଭ କଲି। ଗୋଟେ କାଠି ପୂରେଇ ତା' ଭିତରଟାକୁ ଘାଣ୍ଟି ପକାଇଲି। ହେଲେ କାହାକୁ ବି ନପାଇ ନିରାଶ ହେଇଗଲି। ତା'ପରେ ମାଆ ଯେତେବେଳେ ମୋ କାରନାମା ଦେଖିଲେ, ସେ ସବୁ ବୁଝିଗଲେ। ରେଡିଓ ପଡ଼ିକି ଭାଙ୍ଗିଯାଇଛି ବୋଲି ମୁଁ ମିଛ କହିଲି। ହେଲେ ସତ କ'ଣ ସେ ଜାଣିଥିଲେ। କାରଣ ମୁଁ ଅଧିକାଂଶ ସମୟରେ ଘରେ ପଚାରୁଥିଲି, ରେଡିଓ ଭିତରେ କିଏ ଗୀତ ଗାଉଛି? ସେ ଜାଣିସାରିଥିଲେ ଯେ ମୁଁ ଉତ୍ସୁକତାବଶତଃ ଏପରି କରିଛି। ରେଡିଓ ଭିତରେ କାହାକୁ ନପାଇ ମୋ ମନ ଦୁଃଖହେଲା। ମାଆ ମୋତେ ଯେଉଁ ଭାତ ଖାଇବାକୁ ଦେଇଥିଲେ ମୁଁ ତାକୁ ଚକଟି ଅଠା କରି ସେ ଭଙ୍ଗା ରେଡିଓକୁ ବହୁତ କଷ୍ଟରେ ଯୋଡ଼ିଲି। ହେଲେ କିଛି ସମୟ ପରେ ପୁଣି ସେ ଅଠା ଅକାମୀ ହୋଇଗଲା।

ସଂଧ୍ୟାରେ ବାପା ଘରକୁ ଆସିଲେ। ମୁଁ ଭାବିଥିଲି, ବାପା ଭୀଷଣ ରାଗିବେ। ହେଲେ ବାପା ରାଗିଲେ ନାହିଁ, ବରଂ ସେ ମୋ ଭିତରର ଉତ୍ସୁକତାକୁ ବୁଝି ପାରିଥିଲେ। ସେଇଠୁ ଆରମ୍ଭ ହେଲା ମୋର ସଂଗୀତ ଶିକ୍ଷା। ସେ ସମୟରେ କ୍ଷୀରୋଦ ଚନ୍ଦ୍ର ପୋଥାଳ ବୋଲି ସାଲେପୁରରେ ଜଣେ ବଡ଼ ଗୀତିକାର ଥାଆନ୍ତି। ବାପା ତାଙ୍କୁ ଯାଇ ଭେଟିଲେ। ତାଙ୍କର କଟକ ଅଲ୍ ଇଣ୍ଡିଆ ରେଡିଓ ସହ ଯୋଗାଯୋଗ ଅଛି କି ନାହିଁ, ତାହା ଜାଣିବାକୁ ଚାହିଲେ। ଯୋଗକୁ କଟକ ରେଡିଓ ସେଣ୍ଟର୍‌କୁ ତାଙ୍କର ଯା'ଆସ ଥାଏ। ବାପା ତାଙ୍କୁ ମୋତେ ଥରେ ରେଡିଓ ସେଣ୍ଟର୍ ଦେଖାଇଦେବାକୁ ଅନୁରୋଧ କଲେ। ସେ ରାଜି ହେଲେ ମଧ। ମୋର ମନେଅଛି, ମୁଁ କ୍ଷୀରୋଦ ସାର୍‌ଙ୍କ ସହ ବସ୍‌ରେ କଟକ ଯାଇଥିଲି। 'ଶିଶୁ ସଂସାର' କାର୍ଯ୍ୟକ୍ରମରେ ମିଶିଥିଲି। ସେଦିନ ବଡ଼ଭାଇ ନଦିଆବିହାରୀ ମହାନ୍ତି ଓ ଅପା ବୀଣା ମହାନ୍ତି ମୋତେ ବିଭିନ୍ନ କଥା ପଚାରିଥିଲେ।

ତା'ପରେ ଅନେକ ବାର ରେଡିଓ ଷ୍ଟେସନ୍ ଗଲି। ରେଡିଓରେ ଶିଶୁମାନଙ୍କ ପାଇଁ ନିଆଯାଉଥିବା ଅଡିସନ୍ ଦେଇ ପାସ୍ କଲି। ଦିନେ ରେଡିଓରେ କ୍ଷୀରୋଦ ସାର୍ ଲେଖିଥିବା 'ଆଇ ବାଛୁଥିଲା ଖଇ' ଗୀତଟିକୁ ଗାଇଲି। ସେ ଦିନର ଖୁସି ମୁଁ କେବେ ଭୁଲି ପାରିବି ନାହିଁ।



## ଝଲକ



● ନୂଆ ଓଡ଼ିଆ ଛବି 'ବାସ୍ତବ'ର ସୁଟିଂ ସରିବା ପରେ ଏହାର ପୋଷ୍ଟ ପ୍ରଡକ୍‌ସନ୍ କାମ ଜାରି ରହିଛି। ଏଥିରେ ତୁଷାର ବେଦୀ, ଅଙ୍କିତା ଦାଶ, ତପି ମିଶ୍ର, ମିଟୁ ମିଥୁନ୍ ଓ ପ୍ରତିଭା ପଣ୍ଡା ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ବଦ୍ରିନାରାୟଣ ପଟ୍ଟନାୟକ ଏହାର ପ୍ରଯୋଜକ ଓ ଲୁବୁନ୍-ଟୁବୁନ୍ ଏହାର ନିର୍ଦ୍ଦେଶକ। ବୈଦ୍ୟନାଥ ଦାଶ ସଙ୍ଗୀତକାର।

● ସୀତାରାମ ଅଗ୍ରୱାଲ୍‌ଙ୍କ ପ୍ରଯୋଜିତ ତଥା ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ ନୂଆ ସିନେମା 'ଛି ଛି ଛିରେ ନନୀ ଛି'ରେ ଜଣାଶୁଣା ଅଭିନେତା ଦୀପନ୍ୱିତ ଦାଶ ମହାପାତ୍ରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ଶୈଳେନ୍ଦ୍ର ଓ ଶିବାନୀ ନାୟକନାୟିକା ଭୂମିକାରେ ଅଛନ୍ତି।



● ଡକ୍ଟର କମଳଲୋଚନ ସାହୁଙ୍କ ପ୍ରଯୋଜିତ ତଥା କେଶବ ମଲ୍ଲିକଙ୍କ ନିର୍ଦ୍ଦେଶିତ 'ସାର୍'ର ପୋଷ୍ଟ ପ୍ରଡକ୍‌ସନ୍ କାମ ଶେଷ ହୋଇଛି। ଏବେ ଏହା ସେନ୍‌ସର୍ ଲାଗି ପ୍ରସ୍ତୁତ ହେଉଛି। ଏହି ସିନେମାରେ ଅଭିଷେକ ରଥ, ଅର୍ଲିନ୍ ଅଙ୍କିତା, ସମରେଶ, ଅଶ୍ରୁମୋଚନ ଓ ଦୀପନ୍ୱିତ ଦାଶ ମହାପାତ୍ର ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।



### ଲୋକଙ୍କର ସ୍ୱାସ୍ଥ୍ୟକୁ ନେଇ ଖେଳ ଖେଳୁଛନ୍ତି ସରକାର

# ପାନୀୟଜଳ ଓ ବିଜୁଳି ବ୍ୟବସ୍ଥା ନାହିଁ



**କନ୍ଧମାଳ,୨୧।୫ (ସଂଚାର ବ୍ୟୁରୋ):** ସରକାର ପ୍ରତ୍ୟେକ ଗ୍ରାମରେ ପିଇବା ପାଣି ଓ ବିଜୁଳି ଆଲୁଅ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ପାଣି ଟାଙ୍କିର ବ୍ୟବସ୍ଥା କରୁଛନ୍ତି। ଏହି ଗାଁରେ ରେ ପାନୀୟଜଳ ଓ ବିଦ୍ୟୁତର ବ୍ୟବସ୍ଥା ନାହିଁ ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କନ୍ଦୁଆଗାଁ ବ୍ଲକ କୁଡୁତେଲି ପଞ୍ଚାୟତ ବଲମରପଦା କଙ୍ଗଡ଼କାମ୍ବା ସାହିରେ ଥିବା କିଛି ଚାରିପରିବାର ଦୃଶ୍ୟ। କିନ୍ତୁ ଏହି ସାହିରେ କୌଣସି ବ୍ୟବସ୍ଥା କରାଯାଇନାହିଁ। କହିବାକୁ ଗଲେ ବିଭାଗୀୟ ଅଧିକାରୀ ମାନେ ଏହି ସାହି ପ୍ରତି ଲୋକ ମାନଙ୍କ ର ସ୍ୱାସ୍ଥ୍ୟକୁ ନେଇ ଖେଳ ଖେଳୁଛନ୍ତି। ଦେଶର ଭବିଷ୍ୟତ ଲୋକଙ୍କ ଜୀବନ ସହ ଏକ ପ୍ରକାର ଖେଳ ଚାଲିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ସାହିରେ ରୋଷେଇ ପାଇଁ ଚୂଆ ପାଣି ଉପରେ ନିର୍ଭର କରନ୍ତି ତା ସହିତବିଦ୍ୟୁତ ନଥିବାରୁ କ୍ୟାଣ୍ଡେଲ କିମ୍ବା ଦୀପ। ଦିନେ ନୁହେଁ କି ମାସେ ନୁହେଁ ଆରମ୍ଭ ରୁ ଏପର୍ଯ୍ୟନ୍ତ ଗୋଟିଏ ନଳକୂପ ମଧ୍ୟ ନିର୍ମାଣ ହେଇପାରି ନାହିଁ। ଯାହା ଫଳରେ ଏହି ବଲମରପଦା କଙ୍ଗଡ଼କାମ୍ବା ସାହିର ଲୋକଙ୍କ ରୋଷେଇ ପାଇଁ ଚୂଆ ପାଣି ଓ ଡିବିରି ଆଲୁଅ ଏକ ମାତ୍ର ସାହା ଭରଷା। ଏଣୁ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଯଥା ଶ୍ରୀଘ୍ର ଏହି ବଲମରପଦା କଙ୍ଗଡ଼କାମ୍ବା ସାହିରେ ଏକ ନୂତନ ନଳକୂପ ଓ ବିଦ୍ୟୁତ୍ ଆଲୁଅ ଯୋଗାଇଦେବା ସଙ୍ଗେ ସଙ୍ଗେ ପାଣି ଟାଙ୍କିର ବ୍ୟବସ୍ଥା କରିବା ନିମନ୍ତେ କଙ୍ଗଡ଼କାମ୍ବା ଗ୍ରାମବାସୀ ସୁରେଶପ୍ରଧାନ, ନୁନ୍ଦେ ପ୍ରଧାନ କାବ୍ଲି ପ୍ରଧାନ, ଲିଟୁ ପ୍ରଧାନ, ରାମଚନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତି ବେହେରା, ମୋଇନା କହଁର, ବିନୋଦ ବେହେରା, ସମେତ ଅଞ୍ଚଳ ବାସୀ ଦାବି କରିଛନ୍ତି। ଅନ୍ୟ ପଟେ ଏହି ବଲମରପଦା କଙ୍ଗଡ଼କାମ୍ବା ଗ୍ରାମବାସୀଙ୍କ ପାଇଁ ଚୁଆ ପାଣି ଓ ଡିବିରି ଆଲୁଅ ଭରଷା ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ।

## ସ୍ୱଚ୍ଛ ଶୌଚାଳୟର ଅସ୍ୱଚ୍ଛ ଅବସ୍ଥା

● ନାଁ ଲେଖି ବାଃ ବାଃ ନେବାକୁ ସରପଞ୍ଚଙ୍କ ମନ




**ବିଞ୍ଝାରପୁର,୨୧।୫(ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକର ସିଂହପୁର ପଞ୍ଚାୟତରେ ରହିଛି ପ୍ରସିଦ୍ଧ ମା ଦରିଆ ନାହାକାଣୀଙ୍କ ମନ୍ଦିର। ପ୍ରତିଦିନ ଏଠାକୁ ସହସ୍ରାଧିକ ଲୋକ ମାଙ୍କ ଦର୍ଶନ ପାଇଁ ଆସିଥାନ୍ତି। କେବଳ ସେତିକି ନୁହଁ ଏଠାରେ ବାହାଘର, ନିର୍ବନ୍ଧ, ବ୍ରତଘର ମଧ୍ୟ ହୋଇଥାଏ। ଏସବୁ କୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଏଠାରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଯାହାମଧ୍ୟରୁ ଗୋଷ୍ଠୀ ଶୌଚାଳୟ ଅନ୍ୟତମ।କିନ୍ତୁ ବ୍ୟବସ୍ଥା ଭିତରେ ଗଢି ଉଠିଥିବା ଏହି ଗୋଷ୍ଠୀ ଶୌଚାଳୟଟି ଏଠି ଅବ୍ୟବସ୍ଥା ଭିତରେ। ବାହାର ଚିକ୍କଣ କିନ୍ତୁ ଭିତର କଥା ନକହିଲେ ଭଲ। ପାଖାପାଖି ୯୦, ୦୦୦ ଟଙ୍କା ବ୍ୟୟବରାଦରେ ତିଆରି ହେଇଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ନକହିବା ଭଲ। ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଅବ୍ୟବସ୍ଥା ଘେରରେ ସ୍ୱଚ୍ଛ ସିଂହ ପୁରର ଏହି ଗୋଷ୍ଠୀ ଶୌଚାଳୟ। କାରଣ ଏହାର ବାହାର ଚିକ୍କଣ ଭିତର ଫମ୍ପା। ଉଭୟ ମହିଳା ଏବଂ ପୁରୁଷଙ୍କ ପାଇଁ ନିର୍ମିତ ହୋଇଥିବା ଏହି ଶୌଚାଳୟରେ ନିଜ ନାମ ଲେଖିଦେଇଛନ୍ତି ସରପଞ୍ଚ। କିନ୍ତୁ କେବେ ଏହି ଗୋଷ୍ଠୀ ଶୌଚାଳୟର ରକ୍ଷଣାବେକ୍ଷଣ କଥା ବୁଝୁନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଗୋଷ୍ଠୀ ଶୌଚାଳୟର ଟ୍ୟାପ ଭାଙ୍ଗି ପଡ଼ିଛି।ଆଉ ଦୁଇଟି ଯାକ ଶୌଚାଳୟ ମଇଳାରେ ପୂର୍ଣ୍ଣ।ଯାହାକୁ ସଫା କରିବାପାଇଁ ପଞ୍ଚାୟତ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନଥିବା ଅଭିଯୋଗ କରିଛନ୍ତି ଏଠାକୁ ଆସୁଥିବା ଶ୍ରଦ୍ଧାଳୁ। ନାମ ଫଳକରେ ନିଜ ନା ଲେଖି ବାଃ ବାଃ ନେଉଥିବା ସରପଞ୍ଚ ଯାତ୍ରୀଙ୍କ ପାଇଁ ନିର୍ମାଣ ହୋଇଥିବା ଏହି ଶୌଚାଳୟର କଥା ଭୁଲିଯାଇଥିବା ମନେହେଉଛି। ତେବେ ଏସବୁ ଯାତ୍ରୀଙ୍କ ସୁବିଧା ପାଇଁ ନୁହେଁ ବରଂ ସରପଞ୍ଚ ଏବଂ ସେମାନଙ୍କ କୁଜି ନେତାଙ୍କ ପକେଟ ଗରମ ପାଇଁ କରାଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଶ୍ୱଚ୍ଛ ଏବଂ ଅବ୍ୟବସ୍ଥା ମଧ୍ୟରେ ଥିବା ଏହି ଗୋଷ୍ଠୀ ଶୌଚାଳୟର ଉନ୍ନତି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଭତ୍ତା ଆବେଦନକୁ ୧୫ ମାସ ହେଲା ଉମା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ



Track Madhu Babu Pension Yojna Application

Track Using Application Number: *
SSEPD/BNFAPP/MBPY/03/30/2024/477447

OR

Enter Aadhaar Number: *
288183388870
01/01/1962

Search Back

| Track Using Application Number | Applicant Name | Father/Husband Name | Aadhar Number | District Name | Mobile Number | Application Status | Rejected Reason | Action |
|---|---|---|---|---|---|---|---|---|
| SSEPD/BNFAPP/MBPY/03/30/2024/477447 | UMA PADHAN | BHIKARAM PADHAN | ********8870 | BOLANGIR | 7609917409 | Forwarded To SSSO | | |

**ଖପ୍ରାଖୋଲ,୨୧।୫(ସଂଚାର ବ୍ୟୁରୋ):** ବିଧବା, ସ୍ୱାମୀ ପରିତ୍ୟକ୍ତା ମହିଳା, ୬୦ ବର୍ଷ ରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କୁ ସରକାର ଙ୍କ ପ୍ରଚଳିତ ଯୋଜନାରେ ସାମିଲ କରି ଭତ୍ତା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି ହେଲେ ଦୁଃଖର କଥା ହିତାଧିକାରୀ ମାନେ ଭତ୍ତା ପାଇଁ ଅନଲାଇନ ରେ ଆବେଦନ କରି ମାସ ମାସ ଧରି ଅପେକ୍ଷା କରି ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କୁ ଯାଇ ଭତ୍ତା ବିଷୟରେ ପଚାରି ପଚାରି ନୟାନ୍ତ ହୋଇ ଭତ୍ତା ନପାଇ ଦୁଃଖରେ ଘରେ ବସିଛନ୍ତି। ଏପରି ବିଭିନ୍ନ ଭତ୍ତା ସକାସେ ଅନଲାଇନ ଆବେଦନାକାରୀ ମାନେ ହେଲେ ଉମା ପଧାନ ଯେକି ୩୦/୦୩/୨୪ ତାରିଖ ଦିନ ବାର୍ଦ୍ଧକ୍ୟ ଭତ୍ତା ଆବେଦନ କରିଥିଲେ। ସେହିପରି, କୁନ୍ତଳା ମୁଣ୍ଡା ସ୍ୱାମୀ ପରିତ୍ୟକ୍ତା ଭତ୍ତା ୧୯/୧୧/୨୪ ତାରିଖ ଦିନ ଆବେଦନ କରିଥିଲେ। ରୁକ୍ମଣୀ ମାଝୀ ବିଧବା ଭତ୍ତା ୧୬/୧୨/୨୪ ତାରିଖ ଦିନ ଆବେଦନ କରିଥିଲେ ଓ ତାରାକାନ୍ତ ବରିହା ଭିନ୍ନକ୍ଷମ ଭତ୍ତା ୨୨/୦୧/୨୦୨୫ ତାରିଖ ଦିନ ଆବେଦନ କରିଥିଲେ। ଏମାନେ ସମସ୍ତେ ଭତ୍ତା ପାଇବା ପାଇଁ ଦିନ ଗଣୁଛନ୍ତି। ଏପଟେ ତାଙ୍କର ବୟସ ବଢ଼ି ବଢ଼ି ଚାଲିଛି। କିନ୍ତୁ ନାଁ ମିଳୁଛି ଭତ୍ତା ନାଁ ଉପକୃତ ହେଉଛନ୍ତି ଯୋଗ୍ୟ ହିତାଧିକାରୀ। ଭତ୍ତା ନମିଳିବାର କାରଣ ବିଷୟରେ ସମାଜ ମଙ୍ଗଳ ଅଧିକାରୀ ଙ୍କୁ ପଚାରିବାରୁ ବୋଲି ସେ କହିନ୍ତି ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ(ଏସ୍‌ଏସ୍‌ଏସ୍‌ଓ) ନିକଟରେ ରହିଛି। ହିତାଧିକାରୀ ମାନେ ଭତ୍ତା ବିଷୟରେ ବୁଝିବାକୁ କାର୍ଯ୍ୟାଳୟ କୁ ଯିବା ଆସିବା କରି ହାଲିଆ ହେଇ ଗଲେଣି।

## ଖବର ପ୍ରକାଶ ପାଇବା ପରେ ପକ୍ଷୀ ସୁରକ୍ଷା ବାହିନୀ ସଜାଗ



**କଣାସ,୨୧।୫(ସଂଚାର ବ୍ୟୁରୋ):** ଶୀତ ଋତୁ ଆଗମନ ହେଲେ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଏସିଆ ମହାଦେଶର ବୃହତମ ହ୍ରଦ ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ଆସ୍ଥାନ ଜମାଇ ଚିଲିକାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି। ଶୀତ ଋତୁ ଶେଷରେ ବିଦେଶୀ ପକ୍ଷୀମାନେ ନିଜ ନିଜ ଦେଶକୁ ଫେରିଯାଆନ୍ତି। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଥିଲେ ମଧ୍ୟ ହଜାର ହଜାର ବିଦେଶୀ ପକ୍ଷୀ ଚିଲିକା ଉପକୂଳ ବର୍ତ୍ତୀ କଣାସ ବ୍ଲକର ଜାଗୁଲାଇପଦର, ମାଳିଶାହି, କଉଡିଖିଣି, ସାହସପୁର, ବଡଓରା, ସାନଓରା, ପାଇକମରା, ଗୋପୀନାଥପୁର, ଓଗାଳପୁର, କଳାପଦର ମୌଜାର ଧାନ ଜମିରେ ଖାଦ୍ୟ ଅନ୍ୱେଷଣରେ ଘୁରି ବୁଲୁଥିବା ଅବସ୍ଥାରେ କେତେକ ବ୍ୟକ୍ତି ପକ୍ଷୀମାନଙ୍କୁ ବିଷ ଦେବା ଓ ଫାଶୀ ଜାଲ ବସାଇ ପକ୍ଷୀ ଗୁଡିକୁ ମାରୁଥିବା ଗତ କାଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଗତ କାଲିଠାରୁ ପକ୍ଷୀ ସୁରକ୍ଷା ଦାୟିତ୍ୱରେ ଟାଙ୍ଗୀ ବନକର୍ମଚାରୀର ପାଞ୍ଚ ଛଅ ଜଣ କର୍ମଚାରୀ ରାତ୍ରରେ ଆସି ବିଭିନ୍ନ ଗ୍ରାମରେ ଜଗି ରହୁଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ମଧ୍ୟ ବିଭିନ୍ନ ରାସ୍ତା କଡରେ ଜଗି ରହି ଦୂର ବିକ୍ଷଣ ଯନ୍ତ୍ର ସାହାର୍ଯ୍ୟରେ ଅନୁଧ୍ୟାନ କରୁଥିଲେ। ପକ୍ଷୀ ସୁରକ୍ଷା କର୍ମଚାରୀମାନଙ୍କ ଫଟୋ ଇ ମେଲରେ ପଠାଗଲା

## ରାଜ୍ୟ କୃତି ଶିକ୍ଷକଙ୍କୁ ଅବହେଳା କାହିଁକି

**ବେଡନଟୀ,୨୧।୫ (ସଂଚାର ବ୍ୟୁରୋ):** ସଂପ୍ରତି ରାଜ୍ୟ ସରକାର ଦୀର୍ଘ ବର୍ଷ ଧରି ବନ୍ଦଥିବା ଓଡିଆ ଚଳଚିତ୍ର ପୁରସ୍କାର ପ୍ରଦାନକୁ ନିୟମିତ କରିବା ଏବଂ ରାଜ୍ୟର ବିଶ୍ୱବିଦ୍ୟାଳୟମାନଙ୍କରେ ଶୂନ୍ୟ ପଡ଼ିଥିବା କୁଳପତି ପଦବୀ ଆଦି ପୂରଣ କରିବାରେ ତତ୍ପରତା ପ୍ରକାଶ କରିଅଛନ୍ତି। ଜନ ଓ ସମାଜର ହିତସାଧନ କରିବାର ଏଭଳି କିଛି ନିଷ୍ପତିକୁ ଆମେ ସ୍ୱାଗତ କରୁଅଛୁ। ଦୁଃଖ ଓ ପରିତାପର ବିଷୟ ତତ୍କାଳୀନ ସରକାରଙ୍କ ଅବହେଳା ଯୋଗୁଁ ଶିକ୍ଷା ଓ ଶିକ୍ଷକର ବୃତ୍ତିଗତ ଉନ୍ନତି ନିମନ୍ତ ପ୍ରଚଳିତ ରାଜ୍ୟ କୃତି ଶିକ୍ଷକ ପୁରସ୍କାର ପ୍ରଦାନ ବ୍ୟବସ୍ଥାକୁ ୨୦୧୮ ମସିହାରୁ ବନ୍ଦ ରଖା ଯାଇଛି। ଏହା ପ୍ରାୟତଃ ପବିତ୍ର ଗୁରୁଦିବସ ଅବସରରେ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ଜଣେ ପ୍ରାଥମିକ ଓ ଅନ୍ୟଜଣେ ମାଧ୍ୟମିକ, ଏପରି ଦୁଇଜଣ ଲେଖାଏଁ କୃତି ଶିକ୍ଷକମାନଙ୍କୁ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରିଥାଆନ୍ତି। ଶୁଣାଯାଏ, ଏଥିନିମନ୍ତେ ବାର୍ଷିକ ଅର୍ଥବ୍ୟବସ୍ଥା କରାଯାଇଅଛି। କିନ୍ତୁ ବାର୍ଷିକ ଶିକ୍ଷକ ଚୟନ ପ୍ରକ୍ରିୟା କରାଯାଇନାହିଁ।୨୦୧୭ ମସିହାରେ ଶିକ୍ଷକ ଚୟନ ପରେ କାର୍ଯ୍ୟକ୍ରମ ବନ୍ଦ ରଖିବାରୁ କିଛି ଶିକ୍ଷକ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇ ଜିତିବା ପରେ ପୁଣି ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରି ପୁନଃ ନ୍ୟାୟଳୟକୁ ଯାଇ ପୁରସ୍କାର ହାସଲ କଲେ। ଏଥିରୁ ସରକାରଙ୍କ ଆନ୍ତରିକତା କେତେ ବେଶ୍ ସ୍ପଷ୍ଟ ହୋଇଥିଲା। ୨୦୧୮ ମସିହାଠାରୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର ପ୍ରଚଳନ ପର୍ଯ୍ୟନ୍ତ ଯେଉଁ କେତେ ବର୍ଷର ଏହି ରାଜ୍ୟ ପୁରସ୍କାର ପ୍ରଦାନ ପ୍ରକ୍ରିୟା ବନ୍ଦ ରହିଛି। ତାହା ସମାପ୍ତ କରିବାକୁ ଆମ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗଠନ ତରଫରୁ ଲିଖିତ ଭାବେ ବହୁବାର ରାଜ୍ୟର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ରାଜ୍ୟପାଳ ମହୋଦୟ ତଥା ଥରଟିଏ ମହାମହିମ ରାଷ୍ଟ୍ରପତିଙ୍କୁ ମଧ୍ୟ ଜଣାଇବା ସତ୍ତ୍ୱେ ସମସ୍ତେ କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ପ୍ରଶ୍ନ କରି ସଂଗଠନର ରାଜ୍ୟ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଅବିଳମ୍ବେ ତାହା ଚାଲୁ କରାଯିବାକୁ ଏଠାରେ ଦୃଢ ଦାବି ଜଣାଇଛନ୍ତି।

## ଷ୍ଟେସନ ମ୍ୟାନେଜରଙ୍କ ଆକ୍ରମଣରେ ସୁରକ୍ଷା କର୍ମୀ ହାବିଲଦାର ଗୁରୁତର



**ଜୟପୁର, ୨୧।୫ (ସଂଚାର ବ୍ୟୁରୋ):** ଜୟପୁର ଏଇଆରପୋର୍ଟ (ବିମାନ ବନ୍ଦର) ଠାରେ ଷ୍ଟେସନ ମ୍ୟନେଜର ଓ ସୁରକ୍ଷା କର୍ମୀ ହାତାହାତୀ ଷ୍ଟେସନ ମ୍ୟାନାଜେର ଙ୍କ ଆକ୍ରମଣ ରେ ଆହତ ହେଲେ ସୁରକ୍ଷା କର୍ମୀ। ଜୟପୁର ସ୍ଥିତ ବିମାନ ବନ୍ଦର ଷ୍ଟେସନ ମ୍ୟାନେଜର ଚନ୍ଦୁ ବେହେରା ଙ୍କ ଆକ୍ରମଣ ରେ ବିମାନ ବନ୍ଦର ରେ ନିୟୋଜିତ ସୁରକ୍ଷା କର୍ମଚାରୀ ହାବିଲଦାର ରାକେଶ କୁମାର ସାହୁ ଗୁରୁତର ଆହତ ହୋଇଛନ୍ତି। ଯାତ୍ରୀ ଙ୍କ ଯାଞ୍ଚ କୁ ନେଇ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା ଏବଂ ଏଥିରେ ଉତକ୍ଷିପ୍ତ ହୋଇ ଷ୍ଟେସନ ମ୍ୟାନେଜର ବେହେରା ଏକ ଧାରୁଆ ଅସ୍ତ୍ର ରେ ରାକେଶ ଙ୍କ ବେକ କୁ ଆକ୍ରମଣ କରିଥିଲେ ଗୁରୁତର ଅବସ୍ଥାରେ ଜୟପୁର ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି। ଏବଂ ଷ୍ଟେସନ ମ୍ୟାନେଜର ଙ୍କ ନାମରେ ଲିଖିତ ଅଭିଯୋଗ ପରେ ଜୟପୁର ପୋଲିସ ଷ୍ଟେସନ ମ୍ୟାନଜେର ଙ୍କୁ ଥାନା ରେ ଅଟକ ରଖୁଥିବା ଜଣାପଡ଼ିଛି।

## ଶ୍ରୀ ବୁଦ୍ଧନାଥ ଦେବଙ୍କ ଚନ୍ଦନ ଯାତ୍ରା

**ବାଲିପାଟଣା,୨୧।୫(ସଂଚାର ବ୍ୟୁରୋ):** ବହୁଦିନ ଧରି ପରମ୍ପରା ରହିଥିବାଐତିହାସିକ ଶୈବପୀଠ ଶ୍ରୀ ବୁଦ୍ଧନାଥ ଦେବ ଙ୍କ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ବାଲିପାଟଣା ଥାନା ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଙ୍କ ତତ୍ତ୍ୱାବଧାନରେ ଠାକୁର ଙ୍କ ଚନ୍ଦନ ଯାତ୍ରା ପରେ ଶ୍ରୀ ବୁଦ୍ଧନାଥ ଏକ ସୁସଜ୍ଜିତ ବିମାନରେ ଥାନା ପରିସର କୁ ଆଗମନ କରାଯାଥାଏ।ଏହାପରେ ଭକ୍ତ ମାନେ ପ୍ରସାଦ ସେବନ କରାଯାଇଥାଏ। ଚଳିତବର୍ଷ ଏଠାରେ ଚକାଡୋଳା ଭଜନ ମଣ୍ଡଳୀ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।କାର୍ଯ୍ୟକ୍ରମ ର ସଫଳତାରେ ଥାନାର ଏସଆଇ ରାକେଶ ସାମଲ, ଘନଶ୍ୟାମ ସାହୁ, କିଶୋର ପାଢ଼ୀ, ପଦ୍ମଲୋଚନ ବେହେରା, ପାୟଲ ପ୍ରଧାନ, ପ୍ରମୋଦ ମିଶ୍ର, ଏନ୍ ଚନ୍ଦ୍ରଶେଖର ଦୋରା ତଥା ଅନ୍ୟ ସମସ୍ତ ଅଫିସର ଓ ମହାଲକ୍ଷ୍ମୀ କ୍ଲବର ସହଯୋଗ ରେ ଅନୁଷ୍ଠିତ ହୋଇଥିଲା।

## ସିମୁଳିଆ ବିଧାୟକଙ୍କ ଶଶୁର ଘରେ ସଶସ୍ତ୍ର ଡକାୟତି



**ବାସୁଦେବପୁର,୨୧।୫ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ଗ୍ରାମପଞ୍ଚାୟତ ମଧୁସୂଦନପୁର ଗ୍ରାମରେ ଏକ ବଡ ଧରଣର ସଶସ୍ତ୍ର ଡକାୟତି ହୋଇଯାଇଛି। ସୂଚନା ଅନୁଯାଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଙ୍କ ଶଶୁର ଘର ବାସୁଦେବପୁର ବ୍ଲକ ମଧୁସୂଦନପୁର ଗ୍ରାମ ର ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତଥା ବିଧାୟକ ଙ୍କ ଶଳା ରଘୁନାଥ ପାଣିଗ୍ରାହୀ ଙ୍କ ଘରେ ରାତି ଦୁଇ ଟା ସମୟ ରେ ପାଞ୍ଚ ରୁ ଛ ଜଣ ଡକାୟତ ଘରର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଘରେ ସତୁରି ବର୍ଷ ବୟସ୍କ ବୃଦ୍ଧ ରଘୁନାଥ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ଙ୍କ ହାତ ଗୋଡ ବାନ୍ଧି ଦୀର୍ଘ ତିନି ଘଣ୍ଟା ଧରି ଲୁଟ ତରାଜ କରିଥିଲେ ଏହି ଡକାୟତ ମାନେ। ଘରେ ଥିବା ସମସ୍ତ ଆଲମିରା ଓ ବାକ୍ସ ଭାଙ୍ଗି ପାଖା ପାଖି କୋଡିଏ ରୁ ପଚିଶି ଭରି ସୁନା ଗହଣା ସହ ବହୁ ମୂଲ୍ୟବାନ ସାମଗ୍ରୀ ନେଇ ଚମ୍ପଟମାରିଥିଲେ ମାରଣାସ୍ତ୍ର ଧରି ଆସିଥିବା ଏହି ଡକାୟତ ମାନେ। ସୂଚନା ଯୋଗ୍ୟ ବୃଦ୍ଧ ରଘୁନାଥ ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ଘଟଣା ଦିନ ଘରେ ଥିବାବେଳେ ତାଙ୍କ ପୁତ୍ର, ବଧୁ ଓ ପରିବାର ର ଅନ୍ୟ ସଦସ୍ୟ ମାନେ ବାହାରେ ଥିବାବେଳେ ଏଭଳି ଏକ ବଡଧରଣର ଡକାୟତି କୁ ନେଇ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ତଦନ୍ତ କରୁଛି ବାସୁଦେବପୁର ପୋଲିସ। ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହ ଏକ ସ୍ୱତନ୍ତ୍ର ପୋଲିସ ଟିମ ଅଧିକ ଅନୁସନ୍ଧାନ ଜାରିରଖିଛି। ଏଭଳି ଚୋରୀ ଘଟଣା ରେ ପୋଲିସ ଡକାୟତ ଙ୍କୁ ଧରିବାରେ କେତେଦୂର ସକ୍ଷମ ହେଉଛି ତାହା ଉପରେ ରହିଛି ସମସ୍ତଙ୍କର ନଜର।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ୱାର୍ଡ ସଭ୍ୟଙ୍କ ଉପଜିଲ୍ଲାପାଳଙ୍କୁ ଅଭିଯୋଗ




**ଜୟପୁର,୨୧।୫ (ସଂଚାର ବ୍ୟୁରୋ):** ସରପଞ୍ଚଙ୍କ ବିରୋଧରେ ଅନସ୍ତା ପାଇଁ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ସମିତି ସଭ୍ୟ ଉପଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ ପତ୍ର ପ୍ରଦାନ। ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତ ସରପଞ୍ଚ ପଦ୍ମା ଦୁରୁଆ ଙ୍କ ମନମୁଖୀ କାର୍ଯ୍ୟ କୁ ନେଇ ତାଙ୍କ ବିରୋଧ ରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୁପ୍ତେଶ୍ୱର ସମିତି ସଭ୍ୟ ଙ୍କ ସହ ୧୨ ଜଣ ୱାର୍ଡ ସଭ୍ୟ ସଭ୍ୟା ଉପଜିଲ୍ଲାପାଳ ଙ୍କ ଲିଖିତ ଅଭିଯୋଗ ସହ ଅନାସ୍ଥା ପ୍ରସ୍ତାବ ଗ୍ରହଣ ପାଇଁ ଦାବି କରିଛନ୍ତି। ସରପଞ୍ଚ ଗତ ୫ ମାସ ହେବ କୌଣସି ବୈଠକ କରୁନାହାନ୍ତି ଗ୍ରାମ ପଞ୍ଚାୟତ ଗ୍ରିକାଶ ଯୋଜନା ରେ ମନମୁଖୀ ଭାବେ ପ୍ରକଳ୍ପ ରଖିବା ସହ କାର୍ଯ୍ୟ କରୁଛନ୍ତି କୌଣସି ୱାର୍ଡ ସଭ୍ୟ ଙ୍କୁ କୌଣସି ସୂଚନା ଦେଉନଥିବା ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଅନାସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ପାଣ ସମାଜ ପ୍ରତିଷ୍ଠା ଦିବସ ପାଳିତ



**କନ୍ଧମାଳ,୨୧।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଣ ସମାଜ କଲ୍ୟାଣ ଗୋଛାପଡା ଶାଖା ଅଧିନରେ ଥିବା ବାଲନ୍ଦାପଡା ଠାରେ ପାଣ ସମାଜ କଲ୍ୟାଣ କମିଟିର ପ୍ରତିଷ୍ଠା ଦିବସ ମହାଆଡମ୍ବରରେ ପାଳିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କାଶିନିପଦର ପଞ୍ଚାୟତ ଗୃପ୍ କମିଟି ସଭାପତି ଶ୍ରୀଯୁକ୍ତ ସକିର୍ତ୍ତନ ଦିଗାଲ, ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ ଚକ୍ରପତି ଦିଗାଲ ପ୍ରମୁଖ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବରେ ଲୁଇସିଂ ପଞ୍ଚାୟତ ଗୃପ୍ ସଭାପତି ବିଶ୍ୱନାଥ ଦିଗାଲ, କ୍ରାଣ୍ଡିବାଲି ପଞ୍ଚାୟତ ଗୃପ୍ ସଭାପତି ମନୋଜ ଦିଗାଲ, କାଶିନିପଦର ପଞ୍ଚାୟତ ଗୃପ୍ ଉପସଭାପତି ବାଳକୃଷ୍ଣ ଦିଗାଲ, ପୂର୍ବତନ ବାଲନ୍ଦାପଡା ଗୃପ୍ କମିଟି ସଭାପତି ଦିଲିପ୍ ଦିଗାଲ, ଯୁବ ସାମ୍ବାଦିକ ସୁନାଶିର ଦିଗାଲ, ସମାଜ ସେବୀ ଜଗଦୀଶ ଦିଗାଲ ପ୍ରମୁଖ ଯୋଗ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ସ୍ଥାନୀୟ ଗୃପ୍ କମିଟି ସଭାପତି ଶ୍ରୀଯୁକ୍ତ ତ୍ରିଲୋଚନ ଦିଗାଲ, ସମ୍ପାଦକ ଗରୁଣ ଦିଗାଲ, ଉପସଭାପତି କିଆବନ ଦିଗାଲ, କୋଷାଧ୍ୟକ୍ଷ ମତିଲାଲ ଦିଗାଲ, ବୁଦ୍ଧଦେବ ଦିଗାଲ, ଯୁବ ସଭାପତି ସଞ୍ଜିବ କୁମାର ଦିଗାଲ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ଗୋକୁଳ ଦିଗାଲ, ଲାସିଙ୍ଗା ଦିଗାଲ, ବାନ୍ଧବ ଦିଗାଲ, ଶାନ୍ତନୁ ଦିଗାଲ, ଲମ୍ବୋଦର ଦିଗାଲ, ବସିଷ୍ଟ ଦିଗାଲ, ନୀଳମଣି ଦିଗାଲ, ମହାବିର ଦିଗାଲ, ଉଦ୍ଧବ ଦିଗାଲ, ଶାନ୍ତନୁ ଦିଗାଲ, ଶିବ ଦିଗାଲ ଖଗେଶ୍ୱର ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଷଷ୍ଠ ଜିଲ୍ଲା ପରିଷଦର ସପ୍ତମ ବୈଠକ ଅନୁଷ୍ଠିତ



**ବରଗଡ଼,୨୧।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଷଷ୍ଠ ଜିଲ୍ଲା ପରିଷଦର ସପ୍ତମ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ମାନ୍ୟବର ବିଧାୟକ ବରଗଡ଼ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ଅତାବିରା ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ମାନ୍ୟବର ବିଧାୟକ ବିଜେପୁର ସନତ କୁମାର ଗଡ଼ତିଆ, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ଭଟଲି ବିଧାୟକ ପ୍ରତିନିଧି ଗୁଣାରୁ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ଏବଂ ଜିଲ୍ଲାର ସମସ୍ତ ବ୍ଲକ, ପୌରାଞ୍ଚଳ ଚେୟାରମେନ/ଅଧ୍ୟକ୍ଷଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲୁହା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ଭୋଇ ସମାସ୍ତ ଲୋକ ପ୍ରତିନିଧି ଏବଂ ଅଧିକାରୀ ମିଳିତ ଭାବେ ସାମୁହିକ କାର୍ଯ୍ୟକଲେ ବରଗଡ଼ ଜିଲ୍ଲାର ଉନ୍ନତି ହୋଇପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହାପରେ ପୁର୍ବ ବୈଠକର ସଭା ବିବରଣୀ ଅନୁଜାୟୀ ଭିଭାଗୱାରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଏବଂ ଯୋଜନାର କାର୍ଯ୍ୟକାରିତା ବିଷୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥାନ କରିଥିଲେ। ପ୍ରଥମେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଶିକ୍ଷା ବିଭାଗର କାର୍ଯ୍ୟକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହ ଗତ ଦଶମ ପରୀକ୍ଷାରେ ଜିଲ୍ଲାର ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ହାର ଉପସ୍ଥାପନ କରିଥିଲେ। ଉପସ୍ଥିତ ଲୋକ ପ୍ରତିନିଧି ପଦମପୁର ପବ୍ଲିକ ସ୍କୁଲ ଏବଂ ବନ୍ଧୁପାଲି ଓଡିଶା ଆଦର୍ଶ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଦଶମ ପରୀକ୍ଷା ଫଳାଫଳ ବାହାରିନଥିବା କାରଣ ପଚାରିବୁଝି ଯଥାଶୀଘ୍ର ଫଳାଫଳ ପ୍ରକାଶ କରିବା ବ୍ୟବସ୍ତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲ୍ଲା ମୁଖ୍ୟ ବନଖଣ୍ଡ ଅଧିକାରୀ ବିକ୍ରମ ପଟ୍ଟନାୟକ ଆଗାମୀ ଦିନରେ ଜିଲ୍ଲାର ବୃକ୍ଷ ରୋପଣ ଯୋଜନା, ବନ୍ୟପ୍ରାଣୀ ର ସୁରକ୍ଷା ବ୍ୟବସ୍ତା ତଥା ବନ୍ୟପ୍ରାଣୀ ଆକ୍ରମଣରେ ମୃତ/ଆହତ ଲୋକଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସରକାରୀ ସୁବିଧାର ତଥ୍ୟ ଉପସ୍ଥାପନ କରିଥିଲେ।

## ଜିଲ୍ଲାସ୍ତରୀୟ ପରାମର୍ଶଦାତା ଓ ଟ୍ୟାକ୍ସଫୋର୍ସ କମିଟି ବୈଠକ



**ସୁନ୍ଦରଗଡ଼,୨୧।୫ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାକ୍ ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା ଓ ଜିଲ୍ଲା ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପଳ ମନୋଜ ସତ୍ୟବାନ୍ ମହାଜନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲାରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା, ପଞ୍ଜିକରଣ ତଥା ନବୀକରଣ ଉପରେ ଆଲୋଚନା କରାଯଇଥିଲା। ବୈଠକ ରେ ଜିଲ୍ଲାରେ କନ୍ୟା ସନ୍ତାନ ଅନୁପାତ ଉପରେ ଆଲୋଚନା କରାଯଇଥିଲା। ୨୦୨୩ ବର୍ଷ ଅନୁପାତରେ ୨୦୨୪ ବର୍ଷରେ ଜିଲ୍ଲା ରେ କନ୍ୟା ସନ୍ତାନ ର ଅନୁପାତ ରେ ବୃଦ୍ଧି ହୋଇଛି। ତଥାପି ଯେଉଁ ବ୍ଲକ ରେ କନ୍ୟା ସନ୍ତାନ ର ଅନୁପାତ କାମ ଅଛି ସେହି ବ୍ଲକ ଗୁଡିକରେ କନ୍ୟା ସନ୍ତାନ ଅନୁପାତ ବୃଦ୍ଧି ଲାଗି ତୃଣମୂଳ ସ୍ତରରେ ସଚେତନତା କରିବା ପାଇଁ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଆଦେଶ ଦେଇଥିଲେ। ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଗୁରୁ ପ୍ରସାଦ ମହନ୍ତ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଚୁଳବତୀ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୃଷ୍ଣଓ କୁମାରୀ ନନ୍ଦ, ଦିଲ୍ଲୀପ କୁମାର ମୁର୍ମୁ, ପବ୍ଲିକ ପ୍ରୋସିକ୍ୟୁଟର ଡା ପୁଷ୍ପମିତ୍ର ଭିତ୍ରିଆ, ଡା ସୁବାସିନୀ ପାଣ୍ଡେ, , ଡା ମନୋଜ କୁମାର ଆଚାର୍ଯ୍ୟ ଜିଲ୍ଲା କର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶଙ୍କର ଆଚାର୍ଯ୍ୟ, ସମାଜ ସେବୀ ସ୍ନେହଲତା ପଟେଲ, ଅମୀୟକାନ୍ତ ନାୟକ, ଉପ ବିଶ୍ୱମ୍ବର ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଏବଂ ସହ ସଂଯୋଜକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

**ଭେଡେନ,୨୧।୫(ସଂଚାର ବ୍ୟୁରୋ):** ଭେଡେନ ଠାରେ ବୁଧବାର ଦିନ ବିଜେପି ଦଳ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ରେ ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପି ଜିଲ୍ଲା ସଭାପତି ଅରୂପା ନନ୍ଦ ସାହୁ, ବହୁ ବରିଷ୍ଠ ଯୁବ ଓ ମହିଳା ବିଜେପି ନେତା ମାନେ ତଥା ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରା ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରୁ ବାହାରି ବସଷ୍ଟାଣ୍ଡ ଟ୍ରେକର ଷ୍ଟାଣ୍ଡ ଦେଇ ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇଥିଲା ।

